R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୦
ତିଥି : ଏକାଦଶୀ
୨୫ ଜୁଲାଇ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 290
25 July 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସିଂହଦ୍ୱାର ସମ୍ମୁଖରେ ତିନି ରଥ

ପୁରୀ, ୨୪।୭ (ସବ୍ୟୁ) : ଆଷାଢ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା। ନବଦିନାତ୍ମକ ମାନବିୟ ଲୀଳାଖେଳ ସାରି ଗୁଣ୍ଡିଚା ମନ୍ଦିର ଜନ୍ମ ବେଦୀରୁ ତିନି ରଥରେ ରଥାରୁଢ଼ ହୋଇ ଶ୍ରୀମନ୍ଦିର ଅଭିମୂଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ବିଗ୍ରହମାନଙ୍କର

## ଅଣନିଃଶ୍ୱାସରୁ ଜଣେ ଶ୍ରଦ୍ଧାଳୁ ମୃତ

ପହଣ୍ଡି ଓ ବାହୁଡା ଯାତ୍ରା ଦେଖିବା ପାଇଁ ପୁରୀରେ ଆଜି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ପହଣ୍ଡି ବିଜେ ଦର୍ଶନ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ତିନି ରଥ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇ ରହି ଥିଲେ।

ଅପରାହ୍ଣ ୪ ଟା ୩୦ ମିନିଟ ସମୟରେ ରଥ ଟଣା ଆରମ୍ଭ ହୋଇ ରାତ୍ର ୯ ଟା ୩୦ ମିନିଟ ସୁଦ୍ଧା ସିଂହଦ୍ୱାରରେ ଲାଗିଥିଲା। ରାତ୍ର ହୋଇ ଯିବାରୁ ରଥ ସମ୍ମୁଖରେ ଉଜ୍ଜଳ ଆଲୋକରେ ଆଲୋକିତ କରାଯାଇ ଥିଲା। ଉଜ୍ଜ୍ୱଳ ଆଲୋକରେ ରଥ ଟଣା ହୋଇ ଥିଲା। ଆସନ୍ତା କାଲି ହରି ଶୟନ ଏକାଦଶୀ। ପରମ୍ପରା ଅନୁଯାଇ ହରିଶୟନ ଏକାଦଶୀରେ ରଥାରୁଢ଼ ବିଗ୍ରହମାନଙ୍କର ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହୋଇଥାଏ। ସେହି ପରମ୍ପରା ଅନୁଯାଇ ଆସନ୍ତା କାଲି ତିନି ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ। ସବୁ ବର୍ଷ ବିଗ୍ରହଙ୍କର ସକାଳ ପ୍ରାୟ ୯ ଟା ସୁଦ୍ଧା ପହଣ୍ଡି ବିଜେ ନୀତି ଅନୁଶ୍ଠିତ ହୋଇ ୧୨ ଟା ସୁଦ୍ଧା ଶେଷ ହୋଇ ଥାଏ। ତେବେ ଚଳିତବର୍ଷ ଚୂଡ଼ାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଠାରୁ ଏକ ଘଣ୍ଟା ପୂର୍ବରୁ ୧୦ ଟା ୫୦ ମିନିଟରେ ବିଗ୍ରହଙ୍କର ପହଣ୍ଡି ବିଜେ (୯ ପୃଷ୍ଠାରେ)



ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ଶ୍ରୀଜୀଉ

## ଆଜି ଶ୍ରୀଜୀଉଙ୍କ ସୁନାବେଶ

ପୁରୀ, ୨୪।୭ (ସବ୍ୟୁ) : ଆଜି ହେଉଛି ହରିଶୟନ ଏକାଦଶୀ। ଶ୍ରୀମନ୍ଦିର ପରମ୍ପରା ଅନୁଯାଇ ବାହୁଡ଼ା ଯାତ୍ରା ପରଦିନ ଏକାଦଶୀ ତିଥିରେ ତିନି ରଥ ଉପରେ ଶ୍ରୀଜୀଉମାନଙ୍କର ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହୋଇଥାଏ। ସେହି ପରମ୍ପରା ଅନୁଯାଇ ଆଜି ରଥାରୂଢ ବିଗ୍ରହମାନଙ୍କର ସୁନାବେଶ ବା ବଡ ତଢ଼ାଉ ବେଶ ଅନୁଷ୍ଠିତ ହେବ। ମହଣ ମହଣ ସ୍ବର୍ଣ୍ଣ ଅଳଙ୍କାର ଆଭୂଶିତ ହେବେ। ସୁନାବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେବେ। ଶ୍ରୀଜୀଉମାନଙ୍କର ସୁନାବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଚୂଡାନ୍ତ ହୋଇ ଥିବା ନୀତି ନିର୍ଦ୍ଧଣ୍ଟ ଅନୁଯାଇ ଏକାଦଶୀ, ବଡ଼ ତଢ଼ାଉ ବେଶ ବା ସୁନାବେଶ ଓ ଶ୍ରୀହରିଶୟନ ନୀତି, ୩ ରଥ ମଙ୍ଗଳଆଳତି ପ୍ରାତଃ ଘ.୬.୦୦ରୁ ଘ.୬.୩୦, ମଙ୍ଗଳମ-ତଡ଼ପଲାଗି ଘ.୭.୦୦, ଅବକାଶ ଘ.୮.୦୦, ବେଶଶେଷ ଘ.୯.୦୦, ଗୋପାଳବଲ୍ଲଭ ଘ.୧୦.୦୦ରୁ ଘ.୧୦.୩୦, ସକାଳଧୂପ ଘ.୧୧.୦୦ରୁ ଘ.୧୨.୦୦, ମଙ୍ଗଳମ ଘ.୧୨.୩୦, ମହାସ୍ନାନ ଓ ସର୍ବାଙ୍ଗ (୯ ପୃଷ୍ଠାରେ)

## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

# ଏନ୍‌ଟିଏରୁ ବିଦା ହେଲେ ୪୭ ଅଧିକାରୀ

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ ସଡ଼କରୁ ସଂସଦ ଯାଏ ପ୍ରତିବାଦ ଚାଲୁଥିବା ସମୟରେ ଏହାର ପରିଚାଳନା ଦାୟିତ୍ୱରେ ଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏନଟିଏର ୪୭ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାସକ ମଧ୍ୟରେ ଏନଟିଏର ପୁନର ଗଠନ କରାଯିବ। ଏଜେନ୍ସି ଯେଉଁ ଭଳି ଆଉଟ ସୋର୍ସିଂରୁ କର୍ମଚାରୀ ଆଣୁଥିଲେ ଏହା ଉପରେ ବ୍ରେକ ଲାଗିବ। ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି।

### କ୍ୟାବିନେଟ୍‌ରେ ଚିଠା ବିଲ୍ ପାରିତ

### ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତଙ୍କୁ ୧୦ କୋଟି ଜରିମାନା

୨୦୧୭ରେ ସରକାର ସ୍ୱୟଂଶାସିତ ଭାବେ ଏନଟିଏ ଗଠନ କରିଥିଲେ। ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇବାକୁ ହେବାକୁଥିବା ପ୍ରବେଶିକା ପରୀକ୍ଷାକୁ ଏହି ସଂସ୍ଥା ପରିଚାଳନା କରେ। ଏନଟିଏ ପ୍ରାୟ ୨୦ଟି ଜାତୀୟସ୍ତରର ପରୀକ୍ଷା କରିଥାଏ। ସେହିଭଳି କ୍ୟାବିନେଟ ମଧ୍ୟ ପ୍ରଶ୍ନପତ୍ର ଲିକ ଘଟଣାରେ ଅଧିକ ଦଣ୍ଡ ବିଧାନ ପାଇଁ ଏକ ଚିଠା ବିଲକୁ ଅନୁମୋଦନ କରାଯାଇଛି। ସର୍ବସାଧାରଣ ସାଧାରଣ ପରୀକ୍ଷାରେ (ଅସାଧୁ ଉପାୟ ନିରୋଧ) ଆଇନ୍ ୨୦୨୪ରେ ସଂଶୋଧନ କରାଯିବ। ଏଥିରେ ଥିବା ଜେଲ୍ ଦଣ୍ଡ ବ୍ୟବସ୍ଥାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଇଛି। ସେହିଭଳି ପେପର ଲିକ୍ ଘଟଣାରେ ଜରିମାନାକୁ ୧ କୋଟିରୁ ସର୍ବାଧିକ ୧୦ କୋଟି (୯ ପୃଷ୍ଠାରେ)

## ଏଚ୍‌ସିଏଲ୍‌ଟେକ୍-ସର୍ଭମ୍ ଏଆଇ ମଧ୍ୟରେ ଦୁଇ ଏମ୍‌ଓୟୁ

# ୫ ବର୍ଷରେ ୧୫ ହଜାର କୋଟି ନିବେଶ, ୬ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଆଜି ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଶ୍ୱପ୍ରସିଦ୍ଧ ଏଚ୍‌ସିଏଲ୍ ଟେକ୍ ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା 'ସର୍ଭମ ଏଆଇ' ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତ୍ତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଏଚ୍‌ସିଏଲ୍ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ। ଏହି ଗ୍ଲୋବାଲ୍ ଡେଲିଭରି ସେଣ୍ଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ସୂଚନାଯୋଗ୍ୟ ଯେ, (୯ ପୃଷ୍ଠାରେ)

# ୨୪ ଘଣ୍ଟାରେ ଲଘୁଚାପ, ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୪।୭ (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ରୂପ ନେବ। ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ସ୍ଥାନେସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ସର୍ବାଧିକ ୫୦ମିମି ବର୍ଷା ହୋଇଥିବାବେଳେ ବାରିପଦାରେ ୨୭ ମିମି, ଭଦ୍ରକରେ ୧୭ ମିମି ବର୍ଷା ରେକର୍ଡ଼ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗାଙ୍ଗେୟ ପଶ୍ଚିମବଙ୍ଗର ଉତ୍ତରାଞ୍ଚଳ ଏବଂ ପାର୍ଶ୍ୱବର୍ତ୍ତୀ ବାଂଲାଦେଶର (୯ ପୃଷ୍ଠାରେ)

## ରାଜ୍ୟ ବାହାରକୁ ସରକାରୀ ଅଧିକାରୀ ଗଲେ ୨୧ ଦିନ ପୂର୍ବରୁ ଛୁଟି ଆବେଦନ

# ବିନା ଅନୁମତିରେ ଛାଡ଼ିବେନି ମୁଖ୍ୟାଳୟ

ଭୁବନେଶ୍ୱର, ୨୪।୭ (ସବ୍ୟୁ): ବ୍ୟକ୍ତିଗତ କାରଣରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯାତ୍ରା କରୁଥିବା ସରକାରୀ କର୍ମଚାରୀ/ଅଧିକାରୀଙ୍କ ପାଇଁ ଅର୍ଥ ବିଭାଗ କଡ଼ା ନିୟମ ଜାରି କରିଛି। ଏଣିକି ଓଡ଼ିଶା ବାହାରକୁ କିମ୍ବା ବିଦେଶ ଗସ୍ତ ପୂର୍ବରୁ ସମ୍ପୃକ୍ତ କର୍ମଚାରୀଙ୍କୁ ଅତି କମରେ ୨୧ ଦିନ ପୂର୍ବରୁ ଛୁଟି ପାଇଁ ଆବେଦନ କରିବାକୁ ହେବ । ଏଥିସହ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଛୁଟି ମଞ୍ଜୁର କରାଇବା ସହ ସଦର ମହକୁମା (ହେଡ କ୍ୱାର୍ଟର୍ସ) ଛାଡ଼ିବା ପାଇଁ ପୂର୍ବାନୁମତି (୯ ପୃଷ୍ଠାରେ)

# ଆନ୍ଦୋଳନରେ ସାମିଲ ନ ହେବାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୪।୭ : ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆରେ ଯନ୍ତର ମନ୍ତର ଠାରେ ଚାଲିଥିବା ବେଆଇନ୍ ମେଳି ଓ ଛାତ୍ର ଆନ୍ଦୋଳନରୁ ଦୂରେଇ ରହିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଏଭଳି କାର୍ଯ୍ୟକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କଡା ସମାଲୋଚନା କରିଛନ୍ତି। ଏଭଳି ମାର୍ଗଦର୍ଶିକା ଜାରି କରିବାକୁ କିଭଳି ସାହାସ କଲ ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନୁହଁ ଜେଏନ୍‌ୟୁ ପକ୍ଷରୁ ମଧ୍ୟ ସମାନ ମାର୍ଗଦର୍ଶିକା ଜାରି ହୋଇଛି।

ମାର୍ଗଦର୍ଶିକାକୁ ନେଇ ରାହୁଲ

### ସମାଲୋଚନା କଲେ ରାହୁଲ

ସୋସିଆଲ ମିଡ଼ିଆରେ ଲେଖିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରିବାକୁ ଚେତାବନୀ ଦେବାକୁ କିଳଭି ସାହାସ କଲ। ବିଶ୍ୱବିଦ୍ୟାଳୟକୁ ଉତ୍ତରଦାୟୀ କରାଯାଉ। ସମୟ ଆସିଲେ ଆମେ ତୁମ ଉପରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବୁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ ଯନ୍ତର ମନ୍ତରରେ ବେଆଇନ୍ ମେଳି ଓ ବିକ୍ଷୋଭ ଚାଲିଛି। ସୁପ୍ରିମ୍‌କୋର୍ଟ ମଧ୍ୟ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକ ଛାତ୍ରମାନଙ୍କ ପ୍ରତି ଗୁରୁତ୍ୱର ବିପଦ ରହିଛି। ଛାତ୍ରଙ୍କ ସୁରକ୍ଷା ଉପରେ ପ୍ରଭାବ ପକାଇବାକୁ ଥିବାରୁ ଏଥିରୁ ଦୂରେଇ ରହିବାକୁ (୯ ପୃଷ୍ଠାରେ)

## ସରକାରଙ୍କ ସହ ସିଜେପିର ଆଲୋଚନା

# କେତେକ ଦାବି ଉପରେ ଉଭୟଙ୍କ ସହମତି

## ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗରେ ଆଜି ଜଣାଇବେ ସରକାର

ନୂଆଦିଲ୍ଲୀ, ୨୪।୭ : କକ୍ରୋଚ ଜନତା ପାର୍ଟି (ସିଜେପି) ଓ ସରକାରଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। ସିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଜୋରଦାର କରାଯିବା ସହ ସେମାନେ ଦେଇଥିବା ଦାବିଗୁଡ଼ିକରେ କୌଣସି ବୁଝାମଣା ହେବନାହିଁ ବୋଲି ସରକାରଙ୍କୁ ସ୍ପଷ୍ଟ ଭାବେ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଇସ୍ତଫା ସମ୍ପର୍କରେ ଆସନ୍ତାକାଲି ଅପରାହ୍ଣ ସୁଦ୍ଧା ସରକାର ତାଙ୍କ ପକ୍ଷ ସ୍ପଷ୍ଟ କରିବେ ବୋଲି ସିଜେପି ପ୍ରତିନିଧିଙ୍କୁ କୁହାଯାଇଛି। ଆସନ୍ତାକାଲି ପୁଣି ଉଭୟଙ୍କ ମଧ୍ୟରେ ଆଲୋଚନା ହେବ।



କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂଙ୍କ ସହ ସିଜେପି ମୁଖପାତ୍ର ସୌରଭ ଦାସ ଓ ଆଶୁତୋଷ ରଙ୍କା ଆଲୋଚନା କରିଥିଲେ। ଆଲୋଚନା ସମୟରେ ସିଜେପି ପକ୍ଷରୁ ଏକ ଚିଠି ମଧ୍ୟ ଶ୍ରୀ ନଡ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଯନ୍ତର ମନ୍ତରରେ ସିଜେପିର ଆନ୍ଦୋଳନ ଚାଲିଛି। ସରକାର ଉଭୟ ପକ୍ଷକୁ ସୁହାଇଲା ଭଳି ଏକ ସମାଧାନର ରାସ୍ତା ଖୋଜନ୍ତୁ। ଦୀର୍ଘ କିଛିଦିନ ହେବ ଆମେ ଆମ ସମର୍ଥକ ଓ ଦେଶବ୍ୟାବୀ ଥିବା ସଦସ୍ୟଙ୍କ ସହ ଆଲୋଚନା କରିଛୁ। ପ୍ରତିବାଦକାରୀମାନେ ଯନ୍ତର ମନ୍ତର ଆସୁଛନ୍ତି ଓ ଆମ ଦାବି (୯ ପୃଷ୍ଠାରେ)

# ପଞ୍ଚମ ଦିନରେ ସଂସଦ ଅଚଳ

ନୂଆଦିଲ୍ଲୀ, ୨୪।୭ : ସୋମବାରରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଲଗାତର ୫ ଦିନ ହେଲାଣି ଚାଲିପାରନାହିଁ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା, ଛାତ୍ରଙ୍କ ଉପରେ ପୋଲିସର ହୋଇଥିବା ଆକ୍ରମଣ ପ୍ରସଙ୍ଗରେ ବିରୋଧୀ ସାସଦମାନେ ଗୃହ ଅଚଳ କରୁଛନ୍ତି। ଏ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ମାତ୍ର ବିରୋଧୀ ଦଳଗୁଡ଼ିକ ସଂସଦରେ ଏ ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଆଣିବାକୁ ଚାହୁଁଛନ୍ତି। ଆଲୋଚନା ପୂର୍ବରୁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ କରିଛନ୍ତି। ଯାହାକୁ ନେଇ ପଞ୍ଚମ ଦିନରେ ବି ଗୃହ ଅଚଳ ହୋଇଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ଲୋକସଭାରେ କହିଥିଲେ ଯେ ବିରୋଧୀ ଦଳଙ୍କୁ ବାଚସ୍ପତିଙ୍କ ମାଧ୍ୟମରେ ଏହି ବାର୍ତ୍ତା ଦିଆଯାଇଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ସଂସଦର ଉଭୟ ଗୃହରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ । ବିରୋଧୀ ଦଳର ପସନ୍ଦ ଅନୁଯାୟୀ ତାରିଖ ଏବଂ ଫର୍ମାଟକୁ ମଧ୍ୟ ଗ୍ରହଣ କରିବୁ। ଲୋକସଭା ବାଚସ୍ପତି ପୂର୍ବରୁ ଗୃହରେ କହିଥିଲେ ଯେ ଖୋଲା ବୁଝାମଣା ସମ୍ପର୍କରେ ବିତର୍କ ପାଇଁ ସମୟ ଧାର୍ଯ୍ୟ କରାଯିବ। ଗୃହ ସବୁ ପ୍ରସଙ୍ଗରେ ଆଲୋଚନା ଲାଗି ପ୍ରସ୍ତୁତ ରହିଛି। ତେବେ ବିରୋଧୀ ସାଂସଦମାନେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହି ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି। ଫଳରେ ଉଭୟ ଗୃହକୁ ଆସନ୍ତା ସୋମବାର ଯାଏ ମୁଲତବି କରାଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)



# ସୁନାବେଶ

ସରିଆସୁଛି କୋଟି ବ୍ରହ୍ମାଣ୍ଡର ନାୟକ ଓଡ଼ିଆ ଜାତିର ପ୍ରାଣ ଦେବତା ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରା । ମାଉସୀଘରୁ ବାହୁଡ଼ି ପ୍ରଭୁ ଉଭା ହୋଇଛନ୍ତି ଶ୍ରୀମନ୍ଦିର ସମ୍ମୁଖରେ । ଠାକୁରଙ୍କର ଏହି ନବଦିନ ଧରି ଅନେକ ରୀତିନୀତି ସମାପନ ହୋଇଥାଏ, ସେଥିରୁ ଗୋଟିଏ ହେଲା ସୁନାବେଶ । ସବୁଠାରୁ ନିଆରା ଓ ସୁନ୍ଦର ହେଉଛି ଏହି ବେଶ ଯାହାକୁ ଦେଖିବାକୁ ଭକ୍ତମାନେ ସବୁବେଳ ଅପେକ୍ଷାରେ ଥାଆନ୍ତି ।

ସୁନାବେଶ ବା ରାଜବେଶ ବା ବଡ଼ତଢାଉ ବେଶ ତିନି ଠାକୁରଙ୍କର ଏକ ବିଶେଷ ବେଶ, ଯହିଁରେ ଦିଅଙ୍କୁ ସୁବର୍ଣ୍ଣ ଆଭୂଷଣରେ ସାଜ କରାଯାଏ । ପ୍ରତିବର୍ଷ ସୁନାବେଶ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା (ପୁଷ୍ୟାଭିଷେକ), ଫାଲଗୁନ ପୂର୍ଣ୍ଣିମା (ଦୋଳ ପୂର୍ଣ୍ଣିମା), ହରିଶୟନ ଏକାଦଶୀ (ବାହୁଡ଼ା ଏକାଦଶୀ), କାର୍ତ୍ତିକ ପୂର୍ଣ୍ଣିମା (ରାଜରାଜେଶ୍ୱର ବେଶ) ଓ ବିଜୟାଦଶମୀ (ଦଶହରା), ଦିନ ଅନୁଷ୍ଠିତ ହୋଇଥାଏ । ଏଥିମଧ୍ୟରୁ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀଜୀଉମାନେ କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ ଦଶହରା ତିଥି ଗୁଡ଼ିକରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି ଓ କେବଳ ଥରେ ମାତ୍ର ସମସ୍ତବର୍ଗର ଜନତାଙ୍କ ପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ରଖାଯାଇଥିବା ତିନିରଥ ଉପରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି । ଶ୍ରୀଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ, ପ୍ରାୟ ୨ଘଣ୍ଟା ସମୟ ବିନିମୟରେ ତିନିରଥ ଉପରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀଜୀଉମାନେ ସୁନାବେଶରେ ପ୍ରାୟ ୬ଘଣ୍ଟା ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଭିତରଛ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ତଳିଛ ମହାପାତ୍ର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପୁଷ୍ପାଳକ ସେବାୟତ ଦେବୀ ସୁଭଦ୍ରାଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିବାର ପରମ୍ପରା ରହିଛି । ଶିଳାଲେଖରେ ଉଲ୍ଲେଖ ରହିଛି ରାଜା ଅନଙ୍ଗଭୀମ ଦେବ ଓଡ଼ିଆଙ୍କ ପରମାଧ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତାରୂପେ ଘୋଷଣା କରିଥିଲେ । ରାଜା ମହାରାଜାମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ । କିଛି ରାଜା ମହାପ୍ରଭୁଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ରାଜଭିଷେକ ମଧ୍ୟ କରିଥିଲେ । କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇଥିଲେ । ଅନ୍ୟ କେତେ ଗବେଷକଙ୍କ ମତରେ ରଥଉପରେ ସୁନାବେଶ ବଡ଼ତଢାଉଙ୍କ ପରାମର୍ଶରେ ରାଜା କରେଇଥିଲେ । ରାଜା କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ । ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି । ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଢାଉଙ୍କ ପରାମର୍ଶ ନେଇଥିଲେ । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଢାଉ ରାଜାଙ୍କୁ ବିନତି କରିଥିଲେ । ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ । ବହୁବର୍ଷ ଧରି ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହେଉଥିଲା । ଏବେ ଏଥିରେ କିଛି ପରିବର୍ତ୍ତନ ହୋଇଛି । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ ପୋଲିସ ଓ ଶ୍ରୀମନ୍ଦିର ଅଫିସରଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣିଥାନ୍ତି । ତିନି ରଥରେ ରଥାରୂଢ଼ ଦାରୁଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରମୁଖ ସୁନାବେଶ ଆଭୂଷଣ ଲାଗି କରିଥାନ୍ତି ।




## ସୋସିଆଲ କୋଟ୍ସ



ଗୋଟିଏ ଜୀବ ପ୍ରତି ଏଭଳି ବ୍ୟବହାର ନିନ୍ଦନୀୟ । ଏ ବ୍ୟକ୍ତି ଜଣଙ୍କ କେତେ ଖରାପ, କିଏ ସେ ଏହି ବ୍ୟକ୍ତି ଯିଏ ସେଠି ଠିଆ ହୋଇ ଏପରି ପୋଜ ଦେଉଛନ୍ତି ।

**ମଲାଇକା ଅରୋରା, ଅଭିନେତ୍ରୀ**



୪୭ ଦିନ ପରେ ମୁହଁ ଖୋଲିଲେ, ତଥାପି କିଛି କହିଲେନି । ପ୍ରଭାବିତଙ୍କ ପାଇଁ ପଦେ ବି ସହାନୁଭୂତି ଭରା ଶବ୍ଦ ନାହିଁ । ଯାହା ଖୁବ କଷ୍ଟ ଦେଲା ।

**ଦିୟା ମିର୍ଜା, ଅଭିନେତ୍ରୀ**



ଟିଭି ଇଣ୍ଡଷ୍ଟ୍ରୀରେ ଡ୍ରଗ୍ସର ଏକ ବଜେଟ ହୋଇଥାଏ । ଅନେକଥର ନିଶା କାରଣରୁ ସୁଟିଂ କ୍ୟାନ୍ସଲ ହୋଇଛି ।

**ନାରାୟଣୀ ଶାସ୍ତ୍ରୀ, ଅଭିନେତ୍ରୀ**


## ଦିବ୍ୟ ବ୍ୟଞ୍ଜନ



### ରସଗୋଲା

**ସାମଗ୍ରୀ :** ଗାଈ ଖୀର ୧ ଲିଟର ,ଲେମ୍ବୁ ରସ / ଦହି : ୨ ଚାମଚ (ଖୀର ଛିଣ୍ଡାଇବା ପାଇଁ), ସୁଜି : ୧ ଚାମଚ, ଚିନି : ୨ କପ, ପାଣି: ୪ ରୁ ୫ କପ, ଗୁଜୁରାତି ଗୁଣ୍ଡ : ୧/୨ ଚାମଚ ।

**ପ୍ରସ୍ତୁତି -** ପ୍ରଥମେ ଗୋଟିଏ ପାତ୍ରରେ ଖୀରକୁ ଭଲଭାବେ ଫୁଟାନ୍ତୁ । ଖୀର ଫୁଟି ଆସିଲେ ଗ୍ୟାସ୍ ବନ୍ଦ କରି ସେଥିରେ ଧୀରେ ଧୀରେ ଲେମ୍ବୁ ରସ ମିଶାନ୍ତୁ, ଯାହାଦ୍ୱାରା ଖୀରରୁ ଛେନା ଓ ପାଣି ଅଲଗା ହୋଇଯିବ । ଏବେ ଏକ ସୁତା କପଡ଼ାରେ ଛେନାକୁ ଛାଣି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ, ଯେପରି ଲେମ୍ବୁର ଖଟାପଣ ବାହାରିଯିବ । କପଡ଼ାକୁ ଚିପୁଡ଼ି ଛେନାରୁ ସବୁ ପାଣି ନିଗାଡ଼ି ଦିଅନ୍ତୁ ଏବଂ ୨୦-୩୦ ମିନିଟ୍ ପାଇଁ ଟାଙ୍ଗି ରଖନ୍ତୁ । ଏହାପରେ ଛେନାକୁ ଏକ ଥାଳିରେ କାଢ଼ି ସେଥିରେ ସୁଜି ମିଶାଇ ହାତ ପାପୁଲି ସାହାଯ୍ୟରେ ୮-୧୦ ମିନିଟ୍ ପର୍ଯ୍ୟନ୍ତ ନରମ ହେବା ଯାଏଁ ଚକଟି ଦିଅନ୍ତୁ । ଏହାପରେ ୪-୫ କପ୍ ପାଣି, ଚିନି ଓ ଗୁଜୁରାତି ଗୁଣ୍ଡ ମିଶାଇ ଫୁଟାଇ ଏକ ପତଳା ଶିରା ପ୍ରସ୍ତୁତ କରନ୍ତୁ । ସେପଟେ ଚକଟା ଛେନାରୁ ଛୋଟ ଛୋଟ ଗୁଳା ତିଆରି କରନ୍ତୁ, ଯେପରି ଗୁଳାଗୁଡ଼ିକରେ କୌଣସି ଫାଟ ନଥାଏ । ଏବେ ଫୁଟୁଥିବା ଚିନି ଶିରାରେ ଏହି ଛେନା ଗୁଳାଗୁଡ଼ିକୁ ଗୋଟିଏ ଗୋଟିଏ କରି ଛାଡ଼ନ୍ତୁ । ପାତ୍ରକୁ ଘୋଡ଼ାଇ ତୀବ୍ର ଆଞ୍ଚରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ, ଯାହାଦ୍ୱାରା ରସଗୋଲା ଗୁଡ଼ିକ ଆକାରରେ ବଡ଼ ହୋଇଯିବେ ଏବଂ ଶିରାକୁ ଭଲଭାବେ ଶୋଷିନେବେ ।



ଗ୍ୟାସ୍ ବନ୍ଦ କରିବା ପରେ ରସଗୋଲାକୁ ଶିରାରେ କିଛି ସମୟ ବୁଡ଼ି ରହିବାକୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଛେନା ରସଗୋଲା ।

## ଡ୍ରଗ୍ସ ପେଡଲର ବିଲେଇ

ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ମଣିଷମାନଙ୍କୁ ଡ୍ରଗ୍ସ ଚୋରା ଚାଲାଣ କରୁଥିବାର ଦେଖିବାକୁ ମିଳିଥାଏ । ହେଲେ ନିକଟରେ ରୁଷରେ ଏହି କାମ ପାଇଁ ଏକ ବିଲେଇକୁ ବ୍ୟବହାର କରାଯିବାର ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି । ଯେଉଁଠାରେ ଜେଲ୍ ଭିତରକୁ ଡ୍ରଗ୍ସ ପହଞ୍ଚାଇବାକୁ ଚେଷ୍ଟା କରୁଥିବା ଏକ ବିଲେଇକୁ ପ୍ରବେଶ ପଥରେ ହିଁ ଅଟକାଯାଇଛି । ଉକ୍ତ ବିଲେଇଟି ଜେଲ୍ ପରିସର ମଧ୍ୟକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ ଜେଲ୍ କର୍ମଚାରୀମାନେ ତାକୁ ଦେଖି ଅଟକାଇଥିଲେ ଏବଂ ତା' ବେକରେ ଦୁଇଟି କପଡ଼ା କଲର (ପଟ୍ଟା) ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲେ । ଯେଉଁଥିରେ ଚାଲାକିର ସହ ଡ୍ରଗ୍ସ ଲୁଚାଯାଇ ରଖାଯାଇଥିଲା । ପରେ କର୍ମଚାରୀମାନେ ସେହି କଲରଗୁଡ଼ିକୁ ବାହାର କରି ପରୀକ୍ଷା କରିବା ପରେ ସନ୍ଧାନୀ କୁକୁର ସାହାଯ୍ୟରେ ସେଥିରେ ନିଶାଦ୍ରବ୍ୟ ଥିବା ନିଶ୍ଚିତ ହୋଇଥିଲେ ଏବଂ ଅଧିକାରୀମାନେ ସେହି ସମସ୍ତ ଡ୍ରଗ୍ସକୁ ଜବତ କରିନେଇଥିଲେ । ତେବେ ଏହି ସମଗ୍ର ପ୍ରକ୍ରିୟାରେ ବିଲେଇଟିକୁ କୌଣସି ଆଘାତ ପହଞ୍ଚାଯାଇନାହିଁ ଏବଂ ତାକୁ ସୁରକ୍ଷିତ ଭାବେ ଫେରାଇ ଦିଆଯାଇଥିବା ସୂଚନା ରହିଛି ।



## ଇତିହାସ

୧୮୧୩- ଭାରତରେ ପ୍ରଥମକରି ବୋଟ୍ ରେସ୍ ପ୍ରତିଯୋଗିତା କଲିକତାରେ ଆୟୋଜିତ ।

୧୮୩୭- ଇଲେକ୍ଟ୍ରିକ୍ ଟେଲିଗ୍ରାଫ୍‌ର ସଫଳତାପୂର୍ବକ ପ୍ରଦର୍ଶନ ।

୧୯୫୬- ଓଡ଼ିଶାର ପ୍ରସିଦ୍ଧ ସାହିତ୍ୟିକ ତଥା ପୂର୍ବତନ ମନ୍ତ୍ରୀ ଗୋଦାବରିଶ ମିଶ୍ରଙ୍କ ଦେହାନ୍ତ ।

୧୯୮୭- ଇଂଲଣ୍ଡରେ ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇ ବ୍ରାଉନ୍‌ଙ୍କ ଜନ୍ମ ।

୧୯୮୭- ରଙ୍ଗସ୍ୱାମୀ ଭେଙ୍କଟରମଣ ଭାରତର ଅଷ୍ଟମ ରାଷ୍ଟ୍ରପତି ହେଲେ ।

୨୦୦୦- କାନ୍‌କୋର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ହୋଟେଲ ଉପରେ ପଡିଥିଲା । ଫଳରେ ୧୦୯ ଯାତ୍ରୀଙ୍କ ସମେତ ହୋଟେଲ୍‌ରେ ଥିବା ୪ ଜଣଙ୍କ ମୃତ୍ୟୁ ହୋଇଥିଲା ।

୨୦୦୭- ପ୍ରତିଭା ଦେବି ସିଂ ପାଟେଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ ।

୨୦୧୭- ଗୁଜରାଟ ବନ୍ୟାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।



ଗୋଦାବରିଶ ମିଶ୍ର



## ହାଃହାଃ

ମ୍ୟାନେଜର: ଆମ କମ୍ପାନୀ ପାଇଁ ଏମିତି ଜଣେ ଲୋକ ଦରକାର, ଯିଏ ସବୁବେଳେ ହସୁଥିବ । ଆପଣ ପାରିବେ?

ପ୍ରାର୍ଥୀ: ହଁ ସାର୍, ନିଶ୍ଚୟ ! କିନ୍ତୁ ଗୋଟେ କଥା...

ମ୍ୟାନେଜର: କ'ଣ ?

ପ୍ରାର୍ଥୀ: ଆପଣ ଦରମା କେତେ ଦେବେ ସେଇଟା ଶୁଣିଲା ପରେ ମୁଁ ହସିବି ନା କାନ୍ଦିବି, ସେଇଟା ଠିକ୍ କରିବି !

## ପ୍ରତିଭା ହିଁ ମାପକାଠି



ଫିଲ୍ମ 'ଦୁଲହନିଆ ଲେ ଆଏଗୀ'ରେ କାଷ୍ଟ ହୋଇଥିବା ଅଭିନେତ୍ରୀ ଖୁଶାଲୀ କୁମାରଙ୍କୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । ନିର୍ଦ୍ଦେଶକ-ପ୍ରଯୋଜକ ଆକାଶାଦିତ୍ୟ ଲାମା କେବଳ ଖୁଶାଲୀଙ୍କ ପ୍ରତିଭା ପାଇଁ ତାଙ୍କୁ ଫିଲ୍ମରେ କାଷ୍ଟ କରିଥିଲେ ବୋଲି ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଖୁଶାଲୀ ହେଉଛନ୍ତି ଟିସିରିଜ ମାଲିକ ଗୁଲସନ କୁମାରଙ୍କ ଝିଅ, ତେଣୁ ସେ ପ୍ରଫେସନ ଅନୁସାରେ ନିର୍ଦ୍ଦେଶକ ଆକାଶିଦିତ୍ୟଙ୍କର ପ୍ରତିଦ୍ୱନ୍ଦୀ । କାରଣ ସେ ମଧ୍ୟ ଏକ ଛୋଟ ମ୍ୟୁଜିକ୍ କମ୍ପାନୀ ଚଳାଉଛନ୍ତି । ହେଲେ ସେ ଖୁଶାଲୀଙ୍କୁ କେବଳ ଜଣେ ଭଲ ଅଭିନେତ୍ରୀ ଭାବରେ ଚୟନ କରିଛନ୍ତି । 'ଧୋଖା: ରାଉଣ୍ଡ ଦ କୋର୍ଣ୍ଣର' ଏବଂ 'ଷ୍ଟାରଫିଶ୍'ର କିଛି ଦୃଶ୍ୟ ଦେଖିବା ପରେ ଫିଲ୍ମର 'ନବ୍ୟା' ଚରିତ୍ର ପାଇଁ ସେ ହିଁ ସବୁଠାରୁ ଉପଯୁକ୍ତ ହେବେ ବୋଲି ନିର୍ଦ୍ଦେଶକ ଭାବିଥିଲେ । ପୂର୍ବରୁ କୌଣସି ନିର୍ଦ୍ଦିଷ୍ଟ ଇମେଜ୍ ନଥିବା ଏବଂ କମେଡ଼ି କରିନଥିବା ଜଣେ ଅଭିନେତ୍ରୀଙ୍କୁ ନେଇ ଫିଲ୍ମରେ କିଛି ହଟକେ କରିବାକୁ ସେ ଟ୍ରାଏ କରିଛନ୍ତି ବୋଲି ମତ ଦେଇଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ସେ ଆଶା ରଖିଛନ୍ତି ।



**ମେଷ:** ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସମସ୍ୟା, ଶତ୍ରୁଦ୍ୱାରା ପୀଡ଼ିତ, ପରିଭ୍ରମଣଯୋଗ, ଦାମ୍ପତ୍ୟଖୁସି, ସନ୍ତାନଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଲୋକସମ୍ପର୍କ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ ନୂତନ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ବନ୍ଧୁସହାୟତା, ପାରିବାରିକ ସହଯୋଗ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମିଥୁନ:** ଶୁଭଖବର କର୍ମକ୍ଷେତ୍ରେ ବ୍ୟସ୍ତତା, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁଲାଭ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କର୍କଟ:** ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳ, ପାରିବାରିକକଷ୍ଟ, ଦାମ୍ପତ୍ୟକଳହ, ବନ୍ଧୁଲାଭ, ମାନସିକ ଅବସାଦ, ଲୋକସମ୍ପର୍କରେ ବାଧା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** ଶାରୀରିକକ୍ଲେଶ, ଶୁଭଆଲୋଚନା, ଗୃହେଉତ୍ସବ, ଦୂରଯାତ୍ରାରେ ବିଳମ୍ବ, ହେବାକାର୍ଯ୍ୟରେ ଅସନ୍ତୁଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**କନ୍ୟା:** ଶରୀର ସୁସ୍ଥ, ମାନସିକଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ, ମାନସମ୍ମାନ ପ୍ରାପ୍ତି, ବନ୍ଧୁସାହାଯ୍ୟ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' କୋଟିଚଣ୍ଡୀ ।

**ତୁଳା:** ଶତ୍ରୁବୃଦ୍ଧି, ଶରୀର ଅସୁସ୍ଥ, ବନ୍ଧୁଲାଭ, ସନ୍ତାନଲାଭ, ଶୁଭଖବର, ଦୂରଯାତ୍ରାରେ ଲାଭ, ନୂତନ କର୍ମଆରମ୍ଭ, ଦେବଦର୍ଶନ, ବ୍ୟବସାୟରେ ଆନନ୍ଦ, ମାନସିକଖୁସି, ଲୋକସମ୍ପର୍କ ବୃଦ୍ଧି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବ୍ୟବସାୟରେ ଲାଭ, ସମ୍ପତ୍ତିଲାଭ, ଅର୍ଥସମସ୍ୟା ସମାଧାନ, ସମ୍ପର୍କରେ ଉନ୍ନତି, ଶତ୍ରୁ ପରାଜିତ, ଦାମ୍ପତ୍ୟଖୁସି, ଶୁଭଖବର, ନୂତନ ନିଯୁକ୍ତି, ଅନୁଷ୍ଠାନରୁ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ନୃସିଂହଭଗବାନ ।

**ଧନୁ:** ଶୁଭକାର୍ଯ୍ୟରେ ଧନଲାଭ, ବ୍ୟବସାୟରେ କଷ୍ଟ, ବନ୍ଧୁଲାଭ, ଦେବକାର୍ଯ୍ୟରେ ଆନନ୍ଦ, ବିବାଦ ସମାଧାନ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**ମକର:** ଅର୍ଥଲାଭ, ଦୂରଯାତ୍ରାରେ ସଫଳ, ସମ୍ମାନପ୍ରାପ୍ତି, କିଛିଦ୍ରବ୍ୟ କ୍ରୟ, ଲୋକସମ୍ପର୍କରେ ଉନ୍ନତି, ସନ୍ତାନଲାଭ, ପାରିବାରିକ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ବ୍ୟକ୍ତିସାହାଯ୍ୟ, ଦାମ୍ପତ୍ୟଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଅଳ୍ପ ମାନସିକ ଅବସାଦ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ବ୍ୟବସାୟିକ କଷ୍ଟ, ବିବାଦ ସମାଧାନ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ମୀନ:** ଦେବକାର୍ଯ୍ୟରେ ଆଗ୍ରହ, ବନ୍ଧୁସାହାଯ୍ୟ, ପାରିବାରିକଖୁସି, ଦୂରଯାତ୍ରା ସଫଳ, ସମ୍ମାନବୃଦ୍ଧି, ସ୍ୱାଦିଷ୍ଟ ଭୋଜନ, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଶୁଭଖବର, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଦ୍ରୌପଦୀ ।

**ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ**
**୨୫.୭.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



# ବାହୁଡ଼ିଲେ ମହାବାହୁ



ଭାବର ଠାକୁର ପାଇଁ ଭାବବିହ୍ୱଳ ସାରା ଶ୍ରୀକ୍ଷେତ୍ର । ଜନ୍ମବେଦୀ ଛାଡ଼ି ରତ୍ନବେଦୀ ମୁହାଁ ମହାପ୍ରଭୁଙ୍କୁ ସମର୍ପି ଦେଉଥିଲେ ପାରମ୍ପାରିକ ନୃତ୍ୟ ଗୀତରେ । ଅନୁକୂଳ ପାଗରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥିଲା ଭକ୍ତପ୍ରାଣ । ଭାବର ଲହଡ଼ି ଭାଙ୍ଗୁଛି ଏଇଠି, ଭକ୍ତିରେ ବୁଡ଼ିଯାଇଛନ୍ତି ସମସ୍ତେ । ବାହୁଡ଼ା ଯାତ୍ରାର ଏହି ଅନନ୍ୟ ମୁହୂର୍ତ୍ତକୁ ଆଖିପୁରାଇ ଦେଖିବା ଏବଂ ରଥଦଉଡ଼ି ଟିକିଏ ଛୁଇଁ ଆତ୍ମାକୁ ପବିତ୍ର କରି ବା ପାଇଁ ଶ୍ରୀକ୍ଷେତ୍ରରେ ଜନସମୁଦ୍ର ସୃଷ୍ଟି ହୋଇଛି । ଶରଧାବାଲିରୁ ଆରମ୍ଭ ହୋଇଥିବା ଏହି ଦିବ୍ୟ ଯାତ୍ରା ସିଂହଦ୍ୱାରରେ ପହଞ୍ଚିବା ପରେ ସେଠାରେ ସୁନାବେଶ, ଅଧରପଣା ଓ ଶେଷରେ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ ।



## ହାଇକୋର୍ଟ ପାଚେରି ନିକଟରେ ଗାଡ଼ି ପୋଡ଼ି ମାମଲା : ମହିଳା ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

କଟକ, (ସବ୍ୟୁ) : ଓଡ଼ିଶା ହାଇକୋର୍ଟ ପରିସର ନିକଟରେ ପାର୍କିଂ ହୋଇଥିବା ଗାଡ଼ି ଉପରକୁ ପେଟ୍ରୋଲ ଭର୍ତ୍ତି ବୋତଲ ଫିଙ୍ଗି ନିଆଁ ଲଗାଇବା ଅଭିଯୋଗରେ ଗିରଫ ହୋଇଥିବା ମହିଳା ମୀନତୀ ସାହୁଙ୍କୁ ଓଡ଼ିଶା ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ମାମଲାର ବିଚାର କରି ଏହି ଆଦେଶ ଦେଇଛନ୍ତି। ଅଭିଯୁକ୍ତା ହାଇକୋର୍ଟ ପାଚେରି ନିକଟରେ ପାର୍କିଂ ହୋଇଥିବା ଗାଡ଼ି ଉପରକୁ ଜଳନ୍ତା ପେଟ୍ରୋଲ ବୋତଲ ଫିଙ୍ଗିଥିଲେ। ଏଥିରେ ଚାରିଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘଟଣାରେ ଲାଲବାଗ ଥାନା ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ବିସ୍ଫୋରକ ଆଇନ ଏବଂ ସରକାରୀ ସମ୍ପତ୍ତି କ୍ଷତି ନିବାରଣ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଗିରଫ କରିଥିଲା। ନିମ୍ନ ଅଦାଲତରେ ଜାମିନ ନାମଞ୍ଜୁର ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଅଭିଯୁକ୍ତାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସେ ମାନସିକ ରୋଗରେ ପୀଡ଼ିତ ଏବଂ ଘଟଣା ସମୟରେ ନିଜ ଆଚରଣ ଉପରେ ତାଙ୍କର ନିୟନ୍ତ୍ରଣ ନ ଥିଲା। ତଦନ୍ତ ଶେଷ ହୋଇ ଚାର୍ଜସିଟ ଦାଖଲ ହୋଇଥିବା ସହ ସେ ଜଣେ ମହିଳା ହୋଇଥିବାରୁ ଜାମିନ ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଅନ୍ୟପକ୍ଷରେ, ରାଜ୍ୟ ସରକାର, ଅଭିଯୋଗକାରୀଙ୍କ ଓକିଲ ଓ କ୍ଷତିଗ୍ରସ୍ତ ଗାଡ଼ି ମାଲିକଙ୍କ ପକ୍ଷରୁ ଏହି ଜାମିନକୁ ବିରୋଧ କରି କହିଥିଲେ ଯେ ଅଭିଯୋଗ ଅତ୍ୟନ୍ତ ଗୁରୁତର ଏବଂ ତାଙ୍କୁ ମୁକ୍ତ କରାଗଲେ ସେ ପୁଣି ଏଭଳି ଅପରାଧ କରିପାରନ୍ତି। ତେବେ ଅଦାଲତ କହିଛନ୍ତି ଯେ ଅଭିଯୁକ୍ତା ଜଣେ ମହିଳା, ତାଙ୍କର ୫ ବର୍ଷର ଶିଶୁ ରହିଛି, ସେ ଗତ ମାର୍ଚ୍ଚ ୩୧ରୁ ଜେଲରେ ଅଛନ୍ତି।

## ପେସାଦାର ଗାଡ଼ି ଚୋର ଗିରଫ

କଟକ,(ସବ୍ୟୁ):ଏକ ଗାଡି ଚୋରି ଘଟଣାରେ ମାଲଗୋଦାମ ଥାନା ପୋଲିସ ଜଣେ ପେସାଦାର ଚୋରକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ମଧୁପାଟଣା ଥାନା ଅଞ୍ଚଳରେ ରହୁଥିବା ବାବାଜି ଓରଫ ସୀମା ଓରଫ ନିରଞ୍ଜନ ସାହୁ(୨୦) । ତା' ପାଖରୁ ଗୋଟିଏ ଚୋରା ଗାଡି ଜବତ ହୋଇଛି । ସୂଚନା ଅନୁସାରେ, ସଞ୍ଜୟ କୁମାର ଅଗ୍ରୱାଲଙ୍କର ମାଲଗୋଦାମ ଅଞ୍ଚଳରେ ଏକ ଗୋଦାମ ଅଛି । ସେ ଗତ ୨୩ ତାରିଖରେ ଏକ ସ୍କୁଟି ଗାଡି ନେଇ ମାଲଗୋଦାମକୁ ଯାଇଥିଲେ । ମାତ୍ର ସେଠାରୁ ତାଙ୍କ ଗାଡି ଚୋରି ହୋଇଯାଇଥିଲା । ଏନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ କେସ ନମ୍ବର ୨୬୨/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ଓ ଗୁଇନ୍ଦା ସୂଚନା ଆଧାରରେ ପୋଲିସ ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରିବା ସହିତ ତା' ଠାରୁ ଗାଡି ଜବତ କରିଛି । ନିରଞ୍ଜନ ନାଁରେ ପୂର୍ବରୁ ମାଲଗୋଦାମ, ଚାଉଳିଆଗଞ୍ଜ, ମଙ୍ଗଳାବାଗ, ମଧୁପାଟଣା, ଚୌଦ୍ୱାର ଓ ସଦର ଥାନାରେ ୬ଟି ଚୋରି ମାମଲା ରହିଛି । ଶୁକ୍ରବାର ତକୁ କୋର୍ଟ ଚାଲାଣ କରାଯାଇଛି ।

## ଦେଢ କୋଟିର ଦୁଇଟି ଜମି ଠକେଇ ମାମଲା, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦେଢ କୋଟି ଦୁଇଟି ଜମି ଠକେଇ ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଗୋଟିଏ ୬୦ଲକ୍ଷ ଟଙ୍କାର ଠକେଇ ହୋଇଥିବା ବେଳେ ଅନ୍ୟଟି ୯୨ ଲକ୍ଷର ଠକେଇ ମାମଲା ବୋଲି ପୋଲିସ କହିଛି । ଅଭିଯୋଗକାରିଣୀ ସ୍ୱର୍ଣ୍ଣଲତା ଶ୍ରୀଚନ୍ଦନଙ୍କୁ ଅଭିଯୁକ୍ତ ଦେବରାଜ ବେହେରା ୨୦୧୭ ମସିହାରେ ପାଣ୍ଡରା ମୌଜାର ଏକ ପ୍ଲଟ୍ ଓ ଫ୍ଲାଟ୍ ବିକ୍ରି କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଚୁକ୍ତିନାମା କରିଥିଲା । ମୋଟ ୭୦ଲକ୍ଷ ଟଙ୍କାରୁ ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତ ୬୦ଲକ୍ଷ ଟଙ୍କା ନେଇଥିଲା । ଚୁକ୍ତି ଅନୁଯାୟୀ ୧ବର୍ଷ ମଧ୍ୟରେ ସମ୍ପତ୍ତିର ଦଖଲ ଓ ବିକ୍ରୟ ଦଲିଲ ଦେବା ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା ।

ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀ ଜମି ହସ୍ତାନ୍ତର ନକରି ପାରିଲେ ମୋ ଟଙ୍କା ଫେରାଅ ବୋଲି ଦାବି କରିବାରୁ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିଲା । ତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବିଶ୍ୱାସ ଘାତକତା କରି ୬୦ଲକ୍ଷ ଟଙ୍କା ଠକେଇ କରିଥିବା ପୋଲିସ ତଦନ୍ତରୁ ଜାଣିବା ପରେ ଦେବରାଜ ବେହେରା (୫୩)କୁ ଗିରଫ କଲା । ତା'ନିକଟରୁ କେତେକ କାଗଜପତ୍ର ମଧ୍ୟ ଜବତ ହୋଇଥିବା ପୋଲିସ କହିଛି । ଦ୍ୱିତୀୟ ମାମଲାର ଅଭିଯୋଗକାରୀ ଜଗନ୍ନାଥ ପଣ୍ଡାଙ୍କୁ ଅଭିଯୁକ୍ତ ୟାସ୍ ଜଲାନ ନିଜର ମେହେରପଲ୍ଲୀ ମୌଜାରେ ଥିବା ଏକ ଜମିର ପ୍ରକୃତ ମାଲିକ ବୋଲି ପରିଚୟ ଦେଇ ଜମିକୁ ବିକ୍ରି କରିବା ପାଇଁ ପ୍ରଲୋଭିତ କରାଇଥିଲା । ଏଥିସହ ମେ,,।ଶାଳର ଅନ୍ୟ ଏକ ଜମି ଓ ବ୍ୟବସାୟ ଆଳରେ ସେ ଅଭିଯୋଗକାରୀଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୯୨ଲକ୍ଷ ଟଙ୍କା ନେଇଥିଲା । ପରବର୍ତ୍ତୀ ସମୟରେ ଜଣାପଡିଥିଲା ଯେ, ଉକ୍ତ ଜମି ମେହେରପଲ୍ଲୀ କମିଟି ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଛି । ସେ ବାବଦରେ ଅଭିଯୁକ୍ତ ସରକାରଙ୍କ ଠାରୁ କ୍ଷତିପୂରଣ ମଧ୍ୟ ନେଇସାରିଛି ।

ଏହା ପରେ ଅଭିଯୁକ୍ତ ଏସ୍.ଜଲାନ ଏବଂ ତାଙ୍କ ପନିୀ ପ୍ରିୟଙ୍କା ଜଲାନ ତାଙ୍କ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିଲେ । ପ୍ରିୟଙ୍କା ଜଲାନ ଦେଇଥିବା ଏକ ୯୦ଲକ୍ଷ ଟଙ୍କାର ଚେକ୍ ମଧ୍ୟ ବାଉନ୍ସ ହୋଇଯାଇଥିଲା । ଏ ସମ୍ପର୍କରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୋଲିସୟାସ୍ ଜଲାନ (୪୩)କୁ ଗିରଫ କରି ତା'ନିକଟରୁ କାଗଜପତ୍ର ଜବତ କରିଥିଲା । ଦୁଇଟି ମାମଲାର ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟ-୨୦୨୬ର ଉଦ୍‌ଘାଟିତ

## ଯୁବପିଢିଙ୍କ ମଧ୍ୟରେ ସମାଧାନମୂଳକ ନେତୃତ୍ୱର ବିକାଶ ଜରୁରୀ: ରାଜ୍ୟପାଳ

ଭୁବନେଶ୍ୱର(ସବ୍ୟୁ): ଯୁବ ପିଢିଙ୍କ ମଧ୍ୟରେ ସମାଧାନମୂଳକ ନେତୃତ୍ୱର ବିକାଶ ଜରୁରୀ । ଶୁକ୍ରବାର କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଭୁବନେଶ୍ୱର ଚାପଟର ଦ୍ୱାରା କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମଠାରେ ଦୁଇ ଦିନିଆ ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟ-୨୦୨୬ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏହା କହିଛନ୍ତ ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରକୃତ ନେତୃତ୍ୱ ତର୍କ ଜିତିବାରେ ନୁହେଁ ବରଂ ସମାଜ ଓ ଦେଶର କଲ୍ୟାଣ ପାଇଁ ସମାଧାନ ଖୋଜିବାରେ ନିହିତ । ଭାରତ ସର୍ବବୃହତ୍ତ ଗଣତନ୍ତ୍ର ହେବା ହିଁ ତା'ର




ସବୁଠୁ ବଡ଼ ଶକ୍ତି ନୁହେଁ, ବରଂ ଲୋକଙ୍କୁ ବାନ୍ଧି ରଖୁଥିବା ମୂଲ୍ୟବୋଧ ହିଁ ଏହାର ପ୍ରକୃତ ଶକ୍ତି । ଗଣତନ୍ତ୍ର ସକ୍ରିୟ ନାଗରିକ ଅଂଶଗ୍ରହଣ, ଉତ୍ତରଦାୟୀ ଅନୁଷ୍ଠାନ ଓ ସଚେତନ ଜନମତ ଉପରେ ନର୍ଭର କରେ । ଏହା ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ଉନ୍ନୟନରେ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସୁଯୋଗ ଦେଇଥାଏ । ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ସେମାନଙ୍କର ସାଧୁତା, ସଚେତନତା ଓ ବୃହତ୍ତର ଜନହିତ ପ୍ରତି ପ୍ରତିବଦ୍ଧତା ଉପରେ ନିର୍ଭର କରିବ ।ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟ କେବଳ ଏକ ମକ ପାର୍ଲିଆମେଣ୍ଟ ନୁହେଁ, ବରଂ ଏହା ନେତୃତ୍ୱ, ସୁକ୍ଷ୍ମ ଚିନ୍ତନ, ଆତ୍ମବିଶ୍ୱାସ ଓ ଜନସେବାର ଭାବନା ବିକଶିତ କରିବାର ଏକ ପ୍ଲାଟଫର୍ମ ।

କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ପ୍ରଯୁକ୍ତିର ପରିବର୍ତ୍ତନକାରୀ ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ପ୍ରଯୁକ୍ତିଗତ ଉନ୍ନତି ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପରିବର୍ତ୍ତିତ କରୁଛି । କିନ୍ତୁ ଉଦ୍ଭାବନ ନୈତିକତା, ଦାୟିତ୍ୱ ଓ ସାଂବିଧାନିକ ନୀତି ଦ୍ୱାରା ପରିଚାଳିତ ହେବା ଉଚିତଛ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରଗତି ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାଂବିଧାନିକ ପ୍ରକ୍ରିୟା ସହିତ ଚାଲିବା ଉଚିତ । ଏହି ଅବସରରେ ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନ୍ସିଲ ଭାଇସ ଚେୟାରମ୍ୟାନ ମଣିକାନ୍ତ ନାୟକ ଓୟଙ୍ଗ ଇଣ୍ଡିଆ ଭୁବନେଶ୍ୱରର ମେଣ୍ଟର ବିଶାଲ ଦାଲମିଆ ମଧ୍ୟ ଉଦବୋଧନ ଦେଇଥିଲେ ।ୟଙ୍ଗ ଇଣ୍ଡିଆ ଭୁବନେଶ୍ୱରର ଚେୟାରପର୍ସନ ଗୌରବ ଗୋଏଲ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋ-ଚେୟାରପର୍ସନ ପ୍ରୋଶିଷ ଗୋଲ୍ୟାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସବର୍ଣ୍ଣଙ୍କୁ ବିବାହ ନେଇ ସବର୍ଣ୍ଣଙ୍କ ଆକ୍ରମଣ: ୫ ଆହତ ,୨ ଗୁରୁତର

ସୋର,(ସବ୍ୟୁ): ସୋର ବ୍ଲକ ତେଣ୍ଟେଇ ଗ୍ରାମର ଜଣେ ଅସବର୍ଣ୍ଣ ଯୁବକକୁ ଭଲ ପାଇ ସେହିଗ୍ରାମର ଜଣେ ସବର୍ଣ୍ଣ ଯୁବତୀ ବିବାହ କରିଥିବା କାରଣରୁ ଝିଅର ପଡ଼ୋଶୀମାନେ ଅସବର୍ଣ୍ଣଙ୍କ ଘରେ ପଶି ପରିବାର ଲୋକଙ୍କ ଉପରେ ମାରଣାସ୍ତ୍ର ଧରି ଝିଅକୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ । ଏହାକୁ ବିରୋଧ କରିବାରୁ ପରିବାର ଲୋକଙ୍କୁ ଲୁହାରଡ଼୍‌ରେ ଆକ୍ରମଣ କରିଥିଲେ । ଫଳରେ ଅସବର୍ଣ୍ଣଙ୍କ ପରିବାରରେ ୫ ଜଣ ଲୋକ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ସୂଚନାରୁ ଜଣା ପଡ଼ିଛି ଯେ ତେଣ୍ଟେଇ ଗ୍ରାମର ସ୍ନେହଲତା ବେହେରା ଗତ ୩ ମାସ ତଳେ ସେହିଗ୍ରାମର ପ୍ରହ୍ଲାଦ ମଲିକଙ୍କ ପୁଅ ପ୍ରଭୁଦେବ କୁମାରଙ୍କୁ ଭଲପାଇ ବିବାହ କରିଥିଲେ । ମାତ୍ର ପ୍ରଭୁଦେବ ହରିଜନ ସଂପ୍ରଦାୟର ହୋଇଥିବାରୁ ଏହି ବିବାହକୁ ସ୍ନେହଲତାର ପଡ଼ୋଶୀମାନେ ସହଜରେ ଗ୍ରହଣ କରିନପାରି ବିଭିନ୍ନ ସମୟରେ ସ୍ନେହଲତାକୁ ନେଇଯିବାକୁ ଚେଷ୍ଟା କରିଚାଲିଥିବା ବେଳେ ଗୁରୁବାର ଅପରାହ୍ନରେ ଏକ ଥର ଗାଡ଼ିରେ ଅଜୟ ବେହେରା, ତାପୁ ସାହୁ, କାଙ୍ଗାଳି ସାହୁ, ସନାତନ ବେହେରା, ଚନ୍ଦ୍ରକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବେହେରା ଲୁହା ରଡ଼ ଏବଂ ମାରଣାସ୍ତ୍ର ହାତରେ ଧରି ପ୍ରହ୍ଲାଦଙ୍କ ଘରେ ପଶି ସ୍ନେହଲତାକୁ ନେଇଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ବିରୋଧ କରିଥିଲେ ।

# ଯୁବ ମାନସିକତା ଓ ଦୃଢ଼ ମନା ଯୁବ ସମାଜ ବିଷୟବସ୍ତୁକୁ ନେଇ ସୋଆରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଯୁବ ସମାଜର ମାନସିକ ସ୍ୱାସ୍ଥ୍ୟ, ଭାବନା ଓ ମାନସିକ ଚାପ, ଜୀବନଶୈଳୀ, ଡିଜିଟାଲ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗକୁ ନେଇ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ ନଅ ଦିନିଆ କର୍ମଶାଳା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । 'ଯୁବ



ମାନସିକତା, ଦୃଢ଼ମନା ଯୁବପିଢ଼ି, ଉଜ୍ଜ୍ୱଳ ଭବିଷ୍ୟତ' ପ୍ରସଙ୍ଗକୁ ନେଇ ଆୟୋଜିତ କର୍ମଶାଳାର ଶୀର୍ଷକ ରହିଥିଲା "ଯୁବ ସମାଜକୁ ଦୃଢ଼ିଭୂତ କରିବା: ସାମଗ୍ରିକ ସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା" । ଏହି କର୍ମଶାଳାରେ ଅନୁଭୂତି ଭିତିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ଅସ୍ୱାସ୍ଥ୍ୟକର ଭାବନାତ୍ମକ ଆଚରଣ ଉପରେ ସିମ୍ୟୁଲେସନ୍, ଦୃଢ଼ତା ଏବଂ ସୁସ୍ଥ ମୁକାବିଲା କୌଶଳ ସମ୍ପର୍କିତ ବିଭିନ୍ନ ଆଲୋଚନା ଆୟୋଜିତ ହୋଇଥିଲା ।

ଅଂଶଗ୍ରହଣକାରୀମାନେ ଇମୋସନାଲ ହ୍ୱିଲ୍, ଷ୍ଟ୍ରେସ୍ ବେଲୁନ୍, ରେଜିଲିଏନ୍ସ ଟ୍ରି ଆଣ୍ଡ ଭିଜନ୍ ବୋର୍ଡ ଭଳି ଅଭିନବ କାର୍ଯ୍ୟକଳାପରେ ଉତ୍ସାହର ସହ ଭାଗ ନେଇ ନିଜର ଭାବନାକୁ ଚିହ୍ନଟ କରିବା, ମାନସିକ ଚାପ ପରିଚାଳନା, ବ୍ୟକ୍ତିଗତ ସାମର୍ଥ୍ୟର ବିକାଶ, ସହଯୋଗୀ ବ୍ୟବସ୍ଥା ଗଢ଼ି ତୋଳିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଆଧ୍ୟାତ୍ମିକତା, ଭାବନାତ୍ମକ ସୁସ୍ଥତା, ବ୍ୟକ୍ତିଗତ ବିକାଶ, କ୍ୟାରିୟର ଓ ପରିବାର କ୍ଷେତ୍ରରେ ଭବିଷ୍ୟତ ଲକ୍ଷ୍ୟ ସ୍ଥିର କରିବା ସଂପର୍କରେ ଶିକ୍ଷାଲାଭ କରିଥିଲେ । ଏହାଛଡ଼ା କେସ୍ ଷ୍ଟଡି, ପୁସ୍ତକ, ଜର୍ଣ୍ଣାଲ, ପୋଷ୍ଟର ଓ ଖବରକାଗଜର ପ୍ରବନ୍ଧ ମାଧ୍ୟମରେ ଆଲୋଚନାକୁ ଅଧିକ ସମୃଦ୍ଧ କରାଯାଇଥିଲା ।

କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଅତିରିକ୍ତ ଡିନ୍ ପ୍ରଫେସର ତପତୀ ସାହା ଏବଂ ସହଯୋଗୀ ପ୍ରଫେସର ଦେବଜାନୀ ନାୟକ ଉପସ୍ଥିତ ଥିଲେ । ପ୍ରଥମ ବର୍ଷ ଏମ୍.ଏସ୍.ସି. ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଫେସର ତପତୀ ସାହାଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାର ଯୋଜନା ଓ ପରିଚାଳନା କରାଯାଇଥିଲା । ସମାପନୀ ଉତ୍ସବରେ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ମୁଖ୍ୟ ଅତିଥି ଏବଂ ଡା. ରଶ୍ମିମାଳା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଯୋଗ୍ୟ ଅଂଶଗ୍ରହଣକାରୀ ଓ ଆୟୋଜକ କମିଟି ସଦସ୍ୟଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ଆୟୁର୍ବେଦିକ ଥେରାପି ସେଣ୍ଟରରେ ଅନୈତିକ କାର୍ଯ୍ୟ, ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆୟୁର୍ବେଦିକ ଥେରାପି ସେଣ୍ଟରରେ ଅନୈତିକ କାର୍ଯ୍ୟ ହୋଇଥିବା ପୋଲିସ ଜାଣିବା ପରେ ଦମ୍ପତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଜଣେ ଯୁବତୀଙ୍କୁ ସେଠାରେ ଅନୈତିକ କାର୍ଯ୍ୟ ପାଇଁ ବାଧ୍ୟ କରାଯିବାରୁ ସେ ଖସିଆସି ଥାନାରେ ଅଭିଯୋଗ କରିଥିଲା । ଚନ୍ଦ୍ରଶେଖରପୁର ବୁଧପାର୍କ ନିକଟରେ ଥିବା ଏକ ଦୁଇମହଲା ଘରେ ଆୟୁର୍ବେଦିକ ଥେରାପି ସେଣ୍ଟର ଚଲାଉଥିଲେ ଦୀପକ ଦାସ ଓ ତାଙ୍କ ପତ୍ନୀ ଲଭ୍‌ଲି ପ୍ରଧାନ । ଜଣେ ଯୁବତୀଙ୍କୁ ହୋଟେଲରେ କାମ କରିବା ପାଇଁ ପ୍ରତିଶ୍ରୁତି ଦେଇ ଆଣିବା ପରେ ସେଠାରେ ଅନୈତିକ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଇଥିଲା । ଏପରିକି ସେଠାରୁ ଯୁବତୀମାନଙ୍କୁ ବାହାରକୁ ଚାଲାଣ କରାଯାଉଛି ବୋଲି ଖସିଆସିଥିବା ଯୁବତୀ ଅଭିଯୋଗ କରିଛନ୍ତି ।

ସକାଳ ୯ଟାରୁ ଯୁବତୀମାନଙ୍କୁ ନେଇ ରାତି ୮ଟାରେ ଛାଡୁଥିଲେ । ସେମାନଙ୍କୁ ମାସିକ ୨୦ ହଜାର ଟଙ୍କା ଲେଖାଁଏ ବେତନ ଦେବାକୁ ଦମ୍ପତି ପ୍ରତିଶ୍ରୁତି ଦେଇ ଅନୈତିକ କାର୍ଯ୍ୟରେ ନିୟୋଜନ କରାଯାଉଛନ୍ତି । ଯେଉଁ ଯୁବତୀ ଖସି ଆସି ଥାନାରେ ଅଭିଯୋଗ କରିଥିଲେ ତାଙ୍କୁ ଚାରିଥର ବଳପୂର୍ବକ ବାହାରକୁ ଗ୍ରାହକଙ୍କ ସହ ପଠାଯାଇଛି । ବାରମ୍ବାର ସେହି କାର୍ଯ୍ୟ କରିବାକୁ ବାଧ୍ୟ କରିବାରୁ ସେ ଅନିଚ୍ଛା ପ୍ରକାଶ କରିବାରୁ ତାଙ୍କୁ ମାଡ ମାରିବା ସହ ତାଙ୍କ ମୋବାଇଲ ଫୋନ୍ ଓ ଡ୍ରେସ୍ ଛଡାଇ ରଖିଛନ୍ତି । ଚତୁରତାର ସହ ସେ ଖସିଆସି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚଢାଉ କରି ଦୁଇଜଣ ଯୁବତୀଙ୍କୁ ଉଦ୍ଧାର କରିଥିଲା । ତାଙ୍କ ମଧ୍ୟରୁ ଜଣେ ଦୀପକର ସ୍ତ୍ରୀ ଲଭ୍‌ଲି ଥିବା ପୋଲିସ କହିଛି । ସେମାନଙ୍କ ବୟାନ ଅନୁଯାୟୀ ଦୀପକକୁ ଗିରଫ କରାଯାଇଥିଲା ।

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ

ଭୁବନେଶ୍ୱର, (ସବ୍ୟୁ): ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଆଜି ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା । ଅପରାହ୍ନ ୪ଟାରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ । ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା । ବାହୁଡ଼ା ଯାତ୍ରା



ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ତାଳଧ୍ୱଜ,ଦେବଦଳନ ଓ ନନ୍ଦିଘୋଷ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ । ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା । ଆସନ୍ତା କାଲି ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ । ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ଖୋଲିବ ଜଙ୍ଗଲ ବିଭାଗର ଥାର୍ ଦୁର୍ନୀତି ପେଡ଼ି

# ବଢିଲା ଦୁର୍ନୀତିରେ ସଂପୃକ୍ତ ଅଧିକାରୀଙ୍କ ଅଡୁଆ

ଭୁବନେଶ୍ୱର(ସବ୍ୟୁ): ଖୋଲିବ ଜଙ୍ଗଲ ବିଭାଗର ଥାର୍ ଦୁର୍ନୀତି ପେଡ଼ି । ବଢିଲା ଦୁର୍ନୀତିରେ ସଂପୃକ୍ତ ଅଧିକାରୀଙ୍କ ଅଡୁଆ । ଆକ୍ସନ ନେବାକୁ ନିର୍ଦ୍ଦେଶ ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ୨୮.୪୫ କୋଟି ଟଙ୍କାର ଥାର୍ ଗାଡ଼ି କିଣା ଓ ସାଜସଜ୍ଜା ବିବାଦର ତଦନ୍ତ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ମାମଲାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ



ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି ।

ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ସମୀକ୍ଷା ଲାଗି ସିଏଜିଙ୍କୁ ୨୦୨୫ ଡିସେମ୍ବର ୧୮ରେ ଚିଠି ଲେଖି ଅନୁରୋଧ କରିଥିଲେ ମନ୍ତ୍ରୀ । ଥାର୍ ସାଜସଜ୍ଜା କରିବାରେ ପ୍ରାୟ ୮ କୋଟି ଟଙ୍କାର ଅନାବଶ୍ୟକ ଖର୍ଚ୍ଚ ହୋଇଥିବା ସିଏଜିଙ୍କ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଥିଲା । ବିଭାଗ ପକ୍ଷରୁ ସମ୍ପୃକ୍ତ ୩ଜଣ ଅଧିକାକାରୀଙ୍କ ବିରୋଧରେ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଶିଳ୍ପ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରୁ ଫେରୁଛନ୍ତି ଓଡିଆ ଯୁବକ

ଭୁବନେଶ୍ୱର(ସବ୍ୟୁ): ଘରକୁ ଫେରିବେ ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର । ଶିଳ୍ପ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମ ଯୋଗୁ ଘରକୁ ସୁରକ୍ଷିତ ଫେରିବେ ପ୍ରଳୟ । ତାଙ୍କୁ ଫେରାଇ ଆଣିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ ଶ୍ରୀ ସ୍ୱାଇଁ । ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ମଧ୍ୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିବା ପରେ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କୁ ଫାଇନାଲ୍ ଏକଜିଟ୍ ଏବଂ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ । ଦୂତାବାସର ହସ୍ତକ୍ଷେପ ଏବଂ କମ୍ପାନୀ ସହିତ ନିରନ୍ତର ଯୋଗାଯୋଗ ଫଳରେ, କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇ ଦେଇଛି । ଆସନ୍ତା ୨୬ତାରିଖରେ ଭାରତ ଫେରିବେ ପ୍ରଳୟ । ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ । ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ବେଳେ ମାନସିକ ଦୁଶ୍ଚିନ୍ତା ବଢି ଯାଇଥିଲା । ତେବେ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଆସନ୍ତା ରବିବାର ଭାରତ ଫେରୁଛନ୍ତି ପ୍ରଳୟ । ଏହାପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି । ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଳୟଙ୍କ ପରିବାର ଲୋକେ ।

## ନିଟ୍-ୟୁଜି ପେପର ଲିକ୍ ଘଟଣା

# କେବଳ ଆଇନ ପ୍ରଣୟନ ନୁହେଁ, ଏହା ଦୃଢ଼ ଭାବେ କାର୍ଯ୍ୟକାରୀ ହେବା ଆବଶ୍ୟକ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ସମ୍ପ୍ରତି ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଛାତ୍ର ସମାଜ ଦ୍ୱାରା ଚାଲିଥିବା ଆନ୍ଦୋଳନ ସମଗ୍ର ଦେଶକୁ ପ୍ରଭାବିତ କରିଥିବା ବେଳେ କେନ୍ଦ୍ର କ୍ୟାବିନେଟ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଛି । ତେବେ ବିଜୁ ଜନତା ଦଳ ଏହା ଉପରେ ପ୍ରତିକ୍ରିୟା ଦେଇ ଏହାର ସଫଳ କାର୍ଯ୍ୟକାରିତା ଉପରେ ପ୍ରଶ୍ନ କରିଛି । ଶଙ୍ଖ ଭବନରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଥିଲେ ଯେ, ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ଏହାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି । ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରିଥିବା ବେଳେ, କେନ୍ଦ୍ର କ୍ୟାବିନେଟ୍ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଛି । ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା ପ୍ରସ୍ତାବ ଅଛି ।

ଡ଼ ମହାନ୍ତି କହିଥିଲେ ଯେ, କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ । ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା । କିନ୍ତୁ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ଗତ ୨ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ । ଏହା ପ୍ରମାଣ କରୁଛି ଯେ, କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ; ଆଇନକୁ ନିଷ୍ଠାର ସହିତ ଏବଂ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ସହିତ ଦୋଷୀମାନଙ୍କ ବିରୋଧରେ ଶୀଘ୍ର ଓ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସୁନିଶ୍ଚିତ କରିବା ହିଁ ପ୍ରଶ୍ନପତ୍ର ଲିକ୍ ଭଳି ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନର ଏକମାତ୍ର ଉପାୟ ।

## ଚିତ୍ରକଳା ପ୍ରଦର୍ଶନୀ "ମେଟା ମର୍ଫୋଶିଷ" ଉଦ୍‌ଘାଟିତ

# ୮ ଜଣ ଶିଳ୍ପୀଙ୍କ ଚିତ୍ରକଳା, ଭାସ୍କର୍ଯ୍ୟ, ସେରାମିକ ଓ ମୁଦ୍ରଣ କଳା ଦର୍ଶକଙ୍କ ମନ ମୋହିଲା

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର ଆର୍ଟ ଗ୍ୟାଲେରୀରେ ଉଦ୍ଘାଟିତ ହୋଇଯାଇଛି "ମେଟା ମର୍ଫୋଶିଷ"ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ।ପ୍ରଦର୍ଶନୀକୁ ସୁନାମ ଧନ୍ୟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦୈତ୍ୟ ଗଡ଼ନାୟକ ଉଦ୍‌ଘାଟନ କରି ସାଂପ୍ରତିକ ସମୟରେ ଓଡ଼ିଶାର ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀମାନେ କିପରି ନିଜର ଉତ୍କର୍ଷତା ପ୍ରଦର୍ଶିତ କରୁଛନ୍ତି ଓ ସଫଳତା ପ୍ରାପ୍ତ ହେଉଛନ୍ତି ତାହା ଉପସ୍ଥାପନା କରିଥିଲେ ।ପ୍ରାରମ୍ଭରେ ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ,ବରିଷ୍ଠ ଶିଳ୍ପୀ ରାମହରି ଜେନା,ଡ.ଚକ୍ରଧର ବେହେରା,ପ୍ରତାପ



ଜେନା,ପ୍ରବୋଧ ସାହୁ ଓ ଅଞ୍ଜନ ସାହୁ ପ୍ରମୁଖ ବହୁ ଶିଳ୍ପୀ ଉପସ୍ଥିତ ରହି ଶିଳ୍ପୀଙ୍କ କଳାକୃତି ଉପରେ ଆଲୋକପାତ କରିଥିଲେ । ଲଳିତକଳା ଏକାଡେମୀ ରିସର୍ଚ୍ଚ ସ୍କଲାରସି ପାଇ ଏକବର୍ଷ କାମ କରୁଥିବା ଅଭିପ୍ସା ସ୍ୱାଇଁ, ଅମିୟ ରଞ୍ଜନ ଓଝା, ହିମାଂଶୁ ମହାନ୍ତ,ଜ୍ୟୋତିରଂଜନ ଜେନା,କିନୁ ବେହେରା,ପ୍ରତାପ ବଡଟିଆ, ସରସ୍ୱତୀ ଅଙ୍ଗରିଆ ଓ ସୁଦର୍ଶନ ରାଉତରାୟ ପ୍ରମୁଖ ୮ ଜଣ ଶିଳ୍ପୀଙ୍କ ଚିତ୍ର, ଭାସ୍କର୍ଯ୍ୟ,ସେରାମିକ ଓ ମୁଦ୍ରଣ କଳା ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା ଓ ଉପସ୍ଥିତ ବରିଷ୍ଠ ଶିଳ୍ପୀ ଓ ଦର୍ଶକଙ୍କ ମନକୁ ବେଶ୍ ଛୁଇଥିଲା । ଏହି ପ୍ରଦର୍ଶନୀ ଆସନ୍ତା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ହରିଣ ଛୁଆକୁ ଉଦ୍ଧାର କଲା ବନବିଭାଗ

କୋଣାର୍କ ,(ସବ୍ୟୁ): କୋଣାର୍କ ବନବିଭାଗ କାର୍ଯ୍ୟାଳୟ ଅଧିନସ୍ଥ କୋଣାର୍କ ଏନଏସି ଅଧିନ ୪ନଂ ୱାର୍ଡ କରମଙ୍ଗା (ବାଲିସାହି) ଗ୍ରାମରୁ ଶୁକ୍ରବାର ସକାଳ ୭ଟାରେ କୋଣାର୍କ ବନବିଭାଗ କର୍ମଚାରୀମାନେ ଏକ ଛୁଆ ହରିଣକୁ ଉଦ୍ଧାର କରିଥିବା ଜଣାପଡିଛି । କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ହରିଣ ମାନଙ୍କର ସଂଖ୍ୟା ବୃଦ୍ଧି ପାଇଥିଲା ବେଳେ ବିଭିନ୍ନ ସମୟରେ ଖାଦ୍ୟ ଅଭାବରୁ ହରିଣ ମାନେ ଗାଁ ମୁହାଁ ହୋଇ ବୁଲା କୁକୁରଙ୍କ ଆକ୍ରମଣରେ ପ୍ରାଣ ହରାଇବାର ନଜିର ରହିଛି ।ଶୁକ୍ରବାର ସକାଳେ ଏକ ଛୁଆ ହରିଣ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ କିଛି ବୁଲା କୁକୁରଙ୍କ ଆକ୍ରମଣରୁ ବର୍ତିବା ପାଇଁ ପ୍ରାଣ ବିକଳରେ ଦୌଡି ଦୌଡି କରମଙ୍ଗା (ବାଲିସାହି) ଗ୍ରାମରେ ପଶି ଯାଇଥିଲା । ହରିଣ ଛୁଆକୁ ଦେଖି ବାଲିସାହିର କିଛି ଲୋକ କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଖବର ଦେଇଥିଲେ । କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ବନବିଭାଗ କର୍ମଚାରୀ ମାନେ କରମଙ୍ଗା (ବାଲିସାହି) ଗ୍ରାମରେ ପହଞ୍ଚି ହରିଣ ଛୁଆକୁ ଉଦ୍ଧାର କରି ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ ।

## ପୁଞ୍ଜିନିବେଶ ନାଁରେ କୋଟି କୋଟି ଟଙ୍କା ଠକେଇ ମାମଲା

# ଅଭିଯୋଗକାରୀଙ୍କ ପରିବାରକୁ ହତ୍ୟା ଧମକ

ଭୁବନେଶ୍ୱର, (ସବ୍ୟୁ): କୋଟି କୋଟି ଟଙ୍କା ଠକେଇ କରିଥିବା ଏକ କମ୍ପାନୀ ସଂପର୍କରେ ଅଭିଯୋଗକାରୀଙ୍କୁ ପୋଲିସ ସୁରକ୍ଷା ଦେବା ପାଇଁ ଜାତୀୟ ମାନବାଧିକାର କମିଶନ ( ଏନ୍‌ଏଚ୍‌ଆର୍‌ସି ) କମିଶନରେଟ୍ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଠକେଇ ସଂସ୍ଥାର ମୁଖ୍ୟ ଓ ପତ୍ନୀଙ୍କୁ ଜାମିନ ମିଳିବାରେ ସହଯୋଗ କରିବା ସହ ତାଙ୍କ ବିରୋଧରେ କୋର୍ଟରେ ପ୍ରମାଣ ନଦେବା ପାଇଁ ଅଭିଯୋଗକାରୀ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଥିବାରୁ ମାମଲା ଏନ୍‌ଏଚ୍‌ଆର୍‌ସିରେ ପହଞ୍ଚିଛି । ଅଭିଯୋଗକାରୀଙ୍କ ଦୁଇ ନାବାଳିକା ଝିଅଙ୍କୁ ଏସିଡ୍ ପକାଇବାକୁ ଧମକ୍ ମିଳିଥିବାରୁ ଜାତୀୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗ ( ଏନ୍‌ସିପିସିଆର) ରେ ମଧ୍ୟ ଅଭିଯୋଗ ହୋଇଛି । ଏ ମାମଲାରେ ଜୁଲାଇ ୧୩ରେ ଏନସିପିସିଆରର ସଦସ୍ୟ ସଚିବ ଡ଼ ସଂଜୀବ ଶର୍ମା ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠିରେ

**ଅଭିଯୋଗକାରୀଙ୍କ ପରିବାରକୁ ପୁଲିସ ସୁରକ୍ଷା ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ**

ମାମଲାରେ ହସ୍ତକ୍ଷେପ କରିବାକୁ କହିବା ସହ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ଚାରି ସପ୍ତାହ ମଧ୍ୟରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ରିପୋର୍ଟ ଦାଖଲ କରିବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥନୈତିକ ଅପରାଧ ଶାଖା ( ଇଓଡବ୍ଲୁ) ୨୦୨୩ ମସିହାରେ ରାଜୀବ ଓ ୨୦୨୪ ମସିହାରେ କମ୍ପାନୀର ମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା । ଇଓଡବ୍ଲୁ କେସ ନମ୍ବର ୧୧/୨୩ ଓ ୧୨/୨୩ରେ ମାମଲା ରୁଜୁ ହୋଇଥିଲା । ଗତ ୭ ତାରିଖ ଦିନ ଅଭିଯୁକ୍ତମାନେ ଅଭିଯୋଗକାରୀ ପ୍ରଜ୍ଞା ପ୍ରକାଶଙ୍କ ଘରକୁ ଯାଇ ଧମକାଇବାରୁ ସେ ଏନ୍‌ଏଚ୍‌ଆରସି ଏବଂ ଏନ୍‌ସିପିସିଆରରେ ଅଭିଯୋଗ କରିଥିଲେ ।



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ

## ଆସୋଚାମ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ ଷ୍ଟିଲ୍ କନକ୍ଲେଭ-୨୦୨୬

# ଇସ୍ପାତ ଶିଳ୍ପକୁ କାର୍ବନ ନିର୍ଗମନ ହ୍ରାସ, ରପ୍ତାନିର ବିବିଧୀକରଣ ଉପରେ ଅଧିକ ଜୋର ଦେବା ଆବଶ୍ୟକ

ଭୁବନେଶ୍ୱର (ସବ୍ୟୁ): ବୈଶ୍ୱିକ ପ୍ରତିସ୍ପର୍ଦ୍ଧାରେ ନିଜର ସ୍ଥିତି ସୁଦୃଢ଼ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ ରପ୍ତାନି କ୍ଷେତ୍ରରେ ବିବିଧୀକରଣ କରିବା, ନୂତନ ବିଦେଶୀ ବଜାରର ସନ୍ଧାନ କରିବା ଏବଂ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ଜଣେ ସରକାରୀ ଅଧିକାରୀ ଗୁରୁବାର କହିଛନ୍ତି । ଅନେକ ଦେଶ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ସଂରକ୍ଷଣମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ବିଶ୍ୱ ବାଣିଜ୍ୟ ପରିଦୃଶ୍ୟ ଦ୍ରୁତ ଗତିରେ ବଦଳୁଛି ବୋଲି ଇସ୍ପାତ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ଅଶ୍ୱିନୀ କୁମାର କହିଛନ୍ତି । ଜାତୀୟ ରାଜଧାନୀରେ ଆସୋଚାମ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ ଷ୍ଟିଲ କନକ୍ଲେଭ-୨୦୨୬କୁ ସମ୍ବୋଧିତ କରି ସେ କହିଥିଲେ, କାର୍ବନ ବର୍ଡର ବ୍ୟବସ୍ଥା ଏବଂ ଶୁଳ୍କ ସମ୍ବନ୍ଧୀୟ ପଦକ୍ଷେପ ଯୋଗୁଁ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ବାଣିଜ୍ୟ ପରିସ୍ଥିତିରେ ବୈଶ୍ୱିକ ପ୍ରତିସ୍ପର୍ଦ୍ଧା ବଜାୟ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ପ୍ରଯୁକ୍ତି ଏବଂ ଗବେଷଣା ଓ ବିକାଶକୁ ସୁଦୃଢ଼ କରିବା ସହ ରପ୍ତାନି ବଜାରର ବିବିଧୀକରଣ କରିବା ଆବଶ୍ୟକ ।



ଯୁକ୍ତରାଷ୍ଟ୍ର ଏବଂ ୟୁରୋପୀୟ ସଂଘ ଉଭୟ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯେଉଁଠାରେ ଯୁକ୍ତରାଷ୍ଟ୍ର ସେକ୍ସନ୍-୨୩୨ ଲାଗୁ କରିଛି, ସେଠାରେ ୟୁରୋପୀୟ ସଂଘ ଉଚ୍ଚ କାର୍ବନ ନିର୍ଗମନ ପ୍ରକ୍ରିୟାରେ ଉତ୍ପାଦିତ ଇସ୍ପାତକୁ ନିରୁତ୍ସାହିତ କରିବା ପାଇଁ କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିଛି । ସିବିଏଏମ୍ କାର୍ଯ୍ୟକାରୀ ହେବା ପରେ ଉଚ୍ଚ ମୂଲ୍ୟଯୁକ୍ତ ରପ୍ତାନି ବଜାରରେ ପ୍ରବେଶ କେବଳ ଇସ୍ପାତର ଗୁଣବତ୍ତା ଓ ମୂଲ୍ୟ ଉପରେ ନିର୍ଭର କରିବ ନାହିଁ, ବରଂ ଉତ୍ପାଦନ ପ୍ରକ୍ରିୟାରେ କେତେ ପରିମାଣରେ କାର୍ବନ ନିର୍ଗମନ ହେଉଛି, ତାହା ମଧ୍ୟ ଏକ ପ୍ରମୁଖ ମାନଦଣ୍ଡ ହେବ । ସେ କହିଛନ୍ତି ଯେ, ଭାରତୀୟ ଇସ୍ପାତ ଶିଳ୍ପରେ କାର୍ବନ ନିର୍ଗମନର ମାତ୍ରା ଅଧିକ ଥିବାରୁ ଭବିଷ୍ୟତରେ ୟୁରୋପୀୟ ସଂଘକୁ ଭାରତର ଇସ୍ପାତ ରପ୍ତାନି କରିବା ଅଧିକ କଠିନ ହୋଇପାରେ । କୁମାର କହିଥିଲେ, ମୁଁ ଏହାକୁ ଏକ ସକାରାତ୍ମକ ଦୃଷ୍ଟିକୋଣରୁ ଦେଖିବାକୁ ଚାହୁଁଛି । ଏହା ଭାରତୀୟ ଇସ୍ପାତ ଶିଳ୍ପର ଆଧୁନିକୀକରଣ, ପ୍ରଯୁକ୍ତି ଏବଂ ଉତ୍ପାଦନ ପ୍ରକ୍ରିୟାର ଉନ୍ନତି, କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଏବଂ ଦୀର୍ଘମିଆଦିରେ ବୈଶ୍ୱିକ ପ୍ରତିସ୍ପର୍ଦ୍ଧାକୁ ଆହୁରି ସୁଦୃଢ଼ କରିବାର ଏକ ସୁଯୋଗ । ସେ କହିଥିଲେ, କଞ୍ଚାମାଲର ନିରାପତ୍ତା ଏବେ ମଧ୍ୟ ଏକ କୌଶଳଗତ ଚିନ୍ତାର ବିଷୟ ହୋଇ ରହିଛି । ଭାରତ ତାହାର ପ୍ରାୟ ୮୫ ପ୍ରତିଶତ କୋକିଂ କୋଇଲା ଆବଶ୍ୟକତା ପାଇଁ ଆମଦାନି ଉପରେ ନିର୍ଭରଶୀଳ । ଫଳରେ ଦେଶର ଇସ୍ପାତ ଉତ୍ପାଦକମାନେ ଯୋଗାଣ ଶୃଙ୍ଖଳାରେ ବାଧା, ପରିବହନ ଖର୍ଚ୍ଚର ଅସ୍ଥିରତା, ଭୂ-ରାଜନୈତିକ ବିପଦ ଏବଂ କଞ୍ଚାମାଲ ମୂଲ୍ୟର ଉତ୍ଥାନ-ପତନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେ ଆହୁରି କହିଥିଲେ, ଏହା ସହିତ ଭବିଷ୍ୟତରେ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧିକୁ ସମର୍ଥନ କରିବା ପାଇଁ ଲୁହାପଥର ସମ୍ପଦର ଦୀର୍ଘମିଆଦି ଏବଂ ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ ଦେଖିବାକୁ ପ୍ରବଳ ଭିଡ଼

## ଆଜିଠାରୁ ଦୁଇଦିନିଆ ବାହୁଡ଼ାଯାତ୍ରା



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ରୂପେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜିଉଙ୍କ ବାହୁଡ଼ାଯାତ୍ରା ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେବ, ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶୁକ୍ରବାର ମାଉସୀମା' ମନ୍ଦିରରେ ତିନିଠାକୁରଙ୍କୁ ସୁନାବେଶ କରାଯାଇଥିଲା । ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିବା ପାଇଁ ଦିନତମାମ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଥିଲା । ଆଜି ସକାଳେ ଶ୍ରୀଜିଉଙ୍କ ମହାସ୍ନାନ ପରେ ଅବକାଶ ନୀତି ଆରମ୍ଭ ହୋଇଥିଲା, ପରେ ପରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସମ୍ପୂର୍ଣ୍ଣ ହୋଇଥିଲା । ମଙ୍ଗଳାଚରଣ ଆଳତୀ ପରେ ପରେ ମାଉସୀମାଙ୍କ ସୁନାଥାଳିରେ ପାଣିଆ ଖେଚୁଡି ଭୋଗ ଲାଗିଥିଲା । ପରେ ତିନିଠାକୁର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାରେ ସୁସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ । ସୁନାବେଶ ଦର୍ଶନ ସମୟରେ ଭକ୍ତ ମାନଙ୍କୁ ପରମ୍ପରା ଅନୁଯାୟୀ ପାଣିଆ ଖେଚୁଡି ଭୋଗ ବଣ୍ଟନ କରାଯାଇଥିଲା । ପ୍ରସାଦ ପାଇବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲିଖିତ ହୋଇଥିଲା । ପରେ ସାହାଣ ମେଲା ପରିଛାଙ୍କ ଦ୍ୱାରା କନକଲାଗି ସେବା ଓ ଦର୍ଶନ ସମ୍ପୂର୍ଣ୍ଣ ହୋଇଥିଲା । ଶେଷରେ ଠାକୁର ମାନଙ୍କ ବେଶ ଖୋଲାଯିବା ପରେ ଅଁଳା ଭେଟି ଲାଗି କରାଯିବା ଓ ସଙ୍ଗେ ସଙ୍ଗେ ଚକାଛଡା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଚଳିତ ରୀତିନୀତି ଅନୁସାରେ ତିନିଠାକୁରଙ୍କୁ ମାଉସୀମାମନ୍ଦିରର ଦକ୍ଷୀଣଦ୍ୱାର ବାଟଦେଇ ଫୁଲ, ତୁଳସୀ ଓ ସୁସଜ୍ଜିତ ଟାହିଆ ପରିଧାନ କରାଯାଇ ଶଙ୍ଖ, ଘଣ୍ଟା, କାହାଳି ଓ ବାଦ୍ୟର ତାଳେ ତାଳେ ପହଣ୍ଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଗୋଟି ପହଣ୍ଡି ପରେ ପ୍ରଥମେ ବଳଭଦ୍ର ପରେ ଶୁଭଦ୍ରା ଓ ସୁଦର୍ଶନ, ଶେଷରେ ମହାପ୍ରଭୁ ଜଗନ୍ନାଥ ବିଭିଷଣ ଦର୍ଶନପୂଜା ପୂର୍ବକ ଗୋଟି ପହଣ୍ଡି ହୋଇ ରଥାରୂଢ ହୋଇଥିଲେ । ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ରୂପା ବେଶରେ ରଥ ଉପରେ ମହାପ୍ରଭୁ ଦର୍ଶନ ଦେଇଥିଲେ । ଶନିବାର ଠାରୁ ଶ୍ରୀଜିଉଙ୍କ ପ୍ରସିଦ୍ଧ ଦୁଇଦିନିଆ ବାହୁଡାଯାତ୍ରା ଆରମ୍ଭ ହେବ । ଶନିବାର ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ହୋଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସିବ ଓ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥ ମହିଳା ମାନଙ୍କ ଦ୍ୱାରା ଟଣାହୋଇ ଟାଉନ ଥାନା ପର୍ଯ୍ୟନ୍ତ ଅଧାବାଟ ଟଣାଯାଇ ଦ୍ୱିତୀୟଦିନ ଅଧାବାଟରୁ ଶୁଭଦ୍ରା ରଥକୁ ଟଣାଯିବ । ଶେଷରେ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିରରେ ପହଞ୍ଚାଯିବ । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ବଳଭଦ୍ରଙ୍କ ରଥ ପହଞ୍ଚିବା ପରେ ରଥରୁ ସ୍ୱତନ୍ତ୍ର ଗୁଡଲଡୁ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ଫିଙ୍ଗାଯିବ ।

## ବୁଗୁଡ଼ାରେ ବାହୁଡା ଯାତ୍ରା, ମଝି ଦାଣ୍ଡରେ ଅଟକିଲା ରଥ



ବୁଗୁଡା, (ସବ୍ୟୁ) : ବୁଗୁଡ଼ାରେ ବାହୁଡା ଯାତ୍ରା ସମ୍ପର୍ଣ୍ଣ ହୋଇଛି । ଭକ୍ତଙ୍କ ଗହଣରେ ରଥ ଟଣା ହୋଇଥିବା ବେଳେ ମଝିଦାଣ୍ଡରେ ରଥ ଅଟକିଛି । ଆଜି ଅପରାହ୍ନରେ ଠାକୁରଙ୍କ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହା ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ଭକ୍ତରାମ ଦାସଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ । ପରେ ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା । ଏହାପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ , ହୁଳହୁଳି ପକାଇ ଠାକୁରଙ୍କ ରଥକୁ ଟାଣି ମଝିଦାଣ୍ଡରେ ପହଞ୍ଚାଇଥିଲେ ।

ରଥଯାତ୍ରା ପରିଚାଳନା କମିଟିର ସଂପାଦକ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟ ସଦସ୍ୟଗଣ ଏବଂ ମନ୍ଦିରର ପୂଜକ, ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୂତୟନ ହୋଇ ଥିଲେ । ପ୍ରକାଶ ଯେ , ରଥରେ ଏକାଦଶୀରେ ଠାକୁରଙ୍କ ସୁନାବେଶ ଏବଂ ତା'ପର ଦିନ ଅଧରପଣା କାର୍ଯ୍ୟ ଶେଷ ହେବା ପରେ ତିନି ଠାକୁର ରନିବେଦୀକୁ ଫେରିବେ ।

## କଏରାପାରୀରେ ବାହୁଡା ଯାତ୍ରା ସମ୍ପନ୍ନ



କଟକ, (ସ୍ୱପ୍ର) : ଟାଙ୍ଗୀର କଏରାପାରୀଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ହୋଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ସଂକଟମୋଚନ ମନ୍ଦିର ଆଡପ ମଣ୍ଡପରେ ଅବସ୍ଥାନ କରିଥିବା ଠାକୁରଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ । ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୁର ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ରଥ ଟଣା ଆରମ୍ଭ ହୋଇଥିଲା । ହରିବୋଲ ଏବଂ ଜୟ ଜଗନ୍ନାଥ ଧ୍ୱନି ସହିତ ସମୂହ ଘଣ୍ଟ , ସଂକୀର୍ତ୍ତନ ସହ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ ଶ୍ରଦ୍ଧାଳୁ ରଥାରୂଢ ଠାକୁରଙ୍କୁ ୧୬ନଂ ଜାତୀୟ ରାଜପଥରେ ରଥ ସାହିସ୍ଥିତ ମା ଦୁର୍ଗାଙ୍କ ମନ୍ଦିର ନିକଟକୁ ଆଣିଥିଲେ । ରଥ ଉପରେ ଠାକୁରଙ୍କୁ ପୋଡ ପିଠା ଭୋଗ ଅର୍ପଣ ସହିତ ସଂଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିଲା ।

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଚିନ୍ମୟୀ ରଥ, ଶିବ ପ୍ରସାଦ ରଥଙ୍କ ସମେତ ଡ୍ରିମ୍ସ ଓ ରଥ ପରିବାରର ସଦସ୍ୟ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଓକିଲ ରଂଜନ ଦାସଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ପୋଲିସ ଉପରେ ବୋମାମାଡ଼ ଓ ଗୁଳିଚାଳନା

## ପାଲଟା ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଆହତ



ବ୍ରହ୍ମପୁର, (ସବ୍ୟୁ) : ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ନଇତଡ଼ା ସାହିର କାଳିଆ ଓରଫ ଘନଶ୍ୟାମ ବେହେରା ଏକାଧିକ ଡକାୟତି ଓ ଲୁଟ୍ ମାମଲାରେ ଓ୍ୱାଣ୍ଟେଡ୍ ଥିଲେ । ତାଙ୍କୁ ଧରିବା ପାଇଁ ପୁରୁଷୋତ୍ତମପୁର ଥାନା ଆଇଆଇସି କୁଳମଣି ସେଠୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଚଢ଼ାଉ କରିଥିଲା ।

ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଦଳ କାଳିଆଙ୍କୁ ପିଛା କରୁଥିବା ବେଳେ, ସେ ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ କୋଦଳା ଥାନା ଅନ୍ତର୍ଗତ କିନାରୀ-ଚୁଞ୍ଚିପଡ଼ା ଜଙ୍ଗଲ ରାସ୍ତାରେ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତ ପୁଲିସ ଦଳ ଉପରକୁ ବୋମାମାଡ଼ କରିବା ସହ ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି । ପୁଲିସ କର୍ମଚାରୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଆତ୍ମରକ୍ଷାର ଅଧିକାର ପ୍ରୟୋଗ କରି ଆଇଆଇସି କୁଳମଣି ସେଠୀ ପାଲଟା ଗୁଳିଚାଳନା କରିଥିଲେ । ଏଥିରେ କାଳିଆ ଓରଫ ଘନଶ୍ୟାମ ବେହେରାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜି ସେ ଆହତ ହୋଇଥିଲେ। ଆହତ ଅଭିଯୁକ୍ତଙ୍କୁ ତୁରନ୍ତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ଆଇଆଇସି କୁଳମଣି ସେଠୀ ଓ ସାଥିରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି ।

## ଯନ୍ତରମନ୍ତରରେ ଛାତ୍ର ଆନ୍ଦୋଳନ ଉପରେ ପୋଲିସର ଆକ୍ରମଣକୁ ନିନ୍ଦା

ବ୍ରହ୍ମପୁର, (ସବ୍ୟୁ) : ନିଟ ସମେତ ବିଭିନ୍ନ ପରୀକ୍ଷାରେପ୍ରଶ୍ନ ପତ୍ର ପ୍ରଘଟ ଓ ବ୍ୟାପକ ଦୁର୍ନୀତି ବିରୋଧରେ ଦିଲ୍ଲୀର ଯନ୍ତର ମନ୍ତରରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ୨୨ ଦିନ ଧରି ଆନ୍ଦୋଳନ ଚାଲିଛି । ସୋନମ ବାଙ୍ଗଚୁକ ସମେତ ଅନେକ ଛାତ୍ର ସଂଗଠନର ନେତୃବୃନ୍ଦ ଅନଶନରେ ବସିଛନ୍ତି । ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେଣୁ ଗତ ୨୦ ତାରିଖ ଦିନ ଆନ୍ଦୋଳନ କାରୀ ଶାନ୍ତିପୂର୍ଣ୍ଣ ଭାବେ ପାର୍ଲାମେଣ୍ଟ ଅଭିଯାନ ସଂଗଠିତ କରିଥିଲେ । କେନ୍ଦ୍ର ସରକାର ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରିବର୍ତ୍ତେ ଦିଲ୍ଲୀ ପୋଲିସ ଓ ସରକାରୀ ଗୁଣ୍ଡା ମାନଙ୍କ ଦ୍ୱାରା ଯେଉଁଭଳି ବର୍ବିରୋଚିତ ଆକ୍ରମଣ କଲେ, ତାହାକୁ ନିନ୍ଦା କରିବା ପାଇଁ ଭାଷା ନାହିଁ । ସମଗ୍ର ବିଶ୍ୱରେ ଏହାକୁ ନିନ୍ଦା କରାଯାଇଛି । ମୋଦି ସରକାରଙ୍କ ଏହି ବର୍ବରଚିତ ଆକ୍ରମଣକୁ ସିପିଏମ, ସିପିଆଇ ଓ ଆପ ପକ୍ଷରୁ ନିନ୍ଦା କରାଯାଇଛି । ସରକାର ଅତିଶୀଘ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଛାତ୍ର ଉପରେ ଆକ୍ରମଣ କାରୀଙ୍କୁ ଦଣ୍ଡବିଧାନ ଓ ଶିକ୍ଷା ସଂସ୍କାର ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛିଛ ଆଜି ତିନୋଟି ଦଳ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ଠାରେ ଆୟୋଜିତ ପ୍ରତିବାଦ ସଭାରେ ସିପିଏମର ଯୁଧିଷ୍ଠିର ବେହେରା, ସିପିଆଇର ନୀଳକଣ୍ଠ ଦାସ, ଆପର ଆଦିତ୍ୟ ରଥ ଅବସର ପ୍ରାପ୍ତ କର୍ମଚାରୀ ନେତା ନନ୍ଦେସୁ ସେନାପତି,ଲୋକ ନାଥ ଖୁଣ୍ଟିଆ, ହିମାଂଶୁ ସାହୁ, କାମଦେବ ନାହାକ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ରାଜା ରାଓ, ସୁବାସ ରାଉତ, ପ୍ରଫୁଲ୍ଲ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ବିଦ୍ୟୁତ୍ ସର୍ଟସର୍କିଟରୁ ସ୍ପେୟାର ପାର୍ଟସ୍ ଦୋକାନରେ ଅଗ୍ନିକାଣ୍ଡ

ବ୍ରହ୍ମପୁର, (ସବ୍ୟୁ) : ଗାନ୍ଧୀନଗର ସ୍ଥିତ ସାଇରାମ ସ୍ପେୟାର ପାର୍ଟସ୍ ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି । ଜରୁରୀକାଳୀନ ସୂଚନା ପାଇବା ପରେ ବ୍ରହ୍ମପୁର ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ କେହି ଆହତ ହୋଇନଥିବା ବେଳେ ଦୋକାନ ଭିତରେ ଥିବା କେତେକ ସାମଗ୍ରୀ ଜଳି ଯାଇଥିଲା । ପ୍ରାଥମିକ ତଦନ୍ତରୁ ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଜଣାପଡ଼ିଛି ।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ବ୍ରହ୍ମପୁର, (ସବ୍ୟୁ) : ଗୁରୁବାର ପୂର୍ବାହ୍ନ ୯ ଘ. ସମୟରେ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ପରିଚାଳନା ସମିତିର ସଭାପତି ଡଃ ଜୀବନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପିକା ମନ୍ଦାକିନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୁଶ୍ରୀ ଐଶ୍ୱର୍ଯ୍ୟା ପଣ୍ଡେ ଏବଂ ସୁଶ୍ରୀ ଅଙ୍କିତା ସାବତ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନର ଉନ୍ନତ ଶିକ୍ଷା ବ୍ୟବସ୍ଥା ତଥା ବ୍ୟବସ୍ଥିତ ପ୍ରକ୍ରିୟା ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ସଭାପତି ଡଃ. ତ୍ରିପାଠୀ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି ସମସ୍ତ ଗୁରୁଜୀ, ଗୁରୁମା ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନ ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ନରସିଂହ ଚୌଧୁରୀ, କେ. ଭେଙ୍କେଟ୍ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ୍ ଉମାଧବ ମହାନ୍ତି, ଡିଗ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବତ୍ତୋର ବିଭାଗର ଖାମ୍‌ଖିଆଲି ନୀତି: ମହାପ୍ରଭୁଙ୍କ ରୀତିନୀତି ଓ ସୁନାବେଶ ବିଳମ୍ବ

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବାହୁଡା ଯାତ୍ରା ପାଇଁ ଉତ୍ସବ ମୁଖର ବାରିପଦା ସହରା ଶୁକ୍ରବାର ଥିଲା ମାଉସୀ ମାମନ୍ଦିରରେ ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାରିକା(ସୁନା ବେଶ) । ମାତ୍ର ଦେବତ୍ତୋର ବିଭାଗର ଖାମ୍‌ଖିଆଲି ମନୋଭାବ ଯୋଗୁଁ ଶୁକ୍ରବାର ମହାପ୍ରଭୁଙ୍କ ଠାନୀତି ଓ ସୁନାବେଶ ଦୀର୍ଘ ଦୁଇଘଣ୍ଟା ପରେ ସମାପନ ହୋଇଥିଲା। ଦାୟିତ୍ୱରେ ଥିବା ଦେବତ୍ତୋର ବିଭାଗର କର୍ମଚାରୀ ମାନଙ୍କର ଅବହେଳା ଯୋଗୁଁ ମହାପ୍ରଭୁଙ୍କ ସୁନାବେଶ ଓ ଠାନୀତି ବହୁ ବିଳମ୍ବ ହୋଇଥିଲା। ମହାପ୍ରଭୁଙ୍କ ପ୍ରସାଦ ପାଇଁ ରୋଷେଇ ଉପକରଣ (ହୋଣ୍ଡା, ଡେକଚି) ଆଦି ସୁଆର ମାନଙ୍କୁ ଯୋଗାଇବାରେ ବହୁ ବିଳମ୍ବ ହୋଇଥିଲା। ଫଳରେ ସୁନାବେଶ ଦର୍ଶନ ସକାଳ ୯ଟାରୁ ଆରମ୍ଭ ହେବାକୁ ଥିବାବେଳେ ଭକ୍ତମାନଙ୍କୁ ଦିନ ୧୨ଟା ପରେ ଦର୍ଶନ କରିବାକୁ ସୁଯୋଗ ମିଳିଥିଲା। ବହୁ ସମୟ ଧରି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଅପେକ୍ଷା କରିଥିବା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଠାକୁରଙ୍କ ପ୍ରଚଳିତ ପ୍ରଥା ଅନୁଯାୟୀ ପହଣ୍ଡି ନୀତି ହୋଇ ମହାପ୍ରଭୁ ରଥାରୁଢ ହେବାର କାର୍ଯ୍ୟକ୍ରମ ଥିବାରୁ ଖୁବ୍ କମ ସମୟ ପାଇଁ ଭକ୍ତମାନେ ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିଥିଲେ। ଏପରିକି ଠାକୁରଙ୍କ ପହଣ୍ଡି ରୀତିନୀତି ମଧ୍ୟ ବହୁ ବିଳମ୍ବ ହୋଇଥିଲା। ଏହି ବେଶ ଦେଖିବାକୁ ପ୍ରବଳ ଭିଡ ହୋଇଥିବାବେଳେ ସମସ୍ତ ଭକ୍ତ ପ୍ରଭୁଙ୍କ ସୁନାବେଶ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ଏନେଇ ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ରୀତିନୀତିରେ ଓ ସୁନାବେଶରେ ବିଳମ୍ବ ନେଇ ତଥା ଦାୟିତ୍ୱରେ ଥିବା ଦେବତ୍ତୋର ବିଭାଗ କର୍ମଚାରୀଙ୍କ ଅବହେଳାକୁ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉପଜିଲ୍ଲାପାଳ କୌଣସି ସ୍ପଷ୍ଟ ଉତ୍ତର ରଖିନଥିଲେ। ପ୍ରସିଦ୍ଧ ରଥଯାତ୍ରା ସମୟରେ ଏହି ବିଳମ୍ବକୁ ନେଇ ସେବାୟତ ଓ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## କୁନି ଜଗନ୍ନାଥ ଠାକୁରଙ୍କ ସୁନାବେଶ



ବ୍ରହ୍ମପୁର, (ସବ୍ୟୁ) : ହରିଶୟନ ଏକାଦଶୀ ତଥା ପବିତ୍ର ସୁନା ବେଶ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ପକ୍ଷରୁ ୫ ଇଞ୍ଚ କାଠରେ ନିର୍ମିତ ହେଇଥିବା କାଳିଆ ସାଆନ୍ତଙ୍କୁ ଖୁବ ସୁନ୍ଦର ଭାବେ ସୁନା ବେଶରେ ସଜାଇଛନ୍ତି ।

ଏହି ଛୋଟିଆ ପ୍ରଭୁଙ୍କ ବିଗ୍ରହଟି ଦେଖିବାକୁ ପୁରୀ କାଳିଆ ସାଆନ୍ତ ପରି । ସତେ ଏହାକୁ ଦେଖିଲେ ଆଖି ମନ ମୋହି ଯାଉଛି । ଏହି ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ଦଶ ଅବତାର ଯଥା ମୀନ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବୌଦ୍ଧ, କଳ୍କୀ ଅବତାର ଭଳି ବିଭିନ୍ନ ବେଶରେ ସୁସଜିତ କରିଥିଲେ । ସବୁ ବେଶ ଗୁଡ଼ିକ ଅତି ଆକର୍ଷଣ ଓ ଚମତ୍କାର ଦେଖା ଯାଉଥିଲେ ବୋଲି ସେ କହିଛନ୍ତି । ମହାପ୍ରଭୁ ସମସ୍ତଙ୍କୁ ଖୁସିରେ ରଖିଥାନ୍ତୁ । ଏହା ହିଁ ପ୍ରଭୁଙ୍କ ପାଖରେ କାମନା କରିଛନ୍ତି ଶିଳ୍ପୀ ସତ୍ୟ ।

## ପୁଣି ଶିମିଳିପାଳରୁ ୪ ଶିକାରୀ ଗିରଫ, ବନ୍ଧୁକ ସହ ବିଭିନ୍ନ ସାମଗ୍ରୀ ଜବତ




ବାରିପଦା, (ସବ୍ୟୁ) : ଶିକାର କରିବା ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରୁଥିଲେ ଶିକାରୀ । ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡ଼ିଭିଜନ ଅନ୍ତର୍ଗତ ଜଙ୍ଗଲରେ ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବେଆଇନ ଭାବେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ୪ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଟ୍ରେଲଗାର୍ଡ ଏଆଇ କ୍ୟାମେରାରେ ସେମାନଙ୍କର ଗତିବିଧି ଧରାପଡ଼ିବା ପରେ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସଟିପିଏଫ୍) ସମେତ ବନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ତତ୍ପରତାର ସହ ଅଭିଯାନ ଚଳାଇ ସେମାନଙ୍କୁ କାବୁ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ଗୁଣ୍ଡ, ୨ଟି ହେଡ୍ ଟର୍ଚ୍ଚ ସହ ଶିକାର କାର୍ଯ୍ୟରେ ବ୍ୟବହୃତ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଜବତ କରାଯାଇଛି। ବନ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁଁ ବନ୍ୟଜନ୍ତୁ ଶିକାର ଉଦ୍ୟମକୁ ବିଫଳ କରାଯାଇଛି । ଏହି ଘଟଣାରେ ପୋଡାଡିହା ବନ୍ୟଜନ୍ତୁ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କର ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର (ଦକ୍ଷିଣ) ଉପନିର୍ଦ୍ଦେଶକ ସୁମିତ କୁମାର କର ।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଫାଗୁରାମ ଟୁଡୁ (୨୩), ରାମଚନ୍ଦ୍ର କିସ୍କୁ (୫୬), ରଞ୍ଜନ କିସ୍କୁ (୨୬) ଏବଂ ବିଶ୍ୱନାଥ ହାଁସଦାଃ (୬୫) । ସେମାନେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଅଧିନ ବଡ଼ଜୁନପାଳ ଓ ସାନ୍‌ଜୁଣପାଳ ଅଞ୍ଚଳର ବାସିନ୍ଦା ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

## ଫୁଲବାଣୀ ବ୍ରାଉନସୁଗର ମାମଲାରେ ମହିଳାଙ୍କ ସମେତ ୨ ଗିରଫ

## ଗିରଫ ସଂଖ୍ୟା ୧୭କୁ ବୃଦ୍ଧି



ଫୁଲବାଣୀ, (ସବ୍ୟୁ):ବ୍ରାଉନ ସୁଗର୍ ମାମଲାରେ ଜଣେ ମହିଳାଙ୍କ ସମେତ ପୁଣି ୨ଜଣଙ୍କୁ ଗିରଫ୍ କରିଛି ଫୁଲବାଣୀ ଟାଉନ୍ ଥାନା ପୋଲିସ । ଗିରଫ ଦୁଇ ଜଣ ହେଲେ ଖଜୁରିପଡା ଥାନା ଆର୍ ନୂଆଗାଁ ତଥା ବର୍ତ୍ତମାନ ଅରବିନ୍ଦ ନଗର ଫୁଲବାଣୀରେ ରହୁଥିବା କୁଶ ମୁଖୀଙ୍କ ପୁଅ ପ୍ରକାଶ ମୁଖୀ ଓ ଫୁଲବାଣୀ ସାହିର ଅରୁଣ ମହାନ୍ତିଙ୍କ ସ୍ତ୍ରୀ ସୁକାନ୍ତି ମହାନ୍ତି ବୋଲି ଟାଉନ ପୋଲିସ କହିଛି । ପୂର୍ବରୁ ପୋଲିସ ଏହି ବ୍ରାଉନ ସୁଗାର୍ ମାମଲାରେ ପର୍ଯ୍ୟାୟକ୍ରମେ ୧୫ ଜଣଙ୍କୁ ଗିରଫ କରିଥିବା ବେଳେ ବର୍ତମାନ ଏ ଦୁଇ ଜଣଙ୍କୁ ମିଶାଇ ବ୍ରାଉନ ସୁଗାର୍ ମାମଲାରେ ଗିରଫ ସଂଖ୍ୟା ବୃଦ୍ଧି ପାଇ ୧୭ରେ ପହଞ୍ଚିଛି ।

ଏନେଇ ଫୁଲବାଣୀ ଟାଉନ ଥାନାରେ ପୂର୍ବରୁ ୧୬୮/୨୬ ରେ ଓ ଆଜି ୧୫୯/୨୬ରେ ମାମଲା ରୁଜୁ ହୋଇଛି । କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବ୍ରାଉନ ସୁଗର୍ ମାମଲାର ତଦନ୍ତ କରାଯାଉଛି । ଆଗକୁ ଡ୍ରଗସ ମାମଲାରେ ତଦନ୍ତ କରି ଏହି କାରବାରରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ କହିଛନ୍ତି । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଥାନା ପୋଲିସ ପକ୍ଷରୁ ଡ୍ରଗ୍ସ୍ ମାଫିଆଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ଜଣାପଡିଛି ।

## ପ୍ରଯୁକ୍ତିବିଦ୍ୟା, ନୈତିକତା ଓ ଉତ୍ସର୍ଗୀକୃତ ଟିମ୍ ଜରିଆରେ

# ଭରସାଯୋଗ୍ୟ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ) : ପ୍ରତ୍ୟେକ ଗ୍ରାହକଙ୍କୁ ସଠିକ ବିଦ୍ୟୁତ ବିଲ୍ ପ୍ରଦାନ କରିବା ନିମନ୍ତେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ସଦା ସଚେତନ ରହିଛି । ପାରଦର୍ଶୀତା, ପରିଚାଳନାଗତ ଉତ୍କର୍ଷତା ଓ ଉପଭୋକ୍ତା କୈନ୍ଦ୍ରିକ ସେବା ପ୍ରଦାନ ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ଅଟେ । କ୍ଷେତ୍ରୀୟ ଯାଞ୍ଚ କରି କମ୍ପାନୀ ବିଦ୍ୟୁତ ବିଲ୍ ଜନିତ ଅନୈତିକ କାର୍ଯ୍ୟକଳାପକୁ ରୋକିବାରେ ସଫଳ ହେଉଛି। ନିରପେକ୍ଷ ଓ ସଠିକ ବିଲ୍ ସୁନିଶ୍ଚିତ କରିବା ନିମନ୍ତେ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ଡିଜିଟାଇଜେସନ୍ କରାଯାଇଥିବା ବେଳେ ଓସିଆର୍ ସଂଶ୍ଳିଷ୍ଟ ମିଟର ରିଡିଂ, ତଥ୍ୟ ବିଶ୍ଳେଷଣ, ବ୍ୟବସ୍ଥିତ କ୍ଷେତ୍ର ଅଡିଟ୍ କରାଯାଉଛି । ସଠିକ ଶୁଳ୍କ ବର୍ଗୀକରଣ କରାଯିବା ସହ ଅନଧିକୃତ ବିଦ୍ୟୁତ ବ୍ୟବହାରକୁ ଚିହ୍ନଟ କରାଯାଉଛି ।

କମ୍ପାନୀର ଏଭଳି ଉଦ୍ୟମ ସାମଗ୍ରିକ ଭାବେ ବିଲିଂ ସଠିକତା ବୃଦ୍ଧି କରୁଥିବା ବେଳେ ଗ୍ରାହକଙ୍କୁ ସନ୍ତୁଷ୍ଟ କରିପାରିଛି । ବିଦ୍ୟୁତ ବିତରଣ କ୍ଷେତ୍ରରେ ବିଲିଂ ସଠିକତାର ବୃଦ୍ଧିରେ ଅନେକ କର୍ମଚାରୀଙ୍କର ସହଯୋଗ ରହିଛି । ପୁରୁଷୋତ୍ତମପୁରର ସନ୍ତୋଷ ସାହୁ ଗତ ଆର୍ଥିକ ବର୍ଷରେ ୬୫୪ଟି ବଦ୍ୟୁତ୍ ଚୋରି ମାମଲା ଚିହ୍ନଟ କରି ସ୍ୱଚ୍ଚ୍ଛ ବିଲିଂ କାର୍ଯ୍ୟକଳାପ ସମୟରେ ଦୃଷ୍ଟାନ୍ତମୂଳକ ସତର୍କତା ପ୍ରଦର୍ଶନ କରିଛନ୍ତି । ଶ୍ରୀସାହୁଙ୍କର ଏହି ପ୍ରୟାସ ରାଜସ୍ୱ ସଂରକ୍ଷଣ, ବ୍ୟାବସାୟିକ କ୍ଷତି ହ୍ରାସ, ଗ୍ରାହକଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିପାରିଛନ୍ତି । ସେହିପରି ଉପାଲଦା ସବ୍-ଡିଭିଜନର ପପିନ୍ଦ୍ର ଜେନା ୪୪ ଟି ରିପୋର୍ଟ ହୋଇନଥିବା ଲାଇଭ୍ ସଂଯୋଗ ଏବଂ ଶୁଳ୍କ ଅପବ୍ୟବହାରର ୧୨ଟି ମାମଲାକୁ ଚିହ୍ନଟ କରିଛନ୍ତି । ତାଙ୍କର ଉଦ୍ୟମ ବିଲିଂ ସଠିକତାକୁ ଯଥେଷ୍ଟ ଉନ୍ନତ କରିଛି । କମ୍ପାନୀର ଅନେକ କ୍ଷେତ୍ର କର୍ମଚାରୀଙ୍କର ଏହି ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି । ଭଞ୍ଜନଗରର ସରୋଜ ଗୁରୁ ଅପଗ୍ରେଡ୍ ଡିଜିଟାଲ୍ ବିଲିଂ ଆପ୍ଲିକେସନକୁ ସଫଳତାର ସହ କାର୍ଯ୍ୟକାରୀ କରୁଥିବାବେଳେ ଉଠା ଜଳସେଚନ ଗ୍ରାହକଙ୍କ ୧୦୦ ପ୍ରତିଶତ ବିଲିଂ କଭରେଜ୍ ନିଶ୍ଚିତ କରିଛନ୍ତି । ମାଲାକାନଗିରି ଅଞ୍ଚଳର ମିଟର ରିଡର ଅଶୋକ ମଣ୍ଡଳ ସକ୍ରିୟ କ୍ଷେତ୍ର ଯୋଗଦାନ ମାଧ୍ୟମରେ ୬୩ ଟି ଉପଭୋକ୍ତା ମାମଲାକୁ ନିୟମିତ କରିଥିବାବେଳେ କବି ସୂର୍ଯ୍ୟନଗରର ବାସୁଦେବ ବେହେରା ୧୦୦ ପ୍ରତିଶତ ଓସିଆର ଆଧାରିତ ମିଟର ରିଡିଂ ଏବଂ ଶୂନ୍ୟ ପ୍ରୋଭିଜନାଲ ରିଡିଂ ହାସଲ କରି ଡିଜିଟାଲ୍ ବିଲିଂ ସଠିକତାରେ ଏକ ମାନଦଣ୍ଡ ସ୍ଥିର କରିଛନ୍ତି ।

ପାରଦର୍ଶିତା, ପ୍ରଯୁକ୍ତି ଆଧାରିତ ପରିଚାଳନା ଏବଂ ଉପଭୋକ୍ତା କୈନ୍ଦ୍ରିକ ସେବା ପ୍ରତି ଟିପିଏସଓଡିଏଲର ପ୍ରତିବଦ୍ଧତାକୁ ଦୋହରାଇ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଥିଲେ ଯେ, ପ୍ରଯୁକ୍ତି କ୍ଷେତ୍ରରେ କମ୍ପାନୀର ନିରନ୍ତର ନିବେଶ ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତାଙ୍କ ବିଶ୍ୱାସ ଏବଂ ସେବା ପ୍ରଦାନକୁ ସୁଦୃଢ଼ କରିବାରେ ସହାୟକ ହେଉଛି । ଅନଧିକୃତ ବିଦ୍ୟୁତ ବ୍ୟବହାର କିମ୍ବା ସନ୍ଦେହଜନକ କାର୍ଯ୍ୟକଳାପ ନଜରକୁ ଆସିଲେ ନିକଟସ୍ଥ ଗ୍ରାହକ ସମ୍ପର୍କ କେନ୍ଦ୍ର କିମ୍ବା କମ୍ପାନୀର ଉପଭୋକ୍ତା ସେବା ହେଲ୍ପଲାଇନ ୧୮୦୦-୨୦୨୬ କିମ୍ବା ୧୯୧୨ ମାଧ୍ୟମରେ ଜଣାଇବାକୁ ନିବେଦନ କରାଯାଉଛି । ଦକ୍ଷିଣ ଓଡ଼ିଶା ପାଇଁ ଏକ ସ୍ୱଚ୍ଛ, ଦକ୍ଷ ଏବଂ ଭବିଷ୍ୟତ ଉନ୍ମୋଖୀ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ ଅଟେ ।

## ପେଟ୍ରୋଲ ପମ୍ପ ସମ୍ମୁଖରେ ମର୍ମନ୍ତୁଦ ଦୁର୍ଘଟଣା

# ଟ୍ରକ୍ ଧକ୍କାରେ ଭିଣୋଇଙ୍କ ମୃତ୍ୟୁ, ଦୁଇ ଗୁରୁତର



ନୂଆପଡ଼ା, (ସବ୍ୟୁ) : ନୂଆପଡ଼ା ଥାନା ଅନ୍ତର୍ଗତ ଟନୱାଟ ଛକ ନିକଟସ୍ଥ ବି.ବି. ପେଟ୍ରୋଲ ପମ୍ପ ସମ୍ମୁଖରେ ଜାତୀୟ ରାଜପଥ-୩୫୩ ରେ ଆଜି ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ସୂଚନା ଅନୁଯାୟୀ, ଖପ୍ରାଖୋଲ ଥାନା ବର୍ତିଆ ଗ୍ରାମର ଟିକେଲାଲ ବାରିକ (୪୨), ତାଙ୍କ ଶାଳକ ଧର୍ମେନ୍ଦ୍ର ବାଗ (୨୭) ଓ ସାଙ୍ଗ ହୀରାଧର କେତକୀ (୩୦) ବାଇକରେ ଖରିଆର ରୋଡ଼ରୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ମାଲବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରକଟି ବାଇକ ଆରୋହୀମାନଙ୍କୁ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ତିନିଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ଟିକେଲାଲ ବାରିକଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମେନ୍ଦ୍ର ବାଗ ଓ ହୀରାଧର କେତକୀଙ୍କ ଚିକିତ୍ସା ଜାରି ରହିଛି। ନୂଆପଡ଼ା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ହଷ୍ଟେଲରୁ ନିଖୋଜ, ମଧ୍ୟରାତ୍ରିରେ ଉଦ୍ଧାର

# ଆବାସିକ ସ୍କୁଲ ସୁରକ୍ଷାକୁ ନେଇ ଉଠିଲା ବଡ଼ ପ୍ରଶ୍ନ

ରାୟଗଡା, (ସବ୍ୟୁ): ରାୟଗଡ଼ା ଜିଲ୍ଲା ପଦ୍ମପୁରସ୍ଥିତ ଅଭ୍ୟାସ ରେସିଡେନ୍ସିଆଲ ସ୍କୁଲରୁ ଜଣେ ୧୧ ବର୍ଷୀୟ ଆବାସିକ ଛାତ୍ର ନିଖୋଜ ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ତେବେ ରାତି ପ୍ରାୟ ୨ଟା ସମୟରେ ଗୁମୁଡା ନିକଟରୁ ପୋଲିସ ଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ସୂଚନା ତାଙ୍କ ପିତା ପି. ନରେଶ ପାତ୍ର ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ନିଖୋଜ ଛାତ୍ର ମୁନିଗୁଡ଼ା ଅଞ୍ଚଳର ବାସିନ୍ଦା ଏବଂ ଅଭ୍ୟାସ ରେସିଡେନ୍ସିଆଲ ସ୍କୁଲର ଷଷ୍ଠ ଶ୍ରେଣୀରେ ପଢ଼ୁଥିଲେ। ସେ ହଷ୍ଟେଲରେ ରହି ଅଧ୍ୟୟନ କରୁଥିବାବେଳେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ହଠାତ ନିଖୋଜ ହୋଇଯାଇଥିଲେ। ଦୀର୍ଘ ସମୟ ଧରି ତାଙ୍କର କୌଣସି ସନ୍ଧାନ ନମିଳିବାରୁ ପରିବାର ଲୋକଙ୍କ ସହ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଉଦବେଗ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଥାନାକୁ ସୂଚନା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ରାତି ପ୍ରାୟ ୨ଟା ସମୟରେ ଗୁମୁଡା ନିକଟରୁ ଛାତ୍ରଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲା । ତେବେ ଜଣେ ୧୧ ବର୍ଷୀୟ ଛାତ୍ର କିପରି ସ୍କୁଲ ପରିସର ଛାଡ଼ି ପ୍ରାୟ ୫ କିଲୋମିଟର ଦୂରକୁ ପହଞ୍ଚିଲେ, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏନେଇ ସ୍କୁଲର ସମ୍ପାଦକ ଲାଡି ଟୁକାରାମ କହିଛନ୍ତି, ଛାତ୍ର ଜଣକ ଶୌଚାଳୟକୁ ଯିବା ପରେ ସେଠାରୁ ପ୍ରାଚୀର ଡେଇଁ ବାହାରକୁ ଚାଲିଯାଇଥିଲେ। କାନ୍ଥଅରେ ସାର୍ଟ ଅପରିଷ୍କାର ହୋଇଯିବାରୁ ସେ ତାହା ଖୋଲି ଚାଲି ଯାଇଥିବା ସେ କହିଛନ୍ତି। ତାଙ୍କ ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ପ୍ରାୟ ୧୮୦ ଜଣ ଛାତ୍ରଛାତ୍ରୀ ଆବାସିକ ବ୍ୟବସ୍ଥାରେ ପାଠପଢୁଛନ୍ତି। ସ୍କୁଲଟି ସିବିଏସଇ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୨୦୨୧ ମସିହାରେ ପାଞ୍ଚ ବର୍ଷ ପାଇଁ ଅନାପତ୍ତି ପ୍ରମାଣପତ୍ର (ଏନ୍ଓସି) ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ସେହି ଅନୁମତିର ବୈଧତା ଓ ନବୀକରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ। ଏହି ଘଟଣା ପରେ ଆବାସିକ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ସରକାରଙ୍କ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ବେସରକାରୀ ଆବାସିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ପାଇଁ କଡ଼ା ବ୍ୟବସ୍ଥା ରହିବା ବାଧ୍ୟତାମୂଳକ । ସେଥିରେ କ୍ୟାମ୍ପସରେ ୨୪ ଘଣ୍ଟିଆ ସିସିଟିଭି ନଜର, ମୁଖ୍ୟ ପ୍ରବେଶପଥରେ ସୁରକ୍ଷାକର୍ମୀ ଓ ଗେଟ୍ ରେଜିଷ୍ଟର, ହଷ୍ଟେଲରେ ସର୍ବଦା ୱାର୍ଡେନଙ୍କ ଉପସ୍ଥିତି, ଶକ୍ତିଶାଳୀ ପ୍ରାଚେରୀ, ଅନଧିକୃତ ପ୍ରବେଶ ରୋକିବାର ବ୍ୟବସ୍ଥା ଏବଂ ଅଭିଭାବକ କିମ୍ବା ଅନୁମୋଦିତ ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ ପରେ ମାତ୍ର ଛାତ୍ରଛାତ୍ରୀଙ୍କୁ ବାହାରକୁ ନେବାର ନିୟମ ରହିଛି। ଏହାବ୍ୟତୀତ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ପ୍ରତି ୧୦ଜଣ ଛାତ୍ରଙ୍କୁ ଗୋଟିଏ ସ୍ୱଚ୍ଛ ଶୌଚାଳୟ, ସ୍ୱାସ୍ଥ୍ୟକର ପରିବେଶ ଏବଂ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚର ମଧ୍ୟ ବ୍ୟବସ୍ଥା ରହିଛି। ସେହିପରି ଜାତୀୟ ଶିଶୁ



ଅଧିକାର ସୁରକ୍ଷା ଆୟୋଗ (ଏନ୍ସିପିସିଆର)ର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତ୍ୟେକ ଆବାସିକ ସଂସ୍ଥାରେ ଶିଶୁ ସୁରକ୍ଷା ନୀତି, ଅଭିଯୋଗ ନିବାରଣ ବ୍ୟବସ୍ଥା ଓ ଆପତ୍କାଳୀନ ପ୍ରତିକ୍ରିୟା ପ୍ରଣାଳୀ ରହିବା ଆବଶ୍ୟକ। ଅନ୍ୟପକ୍ଷରେ ସ୍ଥାନୀୟ ମହଲରେ ଅଭିଯୋଗ ଉଠିଛି ଯେ ସମ୍ପୃକ୍ତ ଛାତ୍ରାବାସର ବୈଧ ଅନୁମତି ଓ ତାହାର ନବୀକରଣ ସମ୍ପର୍କରେ ସ୍ପଷ୍ଟତା ନାହିଁ। ଯଦି ପ୍ରକୃତରେ ଆବଶ୍ୟକ ଅନୁମତି କିମ୍ବା ନବୀକରଣ ବିନା ଛାତ୍ରାବାସ ପରିଚାଳନା ହେଉଥାଏ। ତେବେ ତାହା ସମ୍ପୃକ୍ତ ବିଭାଗୀୟ ତଦନ୍ତର ବିଷୟ ବୋଲି କୁହାଯାଉଛି। ଏହି ସମସ୍ତ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗର ସରକାରୀ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ। ତେବେ ଏହି ଘଟଣା ବେସରକାରୀ ଆବାସିକ ବିଦ୍ୟାଳୟଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ପ୍ରଶାସନିକ ତଦାରଖ ଏବଂ ନିୟମ ପାଳନକୁ ନେଇ ପୁଣିଥରେ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି ।

# ଭାରତୀୟ ମଜଦୂର ସଂଘ କଳାହାଣ୍ଡି ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ

ଭବାନୀପାଟଣା, (ସବ୍ୟୁ) : ଭାରତୀୟ ମାଜଦୂର ସଂଘ କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲାର ତିନୋଟି ସ୍ଥାନରେ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାର ଜୟପାଟଣା ବ୍ଲକ ଅନ୍ତର୍ଗତ ବଡ଼ କରଲାକୋଟ, ନର୍ଲା ବ୍ଲକର ପି.ଡବ୍ଲୁ.ଡି. ବଙ୍ଗଳା ଓ ଭବାନୀପାଟଣାର ଅମଲା ଭବନ ଠାରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାର ଅମଲା ଭବନ ଠାରେ ପାଳିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଂଘ ଚାଳକ ମା. ଜୟ ନାରାୟଣ ବାବୁ, ଭାରତୀୟ ମାଜଦୁର ସଂଘର ରାଜ୍ୟ ପ୍ରଭାରୀ ଡ଼ା. ବିରଞ୍ଚି ନାରାୟଣ ପଣ୍ଡା, ଭାରତୀୟ ମାଜଦୁର ସଂଘ ଓଡିଶା ଶାଖାର ମହିଳା ନେତ୍ରୀ ଝୁନୁପମା ଶତପଥୀ, କଳାହାଣ୍ଡି ଜିଲ୍ଲାର ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ, ଭାରତୀୟ ମାଜଦୂର ସଂଘ କଳାହାଣ୍ଡି ଶାଖାର ସଭାପତି ଡୋଳାମଣୀ ସାହୁ ଓ କଳାହାଣ୍ଡି କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସଂଘର ସଭାପତି ଭବାନୀ ଶଙ୍କର ରାଉତ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଜିଲ୍ଲା ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କରୁ ଶତାଧିକ ଶ୍ରମିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଷ୍ଠା ଦିବସର ଉଦ୍ଧେଶ୍ୟ ଉପରେ ଆଲୋଚନା କରିଥିଲେ । ଭାରତୀୟ ମଜଦୂର ସଂଘର ବରିଷ୍ଠ ନେତା ଡ଼ା. ପଣ୍ଡା ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। କଳାହାଣ୍ଡି ଜିଲ୍ଲାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘ, ସଫେଇ କର୍ମଚାରୀ ସଂଘ, ପାଚିକା ଓ ସହାୟିକା ସଂଘ, ବିଶ୍ୱ କର୍ମା ମଜଦୂର ସଂଘ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସଂଘ, ଇସି ସଂଘ, ସିଆରପି ସଂଘ, କୃଷି ଗ୍ରାମୀଣ ମଜଦୂର ସଂଘ, ଆଶା କର୍ମୀ ସଂଘର ସଦସ୍ୟ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳନ ଅବସରରେ ନିର୍ମାଣ ଶ୍ରମିକ ମାନଙ୍କୁ ଶ୍ରମିକ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ମା. ଦତୋପନ୍ଥ ଠେଙ୍ଗଡ଼େ ଜୀ ଶ୍ରମିକ ମାନଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଉନ୍ନତି ସାଧନ ନିମନ୍ତେ ଏହି ସଙ୍ଗଠନକୁ ୧୯୫୫ ମସିହାରେ ଆରମ୍ଭ କରିଥିବା ବିଷୟ ବକ୍ତା ମାନେ ସ୍ମୃତି ଚାରଣ କରିଥିଲେ ।

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଏସ୍-ରାମପୁର, (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯୋଜନା ତରଫରୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡ଼ା. ଆଶିଷ କୁମାର ଗୋଏଲ ଏବଂ ଡା. ସୁଶ୍ରୀ ପତି ଯୋଗଦାନ କରି ବିଦ୍ୟାଳୟର ୧୨୦ ଜଣ ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ନର୍ସ ଅନିତା ସାହୁ, ଶିକ୍ଷକ ନନ୍ଦିଘୋଷ ବାରିକ, ରାଜୁ ମେହେର, ଚିନ୍ମୟ ଦାସ, କିରନ କୁମାର ପଟେଲ, ସଞ୍ଜୀବ କୁମାର ପୂଜାରୀ, କର୍ମଚାରୀ ସୁରଜ୍ ଖମାରୀ, ସମୀର କଠାର,ବିଭୀଷଣ ଖମାରୀ ସହଯୋଗ କରିଥିଲେ ।

# ପ୍ରଭାତୀ ପରିଡ଼ାଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ବିସ୍ତୃତ ସମୀକ୍ଷା

ଭବାନୀପାଟଣା, (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଦାୟିତ୍ୱରେ ଥିବା ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜରମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଅନନ୍ତ ନାରାୟଣ ସିଂହ ଲାଗୁରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସିଡିଓ-କମ୍-ଇଓ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶାଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାର ବହୁ ସଂଖ୍ୟକ ଅଙ୍ଗନୱାଡ଼ି କର୍ମୀ, ହେଲ୍ପର ଓ ସୁପରଭାଇଜରମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ଅଙ୍ଗନୱାଡ଼ି କର୍ମୀମାନେ ନିଜ କାର୍ଯ୍ୟ ସମ୍ପାଦନ ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ। ବର୍ଦ୍ଧିତ ଦରଦାମ ଯୋଗୁଁ ଅଣ୍ଡା ଯୋଗାଣରେ ସୃଷ୍ଟି ହେଉଥିବା ଅସୁବିଧା, ସମ୍ମାନରାଶି ବୃଦ୍ଧି, ୧୦,୦୦୦ ପ୍ରୋତ୍ସାହନ ରାଶିକୁ ଦୁଇଟି କିସ୍ତି (୫,୫୦୦ ଓ ୪,୫୦୦) ପରିବର୍ତ୍ତେ ଏକକାଳୀନ ପ୍ରଦାନ, ଆକସ୍ମିକ ବ୍ୟୟ ସମ୍ବନ୍ଧୀୟ ସମସ୍ୟା, ମୋବାଇଲ୍ ଫୋନ୍ ସୁବିଧା ଏବଂ ସୁଭଦ୍ରା ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ବିଭିନ୍ନ ପ୍ରସଙ୍ଗ ସେମାନେ ସ୍ପଷ୍ଟ ଭାବେ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମସ୍ତଙ୍କ ମତାମତ ଓ ସମସ୍ୟା ଶୁଣିବା ସହ ସେଗୁଡ଼ିକର ଶୀଘ୍ର ଓ ଯଥାଯଥ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ସେ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରସଙ୍ଗଙ୍କୁ ପ୍ରାଥମିକତାର ସହ ବିଚାର କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସମୟୋପଯୋଗୀ ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଭୋଟର ତାଲିକା ପ୍ରକାଶିତ, ଜିଲ୍ଲା କଂଗ୍ରେସ ସଭାପତି ଉପେକ୍ଷିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ଖସଡ଼ା ଭୋଟର ତାଲିକା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଗତ ୫ତାରିଖରେ ସଭା ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ସଭାପତି ଓ ସମ୍ପାଦକ ମାନଙ୍କ ଉପସ୍ଥିତିରେ ଭୋଟର ତାଲିକାର ଉଭୟ ସଫ୍ଟ ଓ ହାର୍ଡ କପି ପ୍ରକାଶନ ହୋଇଥିଲା। ତେବେ କଂଗ୍ରେସ ଭଳି ଜାତୀୟ ଦଳର ଜିଲ୍ଲା ସଭାପତିଙ୍କୁ ଏନେଇ କୌଣସି ଯୋଗାଯୋଗ କରାଯାଇନଥିଲା। ଏପରିକି ସଂପୃକ୍ତ ବୈଠକରେ ମଧ୍ୟ ଯୋଗ ଦେବାକୁ ଅବଗତ କରାଯାଇନଥିଲା। ଏହା ଜଣାପଡିବା ପରେ ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଇଂ. ଅମିତ କୁମାର ଗୁରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଜିଲ୍ଲା ପ୍ରଶାସନ ଶାସକ ବିଜେପି ଦଳକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ବିରୋଧି କଂଗ୍ରେସ ଅଣଦେଖା କାହିଁକି ବୋଲି ପ୍ରଶ୍ନ କରିଥିଲେ। ତାଙ୍କୁ ଜାଣିଶୁଣି ଉପେକ୍ଷା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତେବେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତିଙ୍କ ମୋବାଇଲ ନମ୍ବର ନଥିବାବେଳେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଏହି ଆଲୋଚନା ବେଳେ ହୀରାକୁଦ ନଗର ସଭାପତି ରବି ରାଉତ, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମାଳ ବଣିକ ସଂଘ ଦ୍ୱାରା ଅନ୍ନ ପ୍ରସାଦ ବଣ୍ଟନ

କନ୍ଧମାଳ, (ସବ୍ୟୁ): ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ପବିତ୍ର ବାହୁଡ଼ାଯାତ୍ରା ଅବସରରେ କନ୍ଧମାଳ ବଣିକ ସଂଘ ତରଫରୁ ପ୍ରଥମଥର ପାଇଁ 'ଅନ୍ନ ଦାନ ମହା ପୁଣ୍ୟ' ଭଳି ଏକ ମହତ କାର୍ଯ୍ୟକ୍ରମ ଭବ୍ୟ ଅନ୍ନ ପ୍ରସାଦ ବଣ୍ଟନ ର ଆୟୋଜନ କରିଛନ୍ତି । ବାହୁଡ଼ା ରଥ ଯାତ୍ରା ରେ ଭକ୍ତ ମାନଙ୍କ ସେବା ପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ସ୍ଥାନୀୟ ହାଟପଦା ଛକ ସ୍ଥିତ ହନୁମାନ ମନ୍ଦିର ଠାରେ ଖୋଲିଥିବା ବେଳେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରା ଯାଇଥିଲା । କନ୍ଧମାଳ ବଣିକ ସଂଘ କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ଏହି ଅନ୍ନ ପ୍ରସାଦ ସେବା କାର୍ଯ୍ୟକ୍ରମରେ ରଥ ଟାଣିବା ଓ ରଥଯାତ୍ରା ଦେଖିବାକୁ ବିଭିନ୍ନ ଗାଁ ଗୁଡ଼ିକରୁ ଆସିଥିବା ହଜାର ହଜାର ଭକ୍ତଙ୍କୁ ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କନ୍ଧମାଳ ବଣିକ ସଂଘ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷଙ୍କ ସମେତ ସମସ୍ତ କମିଟି ମେମ୍ବର ମାନେ ଉପସ୍ଥିତ ରହି ଭକ୍ତ ମାନଙ୍କୁ ଉତ୍ସାହିତ କରିବା ସହ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ ।

# ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ିଲେ ମହାପ୍ରଭୁ

ରାୟଗଡା, (ସବ୍ୟୁ): ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ାଯାତ୍ରା ରାୟଗଡାର ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ଓ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଥିଲା। ପୂର୍ବାହ୍ନରେ ମାଉସୀ ମାଆ ମନ୍ଦିରରୁ ପାରମ୍ପରିକ ପହଣ୍ଡି ବିଜେ ପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ରାଜପୁରୋହିତଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା। ହରିବୋଲ ଓ ଜୟଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ତହସିଲଦାର ତଥା ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ, ଏସଡିପିଓ, ରାଜସ୍ୱ ପରିଦର୍ଶକ ଦେବୀପ୍ରସାଦ ମଲ୍ଲିକ, ଟାଉନ ଥାନା ଅଧିକାରୀ, ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ରଥଯାତ୍ରାର ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାର ତଦାରଖ କରିଥିଲେ। ପ୍ରତିବର୍ଷ ପରି ଏଥର ମଧ୍ୟ ରଥର ଗୋଟିଏ ପାର୍ଶ୍ୱରୁ ମହିଳା ଏବଂ ଅନ୍ୟ ପାର୍ଶ୍ୱରୁ ପୁରୁଷ ଭକ୍ତମାନେ ରଥ ଟାଣିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୧୫ ମିନିଟରେ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ବାହୁଡ଼ାଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହ ସିଆରପିଏଫ ଯବାନଙ୍କୁ ମୁତୟନ କରାଯାଇଥିବାବେଳେ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଡ଼ଦାଣ୍ଡରେ ଧାରାବିବରଣୀ ପ୍ରସାରଣ ସହ ସୂଚନା କେନ୍ଦ୍ରର ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କ ପାଇଁ ମାଗଣା ଅନ୍ନପ୍ରସାଦ, ପାନୀୟ ଜଳ ଓ ଶରବତ ବିତରଣ କରାଯାଇଥିଲା। ବନ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ଏକ ଟଙ୍କାରେ ଗୋଟିଏ ଲେଖାଏଁ ଚାରା ବଣ୍ଟନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଭକ୍ତି, ଶୃଙ୍ଖଳା ଓ ସେବାଭାବର ପରିବେଶ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଉପମୁଖ୍ୟମନ୍ତ୍ରୀ ଓଡିଶା ପ୍ରଭାତୀ ପରିଡ଼ାଙ୍କ ସମୀକ୍ଷା ବୈଠକ




ଭବାନୀପାଟଣା, (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ ଓଡିଶା ପ୍ରଭାତି ପରିଡ଼ା ଭବାନୀପାଟଣା ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁବିକାଶ, ମିଶନ ଶକ୍ତି, ଶିଶୁ ସୁରକ୍ଷା ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରିଥିଲେ । ଅଦ୍ୟାବଧି ନିର୍ମାଣ ଅପେକ୍ଷାରେ ଥିବା କିମ୍ବା ଆଂଶିକ ନିର୍ମିତ ଅଙ୍ଗାୱାଡି ଗୃହ ତଥା ଗ୍ରାମ ପଞ୍ଚାୟତ ସ୍ତରୀୟ ମିଶନ ଶକ୍ତି ଗୃହ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଉପମୁଖ୍ୟ ମନ୍ତ୍ରୀଙ୍କ ସହିତ ବିଧାୟକ ଧର୍ମଗଡ଼, ଜିଲ୍ଲାପାଳ କଳାହାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ କଳାହାଣ୍ଡିର ସଭାପତି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ କଳାହାଣ୍ଡି, ସିଡିଓ କଳାହାଣ୍ଡି, ଉପଜିଲ୍ଲାପାଳ ଧର୍ମଗଡ଼, ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ସିଡିପିଓ, ବ୍ଲକ ମିଶନ ଶକ୍ତି କର୍ମଚାରୀ ପ୍ରଭୃତି ଉପସ୍ଥିତ ଥିଲେ ।

# ୱାଗନର କାରରୁ ୪୮କେଜି ଗଞ୍ଜେଇ ଜବତ, ମାଫିଆ ଚମ୍ପଟ

କନ୍ଧମାଳ, (ସବ୍ୟୁ) : କନ୍ଧମାଳ ଥାନା ପୁଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ କୁମେଲବନ୍ଧ ଗ୍ରାମ ନିକଟରୁ ୪୮.୨୭୦କେଜି ଗଂଜେଇ ଜବତ କରିଥିବାବେଳେ ଅଭିଯୁକ୍ତ ଚମ୍ପଟ ମାରିଥିବା ପ୍ରକାଶ । ସୂଚନାମତେ କନ୍ଧମାଳ ପୁଲିସ ଆଇଆଇସି ଓମପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ କନ୍ଧମାଳ ପୁଲିସର ଏକ ଟିମ୍ କନ୍ଧମାଳ ଥାନା ବରଗାଁ ପଞ୍ଚାୟତ ରେ ପେଟ୍ରୋଲିଙ୍ଗ କରୁଥିଲା ପେଟ୍ରୋଲିଙ୍ଗ ସମୟରେ କୁମେଲବନ୍ଧ ଗ୍ରାମ ନିକଟ ରାସ୍ତାରେ ଏକ ୱାଗନର କାର ନମ୍ବର ଓଆର ୦୧ଏଚ-୭୪୧୪ କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରୁ ଗଞ୍ଜେଇ ମିଳିଥିଲା । ପୁଲିସକୁ ଦେଖି ମାଫିଆ ଦୌଡ଼ି ପଳାଇଥିଲା । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ୪୮କେଜି ୨୭୦ଗ୍ରାମ ହୋଇଥିଲା । ଏ ସମ୍ପର୍କରେ କନ୍ଧା କନ୍ଧମାଳ ଥାନାରେ ଏନଡିପିଏସ୍ ଆକ୍ଟରେ ଏକ ମାମ ରୁଜୁ କରି ତଦନ୍ତ ଚାଲିଥିବା ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ପ୍ରକାଶ ଭୋଇ, ଏଏସ୍ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ସମେତ କନଷ୍ଟେବଲ, ହୋମଗାର୍ଡ ଓ ଆଇଆରବି ଯବାନ ସାମିଲ ଥିଲେ ।

# ବିକାଶ ଆବାସିକ ବିଦ୍ୟାଳୟରେ ଇନ୍ଭେଷ୍ଟିଚର୍ ସମାରୋହ




ବରଗଡ଼, (ସବ୍ୟୁ) : ବରଗଡ଼, ବରାହଗୁଡା ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଇନ୍ଭେଷ୍ଟିଚର୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ନର୍ସରୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚାରୋଟି ସଦନରେ ବିଭାଜିତ କରି ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦବୀରେ ଅଧିଷ୍ଠିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ହେଡ୍ ବଏ-ହେଡ୍ ଗାର୍ଲ (ସିନିୟର୍ ସେକେଣ୍ଡାରୀ), ହେଡ୍ ବଏ-ହେଡ୍ ଗାର୍ଲ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ), ଡେପୁଟି ହେଡ୍ ବଏ-ହେଡ୍ ଗାର୍ଲ, ଚାରୋଟି ସଦନର କ୍ୟାପ୍ଟେନ୍ ତଥା ଅନ୍ୟାନ୍ୟ କ୍ଲବ କ୍ୟାପ୍ଟେନଙ୍କୁ ବିଭିନ୍ନ ପଦବୀ ଭାର ପ୍ରଦାନ କରାଯାଇଥିଲା। ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମାନ ଭାବରେ ଚାରୋଟି ସଦନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ବିବେକ ଦଶାରୀ ସମସ୍ତ ନବନିଯୁକ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଚାରୋଟି ସଦନରେ ଯଥା- ଫ୍ଲେମିଂଗୋଜ୍, ଫାଲକନ୍, ଆଲ୍ବାଟ୍ରସ୍ ଓ ନାଇହକ୍ସ୍‌ରେ ବିଭକ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକାଣ୍ଡାରୀ) ଅଧ୍ୟକ୍ଷ ଶ୍ରୀ ଚିତ ରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଗ୍ରୁପର ହେଡ୍ ଅଫ୍ ପିପୁଲ ଏଣ୍ଡ କଲଚର୍ ହେଡ୍ ଶ୍ରୀ ଅଶ୍ୱିନ ନାୟକ ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବିକାଶ ଆବାସିକ ବିଦ୍ୟାଳୟର ଏକ୍ସ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଆଇଏସସିଇ ଜୋନାଲ ଥ୍ରୋବଲରେ ବିଇଏମ୍‌ର ଅପରାଜେୟ ପ୍ରଦର୍ଶନ

ଝାରସୁଗୁଡା, (ସବ୍ୟୁ) : ବେଲପାହାଡ଼ ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟରେ ସିଆଇଏସସିଇ ଜୋନାଲ ଥ୍ରୋବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦିନ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଝାରସୁଗୁଡା ଜୋନର ଆଇସିଏସସିଇ ବିଦ୍ୟାଳୟର ୧୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗୁରୁବାର ଦିନ ସକାଳେ ହୋଇଯାଇ ଥିବା ଉଦଘାଟନୀ ସମାରୋହରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ଥିଲେ। ଅପରାହ୍ନରେ ହୋଇଯାଇଥିବା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବେଲପାହାଡ଼ ଏଜୁକେଶନ ସୋସାଇଟି ତଥା ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କୁମାର ହେରମ୍ବ ନାରାୟଣ ନାଏକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ । ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହମିଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରତୀକ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସମ୍ବଲପୁର ର ସେଣ୍ଟ ଜୋସେଫ, ଝାରସୁଗୁଡାର ସେଣ୍ଟ ଥୋମାସ, ବେଲପାହାଡ଼ର ବିବେକାନନ୍ଦ ଇଣ୍ଟର ନେସନାଲ ବିଦ୍ୟାଳୟ ଓ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ଛାତ୍ରୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ୍, ୧୭



ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗର କେବଳ ବାଳିକା ମାନଙ୍କର ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ଚମ୍ପିୟାନ, ବିବେକାନନ୍ଦ ଇଣ୍ଟର ନେସନାଲ ବିଦ୍ୟାଳୟ ରନର୍ସ ଅପ ଓ ସେଣ୍ଟ ଜୋସେଫ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିବେକାନନ୍ଦ ଇଣ୍ଟରନେସନାଲ ବିଦ୍ୟାଳୟ ରୌପ୍ୟ ତଥା ସେଣ୍ଟ ଜୋସେଫ ବିଦ୍ୟାଳୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ଚମ୍ପିୟାନ ହୋଇଥିବା ବେଳେ ସେଣ୍ଟ ଥେମାଶ ବିଦ୍ୟାଳୟ ଉପ ବିଜେତା ଓ ସେଣ୍ଟ ଜୋଶେଫ ବିଦ୍ୟାଳୟ ସମ୍ବଲପୁର ତୃତୀୟ ସ୍ଥାନରେ ରହିଛନ୍ତି । ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳୀ ମାନେ ଚୟନ ହୋଇ ଆସନ୍ତା ମାସରେ ହେବାକୁ ଥିବା ରିଜିଓନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଶାରିରୀକ ଶିକ୍ଷା ବିଭାଗର ହମିଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହୋଇଯାଇଥିବା ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଶାନ୍ତି ନାୟକ, ସୁନନ୍ତ କୁମାର ପଣ୍ଡା, ଅଶୋକ ଧିର ସାମନ୍ତ, ମନୋଜ ବିନ୍ଧାଣୀ. ଧର୍ମେନ୍ଦ୍ର ବିଶ୍ୱକର୍ମା, ସିମରନ ସିଂ, ରମଣୀ ରଞ୍ଜନ ଡିଲା, ପ୍ରତୀକ ମହାନ୍ତି, ଏମଡି ସାହିଦ, କବିତା ପଟେଲ, ଅଲ୍ପନା ବହିଦାର ସହଯୋଗ କରିଥିଲେ ।

# ପତ୍ରାପାଲିର ପ୍ରାକୃତିକ ଜଳସ୍ରୋତ ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,(ସବ୍ୟୁ): ପତ୍ରାପାଲି ଗ୍ରାମ ଅନ୍ତର୍ଗତ ଏକନଗୁଡ଼ି ପ୍ରାକୃତିକ ଜଳସ୍ରୋତରେ ପ୍ରଦୂଷଣ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣଝଲ ମୋତିରାମ ଚହ୍ୱାଣ ଶୁକ୍ରବାର ଦିନ ସରଜମିନ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିଥିଲେ। କଙ୍ଗଲା ମାଝୀ ଆଦିବାସୀ କଲ୍ୟାଣ ସମିତି ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ଏନଏଲ୍ସି ତଲବୀର।୨ ଓ ୩ କୋଇଲା ଖଣିରୁ ନିର୍ଗତ କୋଇଲା ଗୁଣ୍ଡ ଓ ବର୍ଜ୍ୟବସ୍ତୁ ପ୍ରଭାବରେ ପତ୍ରାପାଲି ଗ୍ରାମର ଏକନଗୁଡ଼ି ପ୍ରାକୃତିକ ଜଳସ୍ରୋତ ପ୍ରଦୂଷିତ ହୋଇଥିବା ସହ ସ୍ଥାନୀୟ ଲୋକଙ୍କ ନିତ୍ୟ ବ୍ୟବହାର ଏବଂ ପାରମ୍ପରିକ ପୂଜାପାଠରେ ବ୍ୟବହୃତ ଜଳ ଅବ୍ୟବହାରଯୋଗ୍ୟ ହୋଇପଡ଼ିଛି। ଏହା ଫଳରେ ସ୍ଥାନୀୟ ବାସିନ୍ଦା ଓ ବନ୍ୟଜନ୍ତୁମାନଙ୍କ ପାଇଁ ମଧ୍ୟ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା।

ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ଜଳସ୍ରୋତର ବର୍ତ୍ତମାନ ସ୍ଥିତି ନିରୀକ୍ଷଣ କରିଥିଲେ। ସେ ଜଳସ୍ରୋତର ତୁରନ୍ତ ସଫେଇ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କମ୍ପାନୀ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଘଟଣାର ସମସ୍ତ ଦିଗକୁ ଯାଞ୍ଚ କରି ପ୍ରଚଳିତ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ଦୀର୍ଘମିଆଦି ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ଉକ୍ତ ସ୍ଥାନର ବିକାଶ ପାଇଁ ସେମାନଙ୍କର ଯେଉଁ ଦାବି ଗୁଡିକ ରହିଛି ସେସବୁ ପୂରଣ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବେଶ ସୁରକ୍ଷା, ପ୍ରାକୃତିକ ଜଳସ୍ରୋତର ସଂରକ୍ଷଣ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା ବେଳେ ଏହି ଘଟଣାର ନିୟମିତ ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି।

# ଗାଁରେ ନାହିଁ ଜଗନ୍ନାଥ ମନ୍ଦିର ତଥାପି ରଥଯାତ୍ରା

ସମ୍ବଲପୁର,(ସବ୍ୟୁ): : ପଶ୍ଚିମ ଓଡ଼ିଶାର ଅନେକ ଗାଁରେ ଜଗନ୍ନାଥ ମନ୍ଦିର ନାହିଁ। ତଥାପି ଏସବୁ ଗାଁ ଗୁଡିକରେ ବେଶ୍ ଧୂମଧାମରେ ରଥଯାତ୍ରା ପାଳିତ ହୋଇଥାଏ। ଆଷାଢ ମାସ ଦ୍ୱିତୀୟାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୀର୍ଘ ୧୫ଦିନ ରଥଯାତ୍ରା ଅନୁଷ୍ଠିତ ହୁଏ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ରଥ ଟାଣିଥାନ୍ତି। ସାମାଜିକ ଏକତାର ସୂତ୍ରରେ ସମସ୍ତ ବାନ୍ଧି ହୋଇଥାନ୍ତି। ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଦଉଡ଼ି ଦ୍ୱାରା ରଥ ଟାଣନ୍ତି। ଏହା ହିଁ ଏହି ଅଞ୍ଚଳର ସବୁଠାରୁ ବଡ଼ ବିଶେଷତ୍ୱ ଅଟେ। ରଥଯାତ୍ରା ହେଉଛି ଏକତା ଓ ଆସ୍ଥାର ପ୍ରତୀକ। ତେବେ ସେମାନଙ୍କ ପାଇଁ ଇଟା-ପଥର ଦ୍ୱାରା ମନ୍ଦିର ନୁହେଁ , ଭକ୍ତି ହିଁ ବଡାସମ୍ବଲପୁର ଜିଲ୍ଲାର ବାମରା, କୁଚିଣ୍ଡା ଓ ରେଙ୍ଗାଲି ବ୍ଲକର ଅନେକ ଗ୍ରାମାଞ୍ଚଳରେ ଏହି ପରମ୍ପରା ରହିଛି। ଅର୍ଥ ଅଭାବ କିମ୍ବା ଜମି ନଥିଲେ ମଧ୍ୟ ଗ୍ରାମବାସୀ ମାନେ ଅର୍ଥ ସଂଗ୍ରହ କରି ରଥ ନିର୍ମାଣ କରନ୍ତି। ଏହି ଗାଁ ଗୁଡିକରେ ଠାକୁରଙ୍କୁ ଅସ୍ଥାୟୀ ମଣ୍ଡପ କିମ୍ବା ସାଧାରଣ ଘରେ ରଖାଯାଏ। ଧାର୍ଯ୍ୟ ଦିବସରେ ଠାକୁରଙ୍କୁ ସଜ୍ଜିତ କରି ରଥାରୁଢ କରାଯାଏ। ୯ଦିନ ଗୁଣ୍ଡିଚା ମନ୍ଦିରରେ ରୁହନ୍ତି, ତାପରେ ପୂର୍ଣ୍ଣିମା ଦିନ ବାହୁଡା ହୋଇ ମନ୍ଦିରକୁ ଫେରନ୍ତି। ଏହା ପଶ୍ଚିମ ଓଡିଶାର ପ୍ରାଚୀନ ପରମ୍ପରା ଅଟେ। ଦୀର୍ଘ ନଅ ଦିନ ରଥରେ ଓ ନଅ ଦିନ ଗୁଣ୍ଡିଚାରେ ବୋଲି କୁହାଯାଏ। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ପିଣ୍ଡାପଥର ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଏହା ସମ୍ବଲପୁର ଠାରୁ ପ୍ରାୟ ୧୦୦କିମି ଦୂରରେ ଅବସ୍ଥିତ। ଏହା ଅଞ୍ଚଳର ପୁରାତନ ମନ୍ଦିର ଅଟେ। ୨୦୨୫ ଜାନୁଆରୀ ମାସରେ ଏକ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏଥିସହ ଏକ ମାଉସୀ ମାଁ ମନ୍ଦିର ମଧ୍ୟ ରହିଛି। ମନ୍ଦିରରେ ରଥଯାତ୍ରା, ବାହୁଡାଯାତ୍ରା, ସ୍ନାନପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ରକ୍ଷାବନ୍ଧନ, ନୂଆଁଖାଇ ଓ ମକର ଉତ୍ସବ ପାଳନ କରାଯାଏ। ମନ୍ଦିର ପରିଚାଳନା ପାଇଁ ଠାକୁରଙ୍କ ନାମରେ ସାଢେ ୪ଏକର ଜମି ରହିଛି। ଏଥିରୁ ଉପାର୍ଜିତ ଅର୍ଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି କରାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଛାଡି ଏକ ଦଧିବାମନ ମହାପ୍ରଭୁ ମଧ୍ୟ ପୂଜା ପାଆନ୍ତି। ଏହି ମନ୍ଦିରର ଦଧିବାମନଙ୍କୁ ନେଇ ଅନ୍ୟଗାଁର ଲୋକେ ସସମ୍ମାନେ ରଥ ଓ ବାହୁଡା ଯାତ୍ରା ପାଳନ କରିଥାନ୍ତି। ବିଶେଷ କରି ଟାଙ୍ଗରମୁଣ୍ଡା, ଶାଙ୍ଖୋବାହାଲ, ସାନଫିରିଙ୍ଗ ବାହାଲ ଓ ଗଡେର୍ଗା ଗ୍ରାମର ଲୋକେ ଭକ୍ତି ଓ ଶ୍ରଦ୍ଧାର ସହ ରଥଯାତ୍ରା ପାଳନ କରନ୍ତି। ଏହି ଗାଁ ଗୁଡିକରେ ଜଗନ୍ନାଥ ମନ୍ଦିର ନଥିବାବେଳେ ଏହି ପରମ୍ପରା ଦୀର୍ଘବର୍ଷ ହେବ ଚାଲି ଆସୁଛି। ପୂର୍ବପୁରୁଷଙ୍କ ଠାରୁ ଏହି ପରମ୍ପରା ଚାଲି ଆସୁଛି। ତେବେ ଗ୍ରାମବାସୀଙ୍କ କହିବା ଅନୁସାରେ ମନ୍ଦିର ନଥିଲେ କଣ ହେଲା, ଆମ ହୃଦୟରେ ତ ଜଗନ୍ନାଥ ଅଛନ୍ତି। ଏହି ଆସ୍ଥା ହିଁ ପଶ୍ଚିମ ଓଡ଼ିଶାର ରଥଯାତ୍ରାର ଅସଲ ପରିଚୟ ଅଟେ।

# ଯୋଗାଣ ବିଭାଗର ଚଢ଼ାଉ ୨୦ ଘରୋଇ ସିଲିଣ୍ଡର ଜବତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଯୋଗାଣ ସ୍କ୍ୱାର୍ଡ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଚଢାଉ ବେଳେ ବେଆଇନ ଭାବେ ମହଜୁଦ ଥିବା ୨୦ଟି ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ଏଥି ମଧ୍ୟରୁ ୧୮ଟି ତାଙ୍କ ବାସଭବନ ଓ ଅବଶିଷ୍ଟ ୨ଟି ତାଙ୍କ ଦୋକାନରୁ ଜବତ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯୋଗାଣ ସ୍କ୍ୱାର୍ଡ କଣ୍ଟେଇପାଲି ସ୍ଥିତ ଟି. ସନ୍ତୋଷ ସରାଫ୍ଙ୍କ ବାସଭବନ ଓ ମାନେଶ୍ୱର ଛକ ସ୍ଥିତ ତାଙ୍କର ଗ୍ୟାସ୍ ମରାମତି ଦୋକାନ ଉପରେ ଅତର୍କିତ ଚଢାଉ କରିଥିଲା।

# ଦରବାର ସାହିତ୍ୟ ସଂସଦର କିଶୋର-କିଶୋରୀ ଗୋଷ୍ଠୀଙ୍କ ବୃକ୍ଷରୋପଣ



ନୂଆପଡ଼ା, (ସବ୍ୟୁ): ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଦରବାର ସାହିତ୍ୟ ସଂସଦ (ଡ଼ିଏସଏସ) ପକ୍ଷରୁ ଗୁରୁବାର ଦିନ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଘୋଟସର ଗ୍ରାମ ରେ ଏବଂ ସେହି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କିଶୋରୀ ଝିଅ ଓ କିଶୋର ପୁଅ ଗୋଷ୍ଠୀଙ୍କ ସହଭାଗିତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଦରବାର ସାହିତ୍ୟ ସଂସଦର ସହକାରୀ ସମ୍ପାଦକ ରଜନୀକାନ୍ତ ମହାନ୍ତି, ମୁଖ୍ୟ ହିସାବରକ୍ଷକ ସତ୍ୟନାରାୟଣ ପ୍ରଧାନ, ନୂଆପଡ଼ା ଜିଲ୍ଲା ସଂଯୋଜିକା ସୁଶ୍ରୀ ଲୋପାମୁଦ୍ରା ବଳ , ଫିଲ୍ଡ ପ୍ରିଭେନ୍ସନିଷ୍ଟ ଶ୍ରୀମତୀ ବୈଦେହୀ ସେଠିଆ ଏବଂ ଶ୍ରୀମତୀ ନିବେଦିତା ମହାନ୍ତି ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ।କାର୍ଯ୍ୟକ୍ରମରେ କିଶୋରୀ ଝିଅ ଓ କିଶୋର ପୁଅମାନେ ଉତ୍ସାହର ସହ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା, ବୃକ୍ଷର ଗୁରୁତ୍ୱ ଏବଂ ସେଗୁଡ଼ିକର ଯତ୍ନ ନେବା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଉପସ୍ଥିତ ସଦସ୍ୟମାନେ ଅଧିକରୁ ଅଧିକ ବୃକ୍ଷରୋପଣ କରି ସବୁଜ ପରିବେଶ ଗଠନ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ି ଓ ସମୁଦାୟ ମଧ୍ୟରେ ପରିବେଶ ସଂରକ୍ଷଣ ପ୍ରତି ସକାରାତ୍ମକ ସନ୍ଦେଶ ପହଞ୍ଚାଇଥିବାରୁ ସମସ୍ତଙ୍କ ପ୍ରଶଂସା ସାଉଁଟିଛି।

# ଟ୍ରକ ଧକ୍କାରେ ଧକ୍କାରେ ଜଣେ ମୃତ, ୨ଗୁରୁତର

ନୂଆପଡ଼ା ,(ସବ୍ୟୁ): ନୂଆପଡ଼ା ଥାନା ଅନ୍ତର୍ଗତ ଟନୱାଟ ଛକ ନିକଟସ୍ଥ ବି.ବି . ପେଟ୍ରୋଲ ପମ୍ପ ସମ୍ମୁଖରେ ଜାତୀୟ ରାଜପଥ୩୫୩ ରେ ଶୁକ୍ରବାର ଦିନ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା।ବାଇକକୁ ଟ୍ରକ ଧକ୍କାଦେବାରୁ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଖପ୍ରାଖୋଲ ଥାନା ବର୍ଡିଆ ଗ୍ରାମର ଟିକେଲାଲ ବାରିକ (୪୨), ତାଙ୍କ ଶାଳକ ଧର୍ମେନ୍ଦ୍ର ବାଗ (୨୭) ଓ ସାଙ୍ଗ ହୀରାଧର କେତକୀ (୩୦) ବାଇକରେ ଖରିଆର ରୋଡ଼ରୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ମାଲବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରକଟି ବାଇକ ଆରୋହୀମାନଙ୍କୁ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିବାରୁ ଘଟଣାଟି ଅତ୍ୟନ୍ତ ଭୟାବହ ରୂପ ନେଇଥିଲା।ସ୍ଥାନୀୟ ଲୋକଙ୍କ ସହଯୋଗରେ ୩ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ଡାକ୍ତର ଟିକେଲାଲ ବାରିକଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମେନ୍ଦ୍ର ବାଗ ଓ ହୀରାଧର କେତକୀଙ୍କ ଚିକିତ୍ସା ଜାରି ରହିଛି। ନୂଆପଡ଼ା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଏଟିଏମ୍ କାଟି ଟଙ୍କା ନେଇ ଫେରାର୍

ଉମରକୋଟ, (ସବ୍ୟୁ): ନବରଙ୍ଗପୁର ଜିଲା ଉମରକୋଟ ସହରର କୋଣ୍ଡାଗା ରୋଡ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମକୁ ଦୁର୍ବୃତ୍ତମାନେ ଗ୍ୟାସ କଟରରେ କାଟି ଲୁଟ କରିଥିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ରାତିର ଅନ୍ଧାରର ସୁଯୋଗ ନେଇ ଏଟିଏମର ପଶି ଗ୍ୟାସ କଟର ସାହାଯ୍ୟରେ ମେଶିନ କାଟି ନଗଦ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି । ସକାଳେ ସ୍ଥାନୀୟ ଲୋକ ଏଟିଏମ ଅବସ୍ଥା ଦେଖି ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏଟିଏମ୍ରୁ କେତେ ପରିମାଣର ଟଙ୍କା ଲୁଟ ହୋଇଛି, ତାହାର ହିସାବ କରାଯାଉଛି। ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଲୁଟ ପଛରେ ଏକ ସଂଗଠିତ ଗ୍ୟାଙ୍ଗର ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ମକା ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ, ଧରିଲା ଅବକାରୀ ଟିମ୍

ବଲାଙ୍ଗୀର,(ସବ୍ୟୁ): ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନଖମନ ଜଙ୍ଗଲ ନିକଟରୁ ଜବତ ହେଲା ଗଞ୍ଜେଇ ବୋଝେଇ ଟ୍ରକ ।ଫୁଲବାଣୀରୁ ବିହାର ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଟ୍ରକକୁ ବଲାଙ୍ଗୀର ଅବକାରୀ ଟିମ ଶୁକ୍ରବାର ଦିନ ଜବତ କରିଛି । ଏହି ଟ୍ରକରୁ ୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଦୁଇ ଅଭିଯୁକ୍ତ ହେଲେ ପଞ୍ଜାବର ନବପ୍ରୀତ ସିଂ ଓ ବିହାରର ସଫନାମ ସିଂ।ଏକ ମକା ବୋଝେଇ ୧୨ ଚକିଆ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରି ବିହାର ଚାଲାଣ ହେଉଥିବା ସମ୍ପର୍କରେ ବଲାଙ୍ଗୀର ଅବକାରୀ ଟିମକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ମୋବାଇଲ ଟିମ ସିନଖମନ ଜଙ୍ଗଲରେ ନାକାବନ୍ଦୀ କରିଥିଲେ । ଅବକାରୀ ଟିମ ହାବୁଡ଼ରେ ପଡିବା ପରେ ଟ୍ରକ ଛାଡି ଅଭିଯୁକ୍ତମାନେ ଫେରାର ମାରିବାକୁ ଉଦ୍ୟମ କରିଥିଲେ । ତେବେ ଅବକାରୀ ଟିମ ଦୁଇ ଅଭିଯୁକ୍ତଙ୍କୁ କାବୁ କରିନେଇଛନ୍ତି ।

# ଏଟିଏମ୍ କାଟି ଟଙ୍କା ନେଇ ଫେରାର୍

ଉମରକୋଟ,(ସବ୍ୟୁ): ନବରଙ୍ଗପୁର ଜିଲା ଉମରକୋଟ ସହରର କୋଣ୍ଡାଗା ରୋଡ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମକୁ ଦୁର୍ବୃତ୍ତମାନେ ଗ୍ୟାସ କଟରରେ କାଟି ଲୁଟ କରିଥିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ରାତିର ଅନ୍ଧାରର ସୁଯୋଗ ନେଇ ଏଟିଏମର ପଶି ଗ୍ୟାସ କଟର ସାହାଯ୍ୟରେ ମେଶିନ କାଟି ନଗଦ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି । ସକାଳେ ସ୍ଥାନୀୟ ଲୋକ ଏଟିଏମ ଅବସ୍ଥା ଦେଖି ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏଟିଏମ୍ରୁ କେତେ ପରିମାଣର ଟଙ୍କା ଲୁଟ ହୋଇଛି, ତାହାର ହିସାବ କରାଯାଉଛି। ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଲୁଟ ପଛରେ ଏକ ସଂଗଠିତ ଗ୍ୟାଙ୍ଗର ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଷ୍ଟେସନ ନିକଟରେ ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବର ପାଇ ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ଜଣାପଡିଛି। ଏକ ଟ୍ରେନ ୱାସିଙ୍ଗ୍ ଲାଇନ ଦେଇ ଯାଉଥିବା ବେଳେ ଟାଉନ ଥାନା ଅନ୍ତର୍ଗତ ଦେଉଳବନ୍ଧ ଅଞ୍ଚଳର ଟିକୁ ମହାରଣା(୫୨) ଆତ୍ମହତ୍ୟା କରିଥିଲେ। ଏନେଇ ଜିଆରପି ଥାନାରେ ୪୧/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

# ମଦ ଦୋକାନ ତାଲା ଭାଙ୍ଗି ୧.୧୨ ଲକ୍ଷ ଟଙ୍କା ଲୁଟ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଏକ ବିଦେଶୀ ମଦ ଦୋକାନରୁ ଏକ ବଡ଼ଧରଣର ଚୋରି ହୋଇଛି। ଅଜଣା ଦୁର୍ବୃତ୍ତମାନେ ଦୋକାନର ତାଲା ଓ କବାଟ ଭାଙ୍ଗି ଭିତରେ ପଶି କାଉଣ୍ଟରରେ ରଖାଯାଇଥିବା ୧ ଲକ୍ଷ ୧୨ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଦୋକାନ ମ୍ୟାନେଜର ରୀତିକ କୁମାରଙ୍କ ଅଭିଯୋଗ ଆଧାରରେ ଯୁଯୋମୁରା ଥାନା ପୋଲିସ ୧୩୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଜାରି ରଖିଛି। ତେବେ ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ କୌଣସି ସୁରାକ ମିଳିପାରି ନାହିଁ।

# ଯୁବକଙ୍କୁ ଗୁଳିକରି ହତ୍ୟା, ଅଭିଯୁକ୍ତ ଫେରାର



ରେଢ଼ାଖୋଲ , (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ହିନ୍ତରାଇ ଗ୍ରାମରେ ଜଣେ ଯୁବକଙ୍କୁ ବନ୍ଧୁକରୁ ଗୁଳି କରି ହତ୍ୟା କରାଯାଇଛି । ହତ୍ୟା କରି ଅଭିଯୁକ୍ତ ବନ୍ଧୁକ ଧରି ଫେରାର ହୋଇଥିବା ଜଣା ପଡିଛି । ରେଢ଼ାଖୋଲ ଥାନା ଡଇଁଚା ପଞ୍ଚାୟତ ହିତରାଇ ଖଡିଆ ସାହିର ଭରତ ଦଣ୍ଡସେନା (୩୫)ଗ୍ରାମର କରୁଣାକର ମାଝିଙ୍କ ବାଇଗଣ ବଗିଚାକୁ କାମ କରିବାକୁ ଯାଇଥିଲା ।ହତ୍ୟାକାରୀ କରୁଣାକର ମାଝୀ ସହ ମିଶି ବାଇଗଣ ବଗିଚାରେ କାମ କରିଥିଲେ । ସେଇ ବଗିଚାରେ ଭୋଜି ଭାତର ଆୟୋଜନ ହୋଇଥିଲା ।ଅପରାହ୍ନ ୨ ଟା ରେ କୌଣସି କଥାକୁ ନେଇ କଥା କଟି ହୋଇ କରୁଣାକର ମାଝୀ ନିଜେ ବଗିଚାର କୁଡ଼ିଆ ଘରେ ରଖିଥିବା ଚୋରା ବନ୍ଧୁକରୁ ମୃତକ ଭରତଙ୍କ ମୁଣ୍ଡକୁ ଲକ୍ଷ କରି ଗୁଳି କରିଥିଲା। ଭରତ ଦଣ୍ଡସେନା ସେଇ ବଗିଚା ପାଖରେ ହିଁ ମୃତ୍ୟୁ ବରଣ କରିଥିଲେ । ହତ୍ୟାର ଶିକାର ହୋଇଥିବା ଭାରତ ଶାନ୍ତ ସ୍ୱଭାବର ପିଲା ଥିଲା । କରୁଣାକର କଣ ପାଇଁ ଭରତକୁ ହତ୍ୟା କଲା ତାହା ତଦନ୍ତ କଲେ ଜଣାପଡିବ । ହତ୍ୟାକାରୀ ପ୍ରଚୁର ମଦ୍ୟ ପାନ କରିଥିଲା ବୋଲି ଜଣା ପଡିଛି । ପୋଲିସ କୌଣସି ସୂତ୍ରରୁ ଖବର ପାଇ ହିତରାଇ ଗ୍ରାମକୁ ଯାଇ ତଦନ୍ତ କରୁଥିବା ଜଣା ପଡିଛି ।ସମ୍ବଲପୁରରୁ ସାଇଣ୍ଟିଫିକ ଟିମ ସହ ସଂଧାନୀ କୁକୁର ଆସିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣା ପଡିଛି ।ଖବର ଲେଖା ଯିବା ପର୍ଯ୍ୟନ୍ତ ଶବ ପଡିରହିଥିବାବେଳେ ପୋଲିସ ଶବକୁ ଜଗି ରହିଛି । ପୋଲିସ ଏହାର ତଦନ୍ତ ଜାରି ରଖିଛି ।

# ଶ୍ରୀଜୀଉଙ୍କ ବାହୁଡା ଯାତ୍ରା



ସିନାପାଲ,(ସବ୍ୟୁ): ନୂଆପଡା ଜିଲ୍ଲା ସିନାପାଲିରେ ଶ୍ରୀଜୀଉଙ୍କ ବାହୁ ଯାତ୍ରା ଶୁକ୍ରବାର ସଂପନ୍ନ ହୋଇଥିବା ବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।ଶୁକ୍ରବାର ଭୋରରୁ ନେହେରୁ ମଣ୍ଡପ ସ୍ଥିତ ମାଉସି ମାଁ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ଆରମ୍ଭ ହେବା ସହ ଲୋକଙ୍କ ଭି ଆରମ୍ଭ ହୋଇଥିଲା । ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ବିଜୟ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହରା ପରେ ରଥଟଣା ଆରମ୍ଭ ହୋଇଥିଲା। ପାରମ୍ପରିକ ସଂପ୍ରଦା, ସଂର୍କିତନ, ଘଣ୍ଟଦଳ ସହ ମହିଳା ଶ୍ରଦ୍ଧାଳୁଙ୍କ ହୁଳହୁଳିରେ ସମଗ୍ର ପରିବେଶ ଦୁଲୁକି ଯାଇଥିଲା । ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣି ଥିଲେ ୯ ନଅଦିନ ଧରି ଶ୍ରୀଜିଉଙ୍କ ସମସ୍ତ ନିତିକାନ୍ତିକୁ ମାଉସୀ ମାଁ ମନ୍ଦିର କମିଟି ତରଫରୁ ସଭାପତି ଶଶିଭୂଷଣ ମାଝୀ, ଉପସଭାପତି ବିଦ୍ୟାଧର ମେହେର, ସଂପାଦକ ମନୋଜ କୁମାର ଜୈନ, ସହସଂପାଦକ ରଜନୀ ମାଝୀ, ଶଙ୍ଖଳାର ସହ ସଂପାଦନା କରିଥିଲେ । ଆଡପ ମଣ୍ଡପର କର୍ତା ଭାବରେ ବିଦ୍ୟାଧର ମେହେର ଓ ସରସ୍ୱତୀ ମେହେର ଦାଇତ୍ୱ ନିର୍ବାହ କରିଥିବା ବେଳେ ପ୍ରମୋଦ ଯୋଷୀ ପୂଜକ ଥିଲେ । ଆସନ୍ତାକାଲି ଶନିବାର ରଥାରୁ ଶ୍ରୀଜୀଉଙ୍କ ଅଧରପଣା ନୀତି, ସୁନାବେଶ ଓ ପରେ ନିଳାଦ୍ରୀ ବିଜେ କରାଯିବ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଂପାଦକ ତୁଳସୀରାମ ମେହେର ସୂଚନା ଦେଇଛନ୍ତି । ଏଥିସହ ଏହି ବ୍ଲକ ଅନ୍ତର୍ଗତ ଚଳନା, ସାଗୁନଭାଡି, ହାତୀବନ୍ଧା, କେନ୍ଦୁମୁଣ୍ଡା, ନୂଆଁମାଳପ ଖଳନା, ବ୍ରାହ୍ମଣପ ପଡିଏଲପ ଗୋର୍ଲା, ଟିମନପୁର, ଜାମଗାଁ, ଅରସାପ ଗଣ୍ଡାବାହାଲି, ବରଗାଁ, ଗମ୍ଭାରିଗୁ ଗୋର୍ଲା, ସିଙ୍ଗଝର, ରାଣିମୁଣ୍ଡା ଆଦି ଗ୍ରାମରେ ମଧ୍ୟ ଶୃଙ୍ଖଳାର ସହ ବାହୁ ସଂପନ୍ନ ହୋଇଥିବା ଜଣାପଡ଼ିଛି ।

# ହରିଶଙ୍କରରେ ବାହୁଡ଼ା ଯାତ୍ରା, ଫେରିଲେ ବଡ଼ ଠାକୁର

ଖପ୍ରାଖୋଲ ,(ସବ୍ୟୁ): ପ୍ରାଖୋଲ ବ୍ଲକ ର ପିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ରେ ବଡ଼ ଠାକୁରଙ୍କ ବାହୁଡ଼ା ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେ ନାହୁପଲା ଗାଁ ପ୍ରହରୀ ମଣ୍ଡପ ନିକଟ ମାଉସୀ ମା ମନ୍ଦିର ରେ ନିତି ପୁଜା ଶେଷ ପରେ ବଡ଼ ଠାକୁରଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ସହିତ ମହିଳା ପୁରୁଷ ରଥ ଟାଣି ହରିଶଙ୍କର ମନ୍ଦିର ପରିଷର ଜଗନ୍ନାଥ ମନ୍ଦିର କୁ ନେଇଥିଲେ। ନବ ଦିନ ଯାତ୍ରା ସାରି ବଡ଼ଠାକୁର ନିଜ ମନ୍ଦିର କୁ ଫେରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶି ପୁଝାରୀ, ଅଭୟ ତ୍ରିପାଠୀ, ପୂଜକ ସଞ୍ଜୀବ ପାଣିଗ୍ରାହୀ, ମନୋରଞ୍ଜନ ପାଣିଗ୍ରାହୀ, ସୁଦାନ ପାଣିଗ୍ରାହୀ କାର୍ଯ୍ୟସମ୍ପାଦନ କରିଥିଲେ। ସେହିପରି ଖପ୍ରାଖୋଲ ବ୍ଲକ ସଦରମହକୁମା, ଧଣ୍ଡାମୁଣ୍ଡା , ଲୁହାସିଂହା , କପସିପାଲି , ମହରାପଦର ପ୍ରମୁଖ ଗାଁ ରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି।

# ଉଚ୍ଚ ଶିକ୍ଷା ପାଇଁ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା



ସମ୍ବଲପୁର,(ସବ୍ୟୁ): ଜଣେ ମେଧାବୀ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ଏହା ଜଣାପଡିବା ପରେ ସାଥୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଫଳରେ ଛାତ୍ରୀ ଜଣକ ଖୁସିବ୍ୟକ୍ତ କରିବା ସହ ଉଚ୍ଚଶିକ୍ଷାରେ ମନୋନିବେଶ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ସୁମିତ୍ରା ମହାନନ୍ଦ ୨ଶିକ୍ଷା ଗ୍ରହଣ କରୁଥିଲେ। ସେ ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ଫି ଦାଖଲ କରିପାରି ନଥିଲେ। ଫଳରେ ଭଲ ଗ୍ରେଡ଼ରେ ପାସ କରିବା ସତ୍ତ୍ୱେ ସଂପୃକ୍ତ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କୁ ତାଙ୍କ ପାସ୍ ସାର୍ଟିଫିକେଟ ପ୍ରଦାନ କରିନଥିଲେ। କୌଣସି ଉପାୟ ନପାଇ ଛାତ୍ରୀ ଜଣକ ସାଥୀ ଚାରିଟେବୁଲ ଟ୍ରଷ୍ଟକୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଥିଲେ। ଟ୍ରଷ୍ଟର କାର୍ଯ୍ୟକାରି ସଭାପତି ସିଦ୍ଧାର୍ଥ ସାହା ଉକ୍ତ ଛାତ୍ରୀଙ୍କ ଅସୁବିଧା ସମ୍ପର୍କରେ ଜାଣିବା ପରେ ସିଧାସଳଖ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା ହୋଇଥିଲେ। ଛାତ୍ରୀଙ୍କ ଫି ବାବଦକୁ ଯେତିକି ଅର୍ଥ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଧାରିତ କରିଥିଲେ ସେତିକି ଅର୍ଥ ଟ୍ରଷ୍ଟ ପକ୍ଷରୁ ସିଧାସଳଖ କଲେଜକୁ ଚେକ୍ ମାଧ୍ୟମରେ ପ୍ରଦାନ କରଯାଇଥିଲା। ତେବେ ଅର୍ଥାଭାବରୁ କୌଣସି ମେଧାବୀ ଶିକ୍ଷାର୍ଥୀ ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଟ୍ରଷ୍ଟ ସର୍ବଦା ଯତ୍ନବାନ ବୋଲି ସିଦ୍ଧାର୍ଥ ସାହା କହିଛନ୍ତି।

# ବିରୋଧୀଙ୍କ ଦୋମୁହାଁ ନୀତି ବିରୋଧରେ ବିଜେପିର ଗର୍ଜନ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଗୋଲବଜାର ଛକ ଠାରେ ବିଜେପି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ଜନ୍ତରମନ୍ତର ଠାରେ ଚାଲିଥିବା ଆନ୍ଦୋଳନ ନାଁରେ ଦେଶ ବିରୋଧୀ ନାରାବାଜି, ହିଂସା ସୃଷ୍ଟି ଏବଂ ବିରୋଧି ବିଜେଡ଼ି-କଂଗ୍ରେସର ଦୋମୁହାଁ ନୀତି ବିରୋଧରେ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ପ୍ରତିବାଦ ସଭାରେ ବିଜେଡି ଓ କଂଗ୍ରେସକୁ କଡ଼ା ସମାଲୋଚନା କରାଯାଇଛି। ଦୀର୍ଘ ୨୪ ବର୍ଷ ଧରି ନିଜକୁ 'କଂଗ୍ରେସ ବିରୋଧୀ' ବୋଲି ଡିଣ୍ଡିମ ପିଟୁଥିବା ବିଜେଡିର ଦୋମୁହାଁ ନୀତି ଓ ପ୍ରକୃତ ମୁଖା ଆଜି ପଦାରେ ପଡ଼ିଛି। ନିଜ ଶାସନ କାଳରେ କନେଷ୍ଟବଳ ପରୀକ୍ଷା, ୨୦୧୮ ଓ ୨୦୨୨ର ମାଟ୍ରିକ ପରୀକ୍ଷା ସମେତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି କରିଥିବା ବିଜେଡି ସରକାର ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ସେହିପରି ଅତୀତରେ ବୁର୍ଲା ଛାତ୍ର ଆନ୍ଦୋଳନରୁ ଆରମ୍ଭ କରି ଛବିରାଣୀ ଘଟଣା ପର୍ଯ୍ୟନ୍ତ ନିନ୍ଦନୀୟ କାର୍ଯ୍ୟରେ ଲିପ୍ତ ଥିବା ଲୋକଙ୍କ ସହ ନବୀନ ବାବୁ ହାତ ମିଶାଇଛନ୍ତି। ଯାହା ପ୍ରମାଣ କରେ ନବୀନ ବାବୁ ଓ ରାହୁଲ ଗାନ୍ଧୀ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ନିଟ୍ ପରୀକ୍ଷା ନାଁରେ ଚାଲିଥିବା ଆନ୍ଦୋଳନରେ ଦେଶ ବିରୋଧୀ ସଂଗଠନର ସଦସ୍ୟମାନଙ୍କୁ ସାମିଲ କରାଯାଇ ହିଂସାତ୍ମକ ପରିବେଶ ସୃଷ୍ଟି କରାଯାଉଛି। ଛାତ୍ରଛାତ୍ରୀମାନେ କେବେ ହେଲେ ଦେଶ ବିରୋଧୀ ନାରା ଦିଅନ୍ତି ନାହିଁ କିମ୍ବା ସମ୍ପତ୍ତି ନଷ୍ଟ କରନ୍ତି ନାହିଁ। ବିଜେଡି ଓ କଂଗ୍ରେସର ଏହି ବୁଝାମଣା ଏବଂ ଦେଶ ବିରୋଧୀ ଶକ୍ତିଙ୍କୁ ସମର୍ଥନ ବିରୋଧରେ ବିଜେପି ସାରା ରାଜ୍ୟରେ ଆନ୍ଦୋଳନ ଜାରି ରଖିବ । ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ୍ ଜବାବ ଦେବେ। ଏଥିରେ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ ସାଧାରଣ ସଂପାଦକ ସୀମାଞ୍ଚଳ ଖଟେଇ, ପୂର୍ବତନ ଜିଲ୍ଲା ସଭାପତି ଗିରୀଶ ପଟେଲ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଦାମୋଦର କର, ଡ଼. ପ୍ରମୋଦ ରଥ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସୁଷମା ସାହୁ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଭୁଦତ୍ତପଣ୍ଡା , ସୁଧୀର ବହିଦାର, ଅଶ୍ୱିନୀ ମାଝୀ, ଉତ୍ତମ ବିଶ୍ୱାଳ, ମୋତିଲାଲ ତନ୍ତି , ରୁନୁ ପ୍ରଧାନ, ପୁଷ୍ପାଞ୍ଜଳି ଜେନା, କାଞ୍ଚନ ଲୁହା, ପୁଷ୍ପାଞ୍ଜଳି ପଣ୍ଡା ଓ ଅନୁସୂୟା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପାଦକୀୟ

# ଭାରତର ପ୍ରଥମ ନାଗରିକଙ୍କ ବୈଶିଷ୍ଟ୍ୟ

ସେ ଭାରତର ପ୍ରଥମ ନାଗରିକ କେବଳ ନୁହନ୍ତି, ଭାରତମାତାଙ୍କର ଜଣେ ଯୋଗ୍ୟ କନ୍ୟା ମଧ୍ୟ । ବହୁ ଘାତପ୍ରତିଘାତ ଓ ସଂଘର୍ଷମୟ ଜୀବନ ଯାତ୍ରା ମଧ୍ୟରେ ସେ ଈଶ୍ୱରଙ୍କ ଆଶୀର୍ବାଦକୁ ପାଥେୟ କରି ଅଗ୍ରଗମନ କରିଛନ୍ତି । ପଛକୁ ଫେରି ଚାହିଁ ନାହାନ୍ତି କେବେହେଲେ । ତାହା ହିଁ ତାଙ୍କ ଜୀବନର ସାର୍ଥକତାକୁ ପ୍ରତିପାଦିତ କରିଛି । ଆମମାନଙ୍କର ପରମ ସୌଭାଗ୍ୟ ଯେ ଭାରତର ପ୍ରଥମ ନାଗରିକ ଭାବେ ରାଷ୍ଟ୍ରପତି ପରି ପଦବୀରେ ସେ ଚାରିବର୍ଷ କାଳ ରହିବା ପରେ ପଞ୍ଚମ ବର୍ଷରେ ପଦାର୍ପଣ କରିଛନ୍ତି । ବଣମଲ୍ଲୀ ପରି ବଣରେ ଫୁଟି ସେ ହୁଏତ ଝଡ଼ି ପଡ଼ିଥା'ନ୍ତେ, ଅକାଳରେ । ମାତ୍ର ସେହି ବଣମଲ୍ଲୀଙ୍କ ଦ୍ୱାରା ଈଶ୍ୱର ଚାହିଁଲେ ଭାରତବର୍ଷର ପରିବର୍ତ୍ତନ । ଆମ ସମସ୍ତଙ୍କର ଭାଗ୍ୟୋଦୟ ହେଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଭାରତକୁ ବିକଶିତ କରିବାକୁ ଜଣେ ସର୍ବୋଚ୍ଚ ନାଗରିକ ଜରିଆରେ ଦିଗ୍‌ଦର୍ଶନ ଦେବାକୁ ଚାହିଁଲେ । ତାହା ହିଁ ହେଲା । ୨୦୨୨ ମସିହାରେ ଭାରତର ରାଷ୍ଟ୍ରପତି ଭାବେ ସେ ଶପଥ ନେବା ପରେ କେବଳ ଓଡ଼ିଶାର ଲୋକେ ନୁହନ୍ତି, ସାରା ଭାରତ ବର୍ଷର ଲୋକେ ମଧ୍ୟ ତାଙ୍କର ରାଷ୍ଟ୍ରପତି ପଦବୀକୁ ସାଦରେ ଗ୍ରହଣ କରିନେଲେ । ଅତୀତରେ ଭାରତର ଯୋଗ୍ୟ ଲୋକେ ଭାରତର ରାଷ୍ଟ୍ରପତି ହୋଇ ସୁନାମ ଅର୍ଜନ କରିଛନ୍ତି । ମାତ୍ର ଶ୍ରୀମତୀ ମୁର୍ମୁ ଏକ ସାଧାରଣ ପରିବାରରୁ ଆସି ଭାରତର ସର୍ବୋଚ୍ଚ ନାଗରିକ ହେବା ପରେ ମଧ୍ୟ ତାଙ୍କ ନୀତି ପ୍ରତି ନିଷ୍ଠା, କାର୍ଯ୍ୟଦକ୍ଷତା ଓ ସରଳ ଜୀବନଯାପନ ପ୍ରଣାଳୀ ସକଳ ଭାରତୀୟଙ୍କୁ ଆକୃଷ୍ଟ କରି ପାରିଛି । ତାଙ୍କର ବିଚକ୍ଷଣତା ମଧ୍ୟ ସମସ୍ତଙ୍କୁ ମୁଗ୍ଧ କରିଛି । ତଟସ୍ଥ ଦୃଷ୍ଟିରୁ ବିଚାର କଲେ ସେ ଯେ ଜଣେ ଅଦ୍ୱିତୀୟା, ଏଥିରେ ସନ୍ଦେହ ନାହିଁ । ଅତୀତରେ ସେ ବିଜେପି ଦଳରୁ ବିଧାୟିକା ଓ ମନ୍ତ୍ରୀ ହୋଇଛନ୍ତି । ଝାଡଖଣ୍ଡରେ ରାଜ୍ୟପାଳ ଦାୟିତ୍ୱ ବହନ କରି ସେ ତାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦିତ କରିଛନ୍ତି । ଭାରତର ସର୍ବୋଚ୍ଚ ପଦବୀରେ ଥାଇ ମଧ୍ୟ ସେ ନିର୍ଦ୍ଦିଷ୍ଟ କୌଣସି ରାଜନୀତିକ ଦଳ ପ୍ରତି ପକ୍ଷପାତିତା ନ କରି ନିରପେକ୍ଷତା ଅବଲମ୍ବନ କରିଛନ୍ତି । ସମାଜର ତଳ ଶ୍ରେଣୀରେ ଥିବା ଗରିବ ଲୋକଙ୍କ ଦୁଃଖ ଦୂର କରିବାକୁ ସେ ନ୍ୟାୟାଧୀଶମାନଙ୍କୁ ମଧ୍ୟ ସେମାନଙ୍କ ସମ୍ମିଳନୀରେ ଅନୁରୋଧ କରି ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ନିଜ ଭିତରେ ଗଭୀର ଆତ୍ମବିଶ୍ୱାସ ଓ ଈଶ୍ୱରଙ୍କ ପ୍ରତି ଐକାନ୍ତିକ ଭକ୍ତିଭାବ ତାଙ୍କୁ ମଧ୍ୟ ଜଣେ ଅସାମାନ୍ୟ ରାଷ୍ଟ୍ରପତି ଭାବେ ମର୍ଯ୍ୟାଦିତ କରି ପାରିଛି । ରାଷ୍ଟ୍ରପତି ପଦବୀରେ ଥାଇ ମଧ୍ୟ ସେ ଭକ୍ତି ଭାବରେ ଗଦ ଗଦ ହୋଇ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଭାବେ ତାଙ୍କର ସୁରକ୍ଷା ପାଇଁ ରହିଥିବା ସକଳ ନିୟମ ଓ ଶୃଙ୍ଖଳାକୁ ନମାନି ବଡ଼ଦାଣ୍ଡରେ ଦିଅଁମାନଙ୍କୁ ଦର୍ଶନ କରିବାକୁ ସେ ଚାଲି ଚାଲି ପ୍ରାୟ ଦୁଇ କିଲୋମିଟର ପଥ ଅତିକ୍ରାନ୍ତ କରିଛନ୍ତି । ପୂର୍ବରୁ କୌଣସି ରାଷ୍ଟ୍ରପତି କାହିଁ ଏମିତି ତ କେବେ କରି ନଥିଲେ ? ଆମର ଗଣତାନ୍ତ୍ରିକ ଧାରାରେ ପ୍ରଧାନମନ୍ତ୍ରୀଙ୍କ ହାତରେ ଅଧିକ କ୍ଷମତା । ହେଲେ କେତେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କର କ୍ଷମତା ମଧ୍ୟ କିଛି କମ୍ ନୁହେଁ । କିନ୍ତୁ ରାଷ୍ଟ୍ରପତି ଭାବେ ସେ ଆପଣାର କ୍ଷମତାକୁ କେବେ ବି ଅପବ୍ୟବହାର କରିନାହାନ୍ତି । ପ୍ରିୟାପ୍ରୀତି ତୋଷଣ ନୀତିରେ ସେ କେବେ ହେଲେ ମଧ୍ୟ କାହାକୁ ସୁବିଧା ସୁଯୋଗ ଦେଇ ନାହାନ୍ତି । ଯାହା ନ୍ୟାୟସଙ୍ଗତ ଓ ନିରପେକ୍ଷ ତାହାକୁ ସେ କର୍ତ୍ତବ୍ୟ ଦୃଷ୍ଟିରୁ ଗୁରୁତ୍ୱ ଦେଇ ଅନ୍ୟ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି ।

କାଲି ପରି ମନେ ପଡ଼ି ଯାଉଛି ଗୋଟିଏ ଘଟଣା । ଓଡ଼ିଶାରେ କଂଗ୍ରେସ ଶାସନର ପରିବର୍ତ୍ତନ ଘଟିଲା । ୨୦୦୨ ମାର୍ଚ୍ଚ ୫ ତାରିଖରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବିଜେଡି–ବିଜେପି ମିଳିତ ସରକାର ଶପଥ ନେଲେ । ଠିକ୍ ପରଦିନ ବିଭିନ୍ନ ମନ୍ତ୍ରୀମାନେ ନିଜ ନିଜର ଦପ୍ତର ଦେଖିବାକୁ ସଚିବାଳୟ (ଏବର ଲୋକସେବା ଭବନ)କୁ ଯାଇଥିଲେ । ଅପରାହ୍ନ ପ୍ରାୟ ଦୁଇଟା ସମୟରେ ସଚିବାଳୟ ସମ୍ମୁଖସ୍ଥିତ ପାହାଚ ଉପରେ ଠିଆ ହୋଇ ମୁଁ ଓ ମୋର ଦୁଇ ଜଣ ସାମ୍ବାଦିକ ବନ୍ଧୁ କେତେଜଣ ବିଧାୟକ ଓ ମନ୍ତ୍ରୀଙ୍କ ସହ କଥାବାର୍ତ୍ତା ହେଉଥିଲୁଁ । ଜଣେ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ଏ ଲେଖକକୁ ସଚିବାଳୟର ସେହି ଦ୍ୱାର ମୁହଁର ଟିକେ ପଛକୁ ଡାକି ଆଣିଲେ କ'ଣ ଗୋଟାଏ କଥା କହିବା ଲାଗି । ଏହି ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ନୂତନ ମନ୍ତ୍ରୀଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସେହି ବାଟ ଦେଇ ଆସୁଥିଲେ । ସେ ସେହି ବରିଷ୍ଠ ମନ୍ତ୍ରୀଙ୍କୁ ନମସ୍କାର କଲେ ଟିକେ ନଇଁ ପଡି । ବରିଷ୍ଠ ମନ୍ତ୍ରୀ ଜଣକ ପ୍ରତି ନମସ୍କାର ଜଣାଇଲେ । ମୁଁ ପଛକୁ ଚାହିଁବା ବେଳକୁ ସେ ମୋତେ ମଧ୍ୟ ଟିକେ ନଇଁ ପଡ଼ି ନମସ୍କାର କଲେ । ମୋତେ ଖୁବ୍ ଖରାପ ଲାଗିଲା ଯେହେତୁ ମୁଁ ତାଙ୍କ ନମସ୍କାର ପାଇଁ ଯୋଗ୍ୟ ନୁହେଁ ବୋଲି ଭାବିଲି । ସେ ସେଠାରୁ ଚାଲିଯିବା ପରେ କ୍ୟାବିନେଟ ମନ୍ତ୍ରୀ ଜଣକ କାନ ପାଖରେ ପଚାରିଲେ ମୋତେ– ଏ କିଏ କହିଲେ ? ମୁଁ ତାଙ୍କୁ ଟିକେ ପରିହାସ କରି କହିଲି– କ'ଣ ନିଜ ମନ୍ତ୍ରିପରିଷଦର ମନ୍ତ୍ରୀଙ୍କୁ ବି ଚିହ୍ନି ପାରୁ ନାହାନ୍ତି ? ସେ ହେଉଛନ୍ତି ଦ୍ରୌପଦୀ ମୁର୍ମୁ । ସେ ସାମାନ୍ୟ ଲଜ୍ଜିତ ହୋଇ କହିଲେ 'ସରି' । ମୁଁ କିନ୍ତୁ ଭାବି ନେଲି, ଏ ବରିଷ୍ଠ ମନ୍ତ୍ରୀଙ୍କଠାରୁ ଏପରି ନମ୍ର ମହିଳା ମନ୍ତ୍ରୀ ଜଣକ ନିଶ୍ଚୟ ଉପରକୁ ଉଠିବେ । 'ବିଦ୍ୟା ସଂପଦେ ଯଥା ନମନ୍ତି ବୁଧେ', ମାତ୍ର ଏତେ ଉପରକୁ ସେ ଉଠିବେ ବୋଲି ମୋର ଧାରଣା ନଥିଲା ।

ଆଉ ଗୋଟିଏ ଘଟଣା । ସେ ପରିବହନ ମନ୍ତ୍ରୀ ଥିବାବେଳେ ଦିଲ୍ଲୀରେ ପରିବହନ ସଂକ୍ରାନ୍ତୀୟ ଏକ ଆଲୋଚନାଚକ୍ରରେ ଯୋଗ ଦେଇ ସେ ଯେଉଁ ବକ୍ତୃତା ଦେଇଥିଲେ, ତାଙ୍କର ତତ୍କାଳୀନ ବ୍ୟକ୍ତିଗତ ସଚିବ ବିଜୟ ନାୟକ (ଏବେ ରାଷ୍ଟ୍ରପତିଙ୍କ ପ୍ରେସ ସଚିବ) ମୋତେ ଖବର କାଗଜରେ ପ୍ରକାଶ ପାଇଁ ଦେଇଥିଲେ । ସେହି ଲିଖିତ ବକ୍ତୃତା ଦେଖି ମୁଁ ତାଙ୍କୁ ଜଣେ ଭଲ ମନ୍ତ୍ରୀ ଭାବେ ତାଙ୍କର ମୂଲ୍ୟାୟନ କରିଥିଲି । ଶ୍ରୀମତୀ ମୁର୍ମୁଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ମୁଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଗୁରୁକଲ୍ୟାଣ ମହାପାତ୍ର
(ମୁଖ୍ୟ ସମ୍ପାଦକ)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅବୁଝା ଲୋକ ହିଁ ଅସହଜ



**ସନ୍ତୋଷ କୁମାର ମିଶ୍ର**

ଏବେ ଏବେ ପ୍ରିଣ୍ଟ୍ ତଥା ଡିଜିଟାଲ ଗଣମାଧମରେ ସର୍ବାଦୃତ ଓ ବହୁଳ ଭାବେ ପ୍ରସାରିତ ଓ ପ୍ରଚାରିତ ଖବର ହେଉଛି ଅଧସ୍ତନ ସରକାରୀ କର୍ମଚାରୀମାନେ ବିଭିନ୍ନ ସମୟରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଦ୍ୱାରା ନିର୍ଯ୍ୟାତିତ ହେବା ଆଗରୁ ଯେ ଏହିଭଳି ଖବର ଶୁଣିବାକୁ ମିଳୁନଥିଲା ତା' ନୁହେଁ , ମିଳୁଥିଲା, କିନ୍ତୁ ଖୁବ କ୍ୱଚିତ । ଆଜିକାଲି କିନ୍ତୁ ଏହା ମାତ୍ରାଧିକ୍ୟ ସ୍ଥିତିକୁ ଆସି ଯାଇଥିବାର ପରିଲକ୍ଷିତ ହେଉଛି । ବର୍ତ୍ତମାନ ସମୟରେ ପ୍ରଯୁକ୍ତି ବିଦ୍ୟାର ବହୁଳ ବିକାଶ ଯୋଗୁଁ ଯେ କୌଣସି ଘଟଣାର ପ୍ରଚାର ଓ ପ୍ରସାର ଖୁବ୍ କ୍ଷୀପ୍ର ଗତିରେ ସମ୍ଭବ ହୋଇ ପାରୁଛି । କିନ୍ତୁ ଏହା ମୋ ମତରେ ଜନସାଧାରଣଙ୍କୁ ଅନେକ ସମୟରେ ବିଭ୍ରାନ୍ତ କରୁଛି । ଘଟଣାର ସତ୍ୟାସତ୍ୟକୁ ପରଖା ନଯାଇ ବଢେଇ ଚଢେଇ ଅତିରଞ୍ଜିତ କରି ଘଟଣାଟିଏ ପ୍ରସାରିତ ଅବା ପ୍ରଚାରିତ ହୋଇଗଲେ ତାହା ଜନମାନସକୁ ସହଜରେ ବିଭ୍ରାନ୍ତ କରିବାରେ ସହାୟକ ହେଉଛି ବୋଲି ବୁଦ୍ଧିଜିବୀମାନେ ସନ୍ଦେହ କରିବା ନିହାତି ସ୍ୱାଭାବିକ । ଏହା ନିଃସନ୍ଦେହ ଯେ ଏହା ଦ୍ୱାରା ସାମାଜିକ ଓ ପ୍ରଶାସନିକ ସ୍ତରରେ ଖୁବ ହଇଚଇ ଓ ଅସ୍ଥିରତା ସୃଷ୍ଟି ହେଉଛି ।

ତଳିଆ ସରକାରୀ କର୍ମଚାରୀମାନେ ଏହି ଭଳି ସ୍ଥିତିରେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି । 'ତିନି ତୁଣ୍ଡରେ ଛେଳି କୁକୁର' ହେବା ପରିସ୍ଥିତିରେ ସେମାନଙ୍କର ଉଭୟ ସାମାଜିକ ସ୍ଥିତି ଦୁର୍ବଳ ହେବା ସହିତ ବାଧ୍ୟବାଧକତାରେ କୋର୍ଟ କଚେରୀ ମମଲାରେ ଛନ୍ଦି ହୋଇ ଆର୍ଥିକ ଭାବେ ମଧ୍ୟ ଦୁର୍ବଳ ହେଉଛନ୍ତି ସରକାର ଏହାକୁ ଯେ ପରଖି ନାହାନ୍ତି ସେ କଥା ସହଜରେ ବିଶ୍ୱାସ କରି ହେଉନି । କିନ୍ତୁ ସରକାର ନିଜ କର୍ମଚାରୀମାନଙ୍କୁ ଯଥୋଚିତ ସାମ୍ବିଧନିକ ସୁରକ୍ଷା ଯୋଗାଇ ଦେଇ ପାରୁ ନଥିବା କଥା ବର୍ତ୍ତମାନ ସର୍ବସାଧାରଣରେ ବିଭିନ୍ନ ଚା' ଖଟି ଓ ଛକ ଯାଗାମାନଙ୍କରେ ଆଲୋଚିତ ହେବାର ଜଣା ପଡିଲାଣି । ଏହା ନିଶ୍ଚୟ ଏକ ଚିନ୍ତାର ବିଷୟ । ଏହା ଶାସକ କି ଶାସିତ କାହା ପକ୍ଷରେ ଶୁଭଙ୍କର ନୁହେଁ । ଚାଣକ୍ୟଙ୍କ କହିବା ଅନୁସାରେ, ଜଣେ ରାଜା (ଶାସକ) ହେଉଛନ୍ତି ରାଜ୍ୟ ଓ ସମାଜର ମୂଳଦୁଆ । ସେ ସମାଜରେ ଶାନ୍ତି, ଶୃଙ୍ଖଳା ଓ ବିଶେଷ କରି ଧର୍ମର ରକ୍ଷକ ଭାବରେ କାର୍ଯ୍ୟ କରନ୍ତି, ଏବଂ ପ୍ରଜାଙ୍କ କଲ୍ୟାଣ ହେଉଛି ତାଙ୍କର ପ୍ରାଥମିକ କର୍ତ୍ତବ୍ୟ । ତେଣୁକରି କର୍ମଚାରୀ ନିର୍ଯ୍ୟାତନାର ଏହି ଦୁଃଖଦ ଶୃଙ୍ଖଳା ବିଷୟରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ସମସ୍ତେ ଆଶା କରିବା ନିହାତି ଯୁକ୍ତିଯୁକ୍ତ ।

ସମାଜରେ ସବୁ ବର୍ଗର ଲୋକ ମିଳିଥାଆନ୍ତି । ସେମାନଙ୍କ ମଧ୍ୟରେ କିଛି ନିହାତି ଅସହଜ ଲାଗନ୍ତି । ନିଜ ପ୍ରକୃତି ଓ ପ୍ରବୃତ୍ତିକୁ ନେଇ ସେମାନଙ୍କ ନାକ ଅଗରେ ରାଗ ରହିଥିବା ଆମେ ହୃଦୟଙ୍ଗମ କରୁ । ସେମାନଙ୍କ ମଧ୍ୟରେ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ସେହିଭଳି ପ୍ରକୃତି ଓ ପ୍ରବୃତ୍ତିର ଜଣେ ଲୋକ ନିଜର କୌଣସି ଜରୁରୀ ସମସ୍ୟା ବା ଆବଶ୍ୟକତାର ସମାଧାନ ଲାଗି ଯଦି କୌଣସି ସରକାରୀ ଦପ୍ତରକୁ ଆସେ, ତେବେ ତାକୁ କି ଭଳି ଭାବରେ ସାମନା କରିବାକୁ ହେବ ସେହି ବିଷୟରେ ଆଧୁନିକ ଉନ୍ନତ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ତାଲିମ କର୍ମଚାରୀମାନେ ପାଇଛନ୍ତି କି ନାହିଁ କହି ହେବନି । ଅନେକ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କର ଅହଂଭାବ ଏକ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହୋଇଥାଏ । କର୍ମଚାରୀମାନଙ୍କର ନିଜକୁ କଳେବଳେ ଜାହିର କରାଇବାର ଇଚ୍ଛା ଓ ତାଙ୍କ ସାମନାରେ ରହିଥିବା ମଣିଷଟିର ସମସ୍ୟାର ପ୍ରକୃତ ଅନୁଧ୍ୟାନ କରିବା ଦିଗରେ ଅନାଗ୍ରହତା, ସାଧାରଣ ମଣିଷଟିକୁ ବିଦ୍ରୋହୀ କରିଦେବା ଆଶ୍ଚର୍ଯ୍ୟଜନକ ନୁହେଁ । ତା' ପରେ ପରିସ୍ଥିତି ଆଣାୟତ୍ତ ହୋଇ ସ୍ୱାଭିମାନ ସଂକଟରେ ପଡିଯାଏ । ସମାଧାନର ଇଚ୍ଛା ନେଇ ଯେଉଁମାନେ ହାତ ବଢାନ୍ତି, ପରେ ପରେ ସେମାନଙ୍କର ଅଭିସନ୍ଧି ସ୍ପଷ୍ଟ ହୋଇଯିବା ଯୋଗୁଁ ସେମାନଙ୍କର କଜଳପାତିଆ ଭଦ୍ରଲୋକି ଆଉ ଚଳେନି ।

ନେଡିଗୁଡ କହୁଣିକୁ ବୋହିଗଲା ପରେ ବା ଅନ୍ୟ ଭାବରେ କହିଲେ ବୁହାଇ ଦିଆଗଲା ପରେ ଆରମ୍ଭ ହୋଇଯାଏ ପରସ୍ପର ମଧ୍ୟରେ ଦୋଷାରୋପ ଓ କାଦୁଆ ଫିଙ୍ଗା । ଦେଖଣହାରୀ ବେଢିଯାଇ ତାଳି ମାରନ୍ତି । ପ୍ରଶାସନ ବା ପ୍ରଶାସନିକ ଅଧିକାରୀ ଅଥବା କର୍ମଚାରୀ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଅସହଜ ମଣିଷ ଭାବରେ ଚିତ୍ରିତ କରୁଥିବା ବେଳେ, ସେହି ଅସହଜ ମଣିଷ ଜଣକ ପ୍ରତିପକ୍ଷଙ୍କୁ ଦୁର୍ନୀତିଗ୍ରସ୍ତ, ଅପାରଗ ଓ ଅସହିଷ୍ଣୁ କହିବା ସହିତ ସ୍ଥଳ ବିଶେଷରେ ତାଙ୍କର ଚାରିତ୍ରିକ ସ୍ଖଳନର ଦୃଷ୍ଟାନ୍ତ ଲୋକଲୋଚନକୁ ଆଣିବାରେ ଲାଗିପଡନ୍ତି । ତିନି ତୁଣ୍ଡରେ ତ ଛେଳି ବି କୁକୁର ହୋଇଯିବାର ଦୃଷ୍ଟାନ୍ତ ବିରଳ ନୁହେଁ, ସେହିଭଳି ପ୍ରଚେଷ୍ଟା–ଅଗ୍ନିରେ ଘିଅ ଢାଳି ତେଜେଇ ରଖିବାକୁ ତଥାକଥିତ ବୁଦ୍ଧିଜୀବୀ ମହଲରେ ଧାଁ ଦଉଡ ଆରମ୍ଭ ହୋଇଯାଏ । ଅବଶ୍ୟ ଏହିଭଳି ସମ୍ବାଦ କିଛି ଦିନ ଗଡିଗଲା ପରେ ତାହାର ଓଜନ ହରେଇ ଦିଏ, ଲୋକେ ଭୁଲି ଯାଆନ୍ତି ପନ୍ଦର ଦିନ ତଳେ କଣ ଘଟିଥିଲା । କିନ୍ତୁ ପ୍ରକୃତ ପକ୍ଷଦ୍ୱୟ ଥାନା ଓ କୋର୍ଟ କଚେରି ଦୌଡି ଦୌଡି ତାଙ୍କର ଗୋଇଠି ଘୋରି ଚାଲନ୍ତି । ଏହିଭଳି ଘଟଣାରେ ସରକାରଙ୍କର ଦାୟିତ୍ୱ ଉପରେ ଜନସାଧାରଣ ଅନେକ ପ୍ରଶ୍ନ କରିବା ଦେଖାଯାଏ । ସରକାରୀ କର୍ମଚାରୀଙ୍କ ମଧ୍ୟରେ ସହନଶୀଳତା ବୃଦ୍ଧି କରେଇବା ପାଇଁ ନିର୍ଦ୍ଦିଷ୍ଟ ତାଲିମର ବନ୍ଦୋବସ୍ତ କରାଯିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ସରକାରୀ କର୍ମଚାରୀ ଜଣେ ଜଣେ ଦାୟିତ୍ୱବାନ ବ୍ୟକ୍ତି । ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସମସ୍ୟା ସମାଧାନ ଦିଗରେ ସେମାନେ ନିଷ୍ଠାପର ଭାବେ ଉଦ୍ୟମ କରିବା ସମସ୍ତେ ଆଶା କରିବେ ନିଶ୍ଚୟ । ଅତୀତରେ ଅସହିଷ୍ଣୁ ସରକାରୀ କର୍ମଚାରୀ ଓ ସମାଜର କୌଣସି ବର୍ଗର ଅସହଜ ବ୍ୟକ୍ତିଙ୍କ ମଧ୍ୟରେ ଘଟିଯାଇଥିବା କିଛି ଘଟଣାର ବାରମ୍ବାର ତର୍ଜମା କରି ପ୍ରଶାସନିକ ସ୍ତରରେ କିଛି ଦୃଷ୍ଟାନ୍ତମୂଳକ ପନ୍ଥା ଆପଣେଇଲେ ହୁଏତ କିଛି ସୁଫଳ ମିଳିବ ବୋଲି ଆଶା କରିବା ।

ସମସ୍ୟା ଜର୍ଜରିତ ବ୍ୟକ୍ତିଟି ତା'ର ସମସ୍ୟା ସମାଧାନ ନହେଲା ପର୍ଯ୍ୟନ୍ତ ଅସହଜ ବ୍ୟବହାର କରିବା ଅବଶ୍ୟମ୍ଭାବୀ । ସେହି ଭଳି ଜଣେ ବ୍ୟକ୍ତିଙ୍କୁ ସାମନା କରିବାକୁ ହେଲେ ପ୍ରତିପକ୍ଷ ବ୍ୟକ୍ତି ଧୈର୍ଯ୍ୟବାନ ଓ ସହନଶୀଳ ହେବା ବାଞ୍ଛନୀୟ । ଜଣେ ବୁଭୁକ୍ଷୁ ମା' ଅତୀବ ଦାରିଦ୍ର୍ୟର ଶିକାର ହେଲେ ତା' କୋଳରୁ ପିଲାକୁ ବିକ୍ରି କରି ନିଜର କ୍ଷୁଧା ମେଣ୍ଟେଇବାକୁ ଅପରାଧ ବୋଲି ଗ୍ରହଣ କରେ ନାହିଁ । ତେଣୁ ଜଣେ ଅସହଜ ଲୋକକୁ ଯଥାସମୟରେ ଜଣେ ସହଜ ବ୍ୟକ୍ତିରେ ପରିଣତ କରେଇବାରେ ଜଣେ କାଉଣ୍ଟରମ୍ୟାନ୍‌ଙ୍କର ସଫଳତା ହିଁ ଏହିଭଳି ଘଟଣା ପ୍ରବାହକୁ ପ୍ରଶମିତ କରିପାରେ, କାରଣ ଆମେ ହିତୋପଦେଶ ଓ ପଞ୍ଚତନ୍ତ୍ର ପଢି ଜାଣିଛେ:'ବୁଭୁକ୍ଷିତଃ କିଂ ନ କରୋତି ପାପଂ, କ୍ଷୀଣା ନରା ନିଷ୍କରୁଣା ଭବନ୍ତି ।'

ତେବେ ଏ ଦିଗରେ ପ୍ରଶାସନ, ପ୍ରଶାସକ ଓ ପ୍ରଶାସିତ, ସମସ୍ତଙ୍କର ଭୂମିକା ସ୍ପଷ୍ଟ ହୋଇଯିବା ଆବଶ୍ୟକ ବ୍ୟକ୍ତିଗତ ସ୍ତରରେ ପ୍ରାଥମିକ ଭାବେ ସମସ୍ତ ସରକାରୀ କର୍ମଚାରୀ ଭାଇମାନେ Dale Carnegie ଙ୍କର How to win Friends and Influence people ବହିଟିକୁ ଥରେ ପଢିନେଇ ଅସହଜ ଲାଗୁଥିବା ଲୋକଙ୍କ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀରେ ଆବଶ୍ୟକ ପରିବର୍ତ୍ତନ କରିନେବେ ବୋଲି ଆଶା କରା ଯାଇପାରିବ ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଓଗାଳପଡା, ଜାଆଁଳା, ଖୋର୍ଦ୍ଧା,
ମୋ–୮୧୪୪୧୪୫୨୯୧

# ପୋଡପିଠାରେ ମହାପ୍ରଭୁଙ୍କ ମନ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଓଡ଼ିଆ ଘରର ଅଳଙ୍କାର ଓ ଓଡ଼ିଆ ଘରର ଖାଦ୍ୟ ବିଶ୍ୱରେ ବିରଳ । ଓଡ଼ିଆ ଜାତିର ଜାତୀୟ ଦେବତା ଜଗନ୍ନାଥ ବି ଅଳଙ୍କାର ଓ ଖାଦ୍ୟ ପ୍ରିୟ । ପ୍ରତିଦିନ ଷାଠିଏ ପଉଟି, ଛପନ ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୁଏ । ଉଭୟ ଅନ୍ନ ଓ ଶୁଖିଲା ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୋଇଥାଏ, ଯାହାକୁ କି 'ମହାପ୍ରସାଦ' କୁହାଯାଏ । ମହାପ୍ରସାଦରେ ଜାତିବର୍ଣ୍ଣର ଭେଦାଭେଦ ନଥାଏ । ଗଙ୍ଗା ଜଳ ଯେପରି ସବୁ ସଂପ୍ରଦାୟ ପାଇଁ ଆଦରଣୀୟ, ମହାପ୍ରସାଦ ସେପରି ସମସ୍ତ ସଂପ୍ରଦାୟ ପାଇଁ ବରଣୀୟ । ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ବିଶେଷ ରୁଚି ଥିବାରୁ ପ୍ରତିଦିନ ପିଠା ଭୋଗ ମଧ୍ୟ କରାଯାଏ ।

ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଘରେ 'ପୋଡପିଠା' ପ୍ରସ୍ତୁତ କରାଯାଏ । ଏହା ଏକ ପାରମ୍ପରିକ ଓଡ଼ିଆ ପିଠା । ପ୍ରତ୍ୟେକ ଓଡ଼ିଆଙ୍କ ଘରେ ବିଭିନ୍ନ ପର୍ବପର୍ବାଣୀରେ ଏହି ପୋଡପିଠା ତିଆରି ହୁଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ମଧ୍ୟ ଏହି ପୋଡପିଠା ଖାଇବାର ପରମ୍ପରା ରହିଛି । ମାତ୍ର ଶ୍ରୀମନ୍ଦିର କୋଠଭୋଗରେ ଲାଗି ହେଉଥିବା ପୋଡପିଠା ଏହାଠୁଁ ଭିନ୍ନ । ଶ୍ରୀମନ୍ଦିର ଭାଷାରେ ଏହାକୁ କୁହାଯାଇଥାଏ 'ହାତପୋଡା ଅମାଲୁ' । ମହାପ୍ରଭୁଙ୍କର ଅତ୍ୟନ୍ତ ପ୍ରିୟ ଏହି ପୋଡପିଠା । ମହାପ୍ରଭୁଙ୍କ ସନ୍ଧ୍ୟା ଧୂପରେ ସାତ ମୂର୍ତ୍ତି 'ହାତପୋଡା ଅମାଲୁ' ଭୋଗ ଲାଗିଥାଏ । ଦିବ୍ୟ ମହକ ଯୁକ୍ତ ଏହି ପୋଡପିଠା ଖୁବ୍ ସ୍ୱାଦପୂର୍ଣ୍ଣ । ବାହୁଡା ଦିନ ଦାରୁଦିଅଁ ରଥାରୂଢ ହେବା ପରେ ନୀଳାଚଳ ଅଭିମୁଖେ ଯାତ୍ରା କରନ୍ତି । କିଛି ବାଟ ଗଡିବା ପରେ ରଥ ବଳଗଣ୍ଡି ଠାରେ ଅଟକିଯାଏ । ସେହି ସ୍ଥାନ ହେଉଛି ମାଉସୀ ମା' ମନ୍ଦିର । ମାଉସୀ ଠାରୁ ପୋଡପିଠା ଖାଇବା ପାଇଁ ଭଗବାନ ବ୍ୟଗ୍ର ହୋଇ ଉଠନ୍ତି । ଖାଦ୍ୟପ୍ରିୟ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ପ୍ରକାର ସୁବାସିତ ଦ୍ରବ୍ୟର ମିଶ୍ରଣ କରି ଏହି ପୋଡପିଠା ପ୍ରସ୍ତୁତ କରିଥାନ୍ତି ସ୍ନେହମୟୀ ମାଉସୀ ।

ବହୁ ବର୍ଷ ପୂର୍ବରୁ ବଡଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଥିଲା । ସେତେବେଳେ ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ଗୁଣ୍ଡିଚା ଯାତ୍ରାରେ ଯିବାକୁ ରଥଯାତ୍ରା ସମୟରେ ଛଅଟି ରଥ ନିର୍ମାଣ ହେଉଥିଲା । ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ତିନିଟି ରଥରେ ଆସି ନଦୀ ନିକଟରେ ଓହ୍ଲାଉଥିଲେ । ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ଆରପଟେ ତିନି ରଥରେ ବିଜେ କରାଯାଉଥିଲା । ମହାପ୍ରଭୁ ନଦୀ ପାର ହୋଇ ଯିବା ପରେ ସେହି ରଥରେ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଉଥିଲେ । ଏହି ନବ ଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳବଦଳରେ ଛଅରୁ ସାତ ଦିନ ବିତୁଥିଲା ।


ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେଇଥିଲେ । ଯେଉଁଥିପାଇଁ ତାଙ୍କୁ କୁହାଯାଏ 'ଅର୍ଦ୍ଧଶୋଷିନୀ' ବା 'ଅର୍ଦ୍ଧାଶିନୀ' । ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଜଗନ୍ନାଥ ମାଉସୀ କଥା ରକ୍ଷା କରି ବାହୁଡିବା ବେଳେ ମାଉସୀମା' ମନ୍ଦିରରେ ପୋଡପିଠା ଖାଇ ଯାଇଥାନ୍ତି ବୋଲି କିମ୍ବଦନ୍ତୀ ରହିଛି । ମାଦଳା ପାଞ୍ଜି ମୁତାବକ ବୀର ନରସିଂହଦେବ ରାଜାଙ୍କ ରାଜତ୍ୱ କାଳରେ ବାଙ୍କି ମୁହାଣ ପୋତା ହୋଇଥିଲା । ନଦୀ ପୋତା ଯିବାରୁ ଛଅ ରଥ ବଦଳରେ ତିନି ରଥ କରା ଯାଇଥିଲା ।

କେତେକ ଗବେଷକଙ୍କ ମତରେ ଗଙ୍ଗ ସମ୍ରାଟ ଅନଙ୍ଗ ଭୀମଦେବଙ୍କ ପୁତ୍ର ପ୍ରଥମ ଭାନୁଦେବଙ୍କ ଶାସନ କାଳରେ ମାଧବାଚାର୍ଯ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିଲେ । ରଥଯାତ୍ରା ସମୟରେ ଦୁଇ ପ୍ରକାର ରଥ ବ୍ୟବସ୍ଥା ଶାସ୍ତ୍ର ବିରୋଧୀ ବୋଲି ମତ ଦେବାରୁ ପ୍ରଥମ ଭାନୁଦେବ ମାଳିନୀ ନଦୀକୁ ପୋତି ବଡଦାଣ୍ଡରେ ମିଶାଇ ଦେଇଥିଲେ । ତେବେ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଝି ଭାଗରେ ମାଉସୀମା' ମନ୍ଦିର ଅବସ୍ଥିତ । କେଶରୀ ବଂଶ ରାଜାଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଜଗନ୍ନାଥଙ୍କ ମାଉସୀମା' ଭାବେ ଜଣାଶୁଣା ଏହି ଅର୍ଦ୍ଧାଶିନୀ ଦେବୀଙ୍କ ମନ୍ଦିର ନିକଟରେ ଗୁଣ୍ଡିଚା ମନ୍ଦିରରୁ ଫେରିବା ସମୟରେ ମହାପ୍ରଭୁଙ୍କ ରଥ ଟିକିଏ ଅଟକି ଯାଇ ମାଉସୀମା'ଙ୍କ ହାତରୁ ଶ୍ରଦ୍ଧାର ପୋଡପିଠା ଖାଇଥାନ୍ତି । ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ପୋଡପିଠା ଖାଇବା ପରେ ପ୍ରଭୁ ଶ୍ରୀଜଗନ୍ନାଥ,ବଳଭଦ୍ର ଓ ଦେବୀ ସୁଭଦ୍ରା ସନ୍ତୋଷ ଲାଭ କରନ୍ତି । ପୌରାଣିକ ମତ ଅନୁଯାୟୀ ମାଉସୀମା' ଦେବୀ ଅର୍ଦ୍ଧାସିନୀ ହେଉଛନ୍ତି ତ୍ରେତୟା ଯୁଗର ମା' କୈକେୟୀ ଓ ଦ୍ୱାପର ଯୁଗର ମା' ଯଶୋଦାଙ୍କ ଅନ୍ୟ ରୂପ । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ କୌଣସି ପୋଡା ଦ୍ରବ୍ୟ ଭୋଗ କରାଯାଏ ନାହିଁ । ଏଣୁ ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ଅନ୍ୟ ଭୋଗ ଭଳି ପୋଡପିଠାର ମଧ୍ୟ ସ୍ୱତନ୍ତ୍ରତା ରହିଛି । ପୋଡପିଠା କୁହାଯାଉଥିଲେ ମଧ୍ୟ ଏହାକୁ ପୋଡା ଯାଇନଥାଏ । ବାଷ୍ପ ଦ୍ୱାରା ସିଝାଇ ପୋଡପିଠା ପ୍ରସ୍ତୁତ ହୁଏ । ହେରା ପଞ୍ଚମୀ ଠାରୁ ପୋଡପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏହି ଦିନ ଇଟାରେ ଚୁଲି ନିର୍ମାଣ କରାଯାଏ । ଛେନା, ଅଟା, ଚିନି, ଅଳେଇଚ, ଲବଙ୍ଗ, ପିସ୍ତା ବାଦାମ , ଖିସ୍‌ମିସ୍ ଏବଂ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ । ଚୁଲିରେ ପାଣି ହାଣ୍ଡି ବସାଯାଇ ଗରମ କରାଯାଏ । ହାଣ୍ଡି ଉପରେ ପଡିଥିବା ଜାଲିରେ ଏକ ଖଲି ପତ୍ର ପକାଯାଇ ଏହି ଅଟା ମିଶ୍ରଣକୁ ରଖାଯାଏ ଓ ତା' ଉପରେ ଏକ ଖଲି ପତ୍ର ରଖାଯାଏ । ଗରମ ପାଣିରୁ ନିର୍ଗତ ବାମ୍ପରେ ସାତରୁ ଆଠ ଘଣ୍ଟା ଏହି ମିଶ୍ରଣ ସିଝିଥାଏ । ଏହା ସଂପୂର୍ଣ୍ଣ ସିଝି ପାଗ ହୋଇଯିବା ପରେ ତାହାକୁ ଓହ୍ଲାଇ ଥଣ୍ଡା କରାଯାଏ । ଥଣ୍ଡା ହେବା ପରେ ତାହାକୁ ସାଇଜ୍ କରି କଟାଯାଇ ଦେଶୀ ଗୁଆଘିଅରେ ଛଣା ଯାଇଥାଏ । ତପ୍ରରେ ଏହା ନୈବେଦ୍ୟ ଉପଯୋଗୀ ହୋଇଥାଏ । ତିନୋଟି ମାଟି କୁଡୁଆରେ ଏହା ରଖା ଯାଇଥାଏ । ବାହୁଡା ଦିନ ପ୍ରତି ରଥ ମାଉସୀମା' ମନ୍ଦିର ନିକଟରେ ଅଟକିଥାଏ ।

ପ୍ରଥମେ ତାଳଧ୍ୱଜ ରଥ ତାପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରେ ଦାରୁଦିଅଁମାନଙ୍କୁ ପୋଡପିଠା ଅର୍ପଣ କରାଯାଏ । ପୂଜାପଣ୍ଡା ସାମନ୍ତ ଆସି ମାଉସୀମା'ଙ୍କ ନିକଟରେ ପୋଡପିଠା ଭୋଗ କରିବା ପରେ ରଥାରୁଢ ଠାକୁରଙ୍କୁ ସମର୍ପଣ କରିଥାନ୍ତି । ଏହାକୁ 'ସର୍ପମଣୋହି ଭୋଗ' କୁହାଯାଏ । ମାଉସୀ ଅର୍ଦ୍ଧଶୋଷିନୀ ଦେବୀଙ୍କ ପ୍ରସ୍ତୁତ ସ୍ୱାଦିଷ୍ଟ ପୋଡପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି ମହାପ୍ରଭୁ । ବହୁ କଥା ଓ ଗାଥାକୁ ନେଇ ଏହି ପୋଡପିଠା ଭୋଗ ପରମ୍ପରା ପ୍ରଚଳିତ । ପୋଡପିଠା ଭୋଗରୁ କାଣିଚାଏ ପାଇବାକୁ ଭକ୍ତ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି ।

ଭୁଷଳ,ଭୁବନ,ଢେଙ୍କାନାଳ
ମୋ–୯୪୩୭୭୨୯୩୮୪

# 'କୁମ୍ଭାର ଚକ'ର କାରିଗର କବିଚନ୍ଦ୍ର କାଳୀଚରଣ–୨



**ଡାକ୍ତର ରବି ରଂଜନ ସାହୁ**

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଶାର ସାରସ୍ୱତ ଜଗତରେ ଜଣେ ଅତି ଉଚ୍ଚକୋଟୀର ପ୍ରତିଭା ଭାବେ ସମସ୍ତଙ୍କଠାରୁ ଶ୍ରଦ୍ଧା, ସମ୍ମାନ ଲାଭ କରି ଜଣେ ଯଶସ୍ୱୀ କଳାକାର ଭାବେ ସ୍ୱୀକୃତି ଲାଭ କରିପାରିଥିଲେ । ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶଧାରାରେ ତାଙ୍କର ଭୂମିକା ଇତିହାସ ସୃଷ୍ଟି କରିଥିଲା । ଧରାକୋଟ ରାଜାଙ୍କ ସହାୟତାକ୍ରମେ ସେ ପୁରୀ ମରିଚିକୋଟ ଗଳିରେ 'ସଂଗୀତପ୍ରଭା' ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ । ଏହାଥିଲା ସଂଗୀତ ସଂପର୍କୀତ ପ୍ରଥମ ଓଡ଼ିଆ ପତ୍ରିକା । ସେ ଉତ୍ସାହିତ ହୋଇ ଗୋଟିଏ ସଂଗୀତ ବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ତାହା କିଛି ଦିନ ପରେ ବନ୍ଦ ହୋଇ ଯାଇଥିଲା ।

ଓଡ଼ିଶାରେ କାଳୀଚରଣ ପ୍ରଥମେ ଗ୍ରାମ୍‌ଫୋନ କମ୍ପାନୀ ରେକର୍ଡ଼ିଂ ୧୯୪୫ ମସିହାରେ ରାଜ୍ୟ ଲୋକ ସଂପର୍କ ବିଭାଗ ପକ୍ଷରୁ କରିବା ପାଇଁ ସ୍ଥିର କରାଯିବାରୁ ସେଥିରେ ସେ ଗୀତ ଲେଖି ଓ ସ୍ୱର ଦେଇ ସଂଯୋଜନା କରିଥିଲେ । ସିଂହାରୀ ଶ୍ୟାମାସୁନ୍ଦର କର, ପୁରୀର ଲୋକନାଥ ମିଶ୍ର ଏବଂ ଦୁର୍ଲଭ ସିଂହ, ସୁମତୀ ଦେବୀ ପ୍ରମୁଖ ତାଙ୍କ ରଚିତ ଗୀତ ଗାଉଥିଲେ ।

ବିଶ୍ୱାସ କରାଯାଏ ଯେ, ଏହି ମହାନ୍ ପ୍ରତିଭାଧର ବ୍ୟକ୍ତି ମା' କାଳୀଙ୍କ ଆଶୀର୍ବାଦ ଲାଭ କରି କାଳୀଚରଣ ନାମରେ ପ୍ରସିଦ୍ଧି ଲାଭ କରିଥିଲେ । ୧୮୯୭ ମସିହା ଡ଼ିସେମ୍ବର ୨୩ ତାରିଖରେ ବଉଳ ଅମାବାସ୍ୟା ପଡ଼ିଥିଲା । ସେହିଦିନ କାଳୀଚରଣ କଟକ ଜିଲ୍ଲାର ବଡ଼ମ୍ବାଗଡ଼ରେ ପିତା ଦୁର୍ଗା ଚରଣ ପଟ୍ଟନାୟକଙ୍କ ଔରସରୁ ଜନ୍ମ ହୋଇଥିଲେ । ତାଙ୍କ ପିତା ମଧ୍ୟ ଜଣେ ନିଷ୍ଠାପର କାଳୀ ଉପାସକ ଥିଲେ । ତାଙ୍କ ମାଆଙ୍କଠାରୁ ସେ ଶୈଶବ ଅବସ୍ଥାରେ ମଥୁରା ମଙ୍ଗଳ, ବିଦଗ୍ଧ ଚିନ୍ତାମଣି ବୈଦେହୀଶ ବିଳାସ ପ୍ରଭୃତି ଧର୍ମଗ୍ରନ୍ଥ ତଥା କାବ୍ୟ କବିତାର ଛାନ୍ଦ ଶିକ୍ଷା କରିଥିଲେ ।

ବାଲ୍ୟକାଳରେ ତାଙ୍କର ସ୍ୱର ଖୁବ୍ ମଧୁର, କୋମଳ ଥିଲା । ତେଣୁ କାଳୀଚରଣ କିଶୋର ଅବସ୍ଥାରୁ ସଂଗୀତ ଓ ସାହିତ୍ୟ ପ୍ରତି ଅନୁରକ୍ତ ହୋଇ ଘରେ ମାଆ ଓ ଜେଜେ ବାପାଙ୍କ ଦ୍ୱାରା ଗୋଟିପୁଅ ଦଳର ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥିଲେ ।

ସେ ଖୁବ୍ ସୁଲଳିତ ସ୍ୱରରେ ଗ୍ରାମଫୋନ ରେକର୍ଡ଼ରୁ ବାଜୁଥିବା ଗୀତକୁ ମୁଖସ୍ଥ କରି ବଡ଼ମ୍ବାର ରାଜା ବିଶ୍ୱମ୍ବର ମଙ୍ଗରାଜ ମହାପାତ୍ରଙ୍କୁ ଶୁଣାଇ ରାଜାଙ୍କଠାରୁ ସ୍ନେହ ଓ ଶୁଭେଚ୍ଛା ସହ ପାଞ୍ଚଟଙ୍କା ପୁରସ୍କାର ପାଇଥିଲେ । ବଡ଼ମ୍ବାଗଡ଼ରେ ଥିବା ବିଦ୍ୟାଳୟରେ ପାଠ ପଢୁଥିଲାବେଳେ ଶିକ୍ଷକ କୃପାସିନ୍ଧୁ ପଟ୍ଟନାୟକଙ୍କର ସେ ଦୃଷ୍ଟି ଆକର୍ଷଣ କରିଥିଲେ ।

କାଳୀଚରଣ ଥରେ ବାପାଙ୍କ ଆଲମିରା ଖୋଲି ହଠାତ୍ ଗୋଟିଏ ନାଟକ ବହି ପାଇଲେ । ସେଇ ନାଟକର ନାଁ ଥିଲା 'ବାବାଜୀ' । ତାକୁ ସେ ନିଜ ଖଳା ବାଡ଼ିରେ ସାଙ୍ଗମାନଙ୍କୁ ନେଇ ଅଭିନୀତ କରାଇଥିଲେ ।

ସେ କଥା ସ୍କୁଲ ଶିକ୍ଷକ ଜାଣିବା ପରେ ତାଙ୍କୁ ମାଡ଼ ମାରିଥିଲେ । କିନ୍ତୁ ପ୍ରଧାନଶିକ୍ଷକ କାଳୀଚରଣଙ୍କ କାବ୍ୟ ପ୍ରତିଭା ପ୍ରତି ଆକୃଷ୍ଟ ହୋଇଥିବାରୁ ସେ ସହକାରୀ ଶିକ୍ଷକଙ୍କୁ ବାରଣ କଲେ ଏବଂ କାଳୀଚରଣର ପ୍ରତିଭାକୁ ବିକଶିତ ହେବାକୁ ସୁଯୋଗ ଦେବା ଉଚିତ ବୋଲି କହିଲେ । କାଳୀଚରଣ ଏଥିରେ ନାଟକ ଅଭିନୟ କରିବା ଆଡକୁ ଉତ୍ସାହିତ ହେବାକୁ ଲାଗିଲେ । ସେହି ସମୟରୁ ସେ ଜଣେ ସୁନାମଧନ୍ୟ ନାଟ୍ୟକାର ହେବାର ସୂଚନା ତାଙ୍କରି ଭିତରେ ଅଙ୍କୁରିତ ହୋଇଥିଲା ।

ପରବର୍ତ୍ତୀ କାଳରେ ସେ ହୋଇଗଲେ ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ କୀର୍ତ୍ତିମାନ ପ୍ରତିଭା । ସେହି କୈଶୋର କାଳରେ କାଳୀଚରଣଙ୍କ ପ୍ରଥମ କବିତା 'କଳାହାଣ୍ଡିଆ ମେଘ' ଲେଖିଥିଲେ । ୧୫ବର୍ଷ ବୟସରେ ତାଙ୍କ ସ୍କୁଲରୁ ପ୍ରକାଶିତ ପତ୍ରିକା ଛାପା ହୋଇ ବାହାରିଲା । ସେଥିରେ ତାଙ୍କର ଗୋଟିଏ ଛୋଟ ଲେଖା ବାହାରିଥିଲା । ତାହାକୁ ତାଙ୍କର ଶିକ୍ଷକ ଓ ତାଙ୍କ ନିଜ ବୋଉ ପଢ଼ି ତାଙ୍କୁ ଆଶୀର୍ବାଦ କରିଥିଲେ ।

କାଳୀଚରଣ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାଶ୍ କରି କଟକର ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ଲାଭ କଲେ । ସେତେବେଳେ 'ଦୀପିକା' ନାମକ ଏକ ପତ୍ରିକାରେ ତାଙ୍କର ନାମ ପ୍ରକାଶ ପାଇଲା । ସେତେବେଳେ କଟକରେ ତାଙ୍କର ଅଭିଭାବକ ଭାବେ ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ତାଙ୍କୁ ସହାୟତା କରିଥିଲେ । କାଳୀଚରଣଙ୍କ ପ୍ରଥମ କବିତା ବହି 'କଳାହାଣ୍ଡିଆ ମେଘ' ଛାପା ହୋଇ ପ୍ରକାଶ ପାଇବାରୁ ତାହା ତତ୍‌କାଳୀନ ପାଠକ ଓ ଲେଖକ ମହଲରେ ପ୍ରଶଂସିତ ହେଲା । ଏହା ପରେ ସେ 'ବାବାଜୀ' ନାଟକର ମଞ୍ଚାଭିନୟ କରାଇବାକୁ ଆଗ୍ରହୀ, ହେଲେ ବାଣା ଦର୍ପଦଳନ ନାଟକ ମଧ୍ୟ ମଂଚସ୍ଥ କଲେ । ଏହା ଥିଲା ତାଙ୍କ ଗ୍ରାମ୍ୟ ପରିବେଶରେ ଏକ ଅଭିନବ ଉଦ୍ୟମ ।

କିନ୍ତୁ ଦୁଃଖର କଥା, ଥରେ ସେ ସମ୍ବଲପୁର ଯାଇ କଟକକୁ ଫେରୁଥିଲା ବେଳେ ମଟର ଦୁର୍ଘଟଣାର ସମ୍ମୁଖୀନ ହୋଇ ନିଜର ଗୋଟିଏ ଗୋଡ଼ ଭାଙ୍ଗିଯିବାରୁ ସେ ଅଚଳ ହୋଇପଡ଼ିଲେ। ତଥାପି ସେ ବାଡ଼ିଧରି କାହା କାନ୍ଧରେ ହାତଭରା ଦେଇ ସଭା ସମିତିକୁ ଯାଉଥାନ୍ତି । ଶେଷକୁ ସେ ଶଯ୍ୟାଶାୟୀ ହୋଇପଡ଼ିଲେ । ୧୯୭୮ ମସିହା ଜୁଲାଇ ୨୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲା ଏବଂ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ସେହି ଦାରୁଣ ଦୁଃସମ୍ବାଦ ଓଡ଼ିଶାରେ ହାହାକାର ସୃଷ୍ଟି କରିଦେଲା । କବିଚନ୍ଦ୍ରଙ୍କ ସମଗ୍ର ଜୀବନ ସାରସ୍ୱତ ସାଧନାରେ ସିଦ୍ଧି ଲାଭ କରି ସବୁଦିନ ପାଇଁ ଅନ୍ତର୍ହିତ ହୋଇଗଲେ । 'କୁମ୍ଭାର ଚକ'ର କାରିଗରଙ୍କ ଜୀବନ ଅମର ହୋଇ ରହିଗଲା ।

ଚାନ୍ଦିନୀଚୌକ, କଟକ–୨
ମୋ– ୯୪୩୭୩–୧୦୧୭୧

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଂହଦ୍ୱାର...

ନୀତି ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ଣ ୨ଟା ୧୫ ମିନିଟରେ ଶେଷ ହୋଇଥିଲା । ବାହୁଡ଼ା ଯାତ୍ରା ପାଇଁ ଗୁଣ୍ଡିଚା ମନ୍ଦିରରେ ଆଜି ସକାଳୁ ବିଗ୍ରହ ମାନଙ୍କର ବିଭିନ୍ନ ନୀତିକାନ୍ତି ମଙ୍ଗଳ ଆଳତି, ଅବକାଶ, ତଡ଼ପ ଲାଗି, ମଇଲମ ପରେ ସକାଳ ଧୂପ ଖେଚୁଡ଼ି ଭୋଗ ହୋଇ ଥିଲା । ବିଗ୍ରହମାନେ ଖେଚୁଡ଼ି ଭୋଗ ଖାଇ ବିଗ୍ରହମାନେ ପହଣ୍ଡି ବିଜେ କରି ଥିଲେ । ଘଣ୍ଟୁଆ ମାନଙ୍କର ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, କାହାଳୀ ଓ ତରି ତେଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗୁଣ୍ଡିଚା ମନ୍ଦିର ଓ ଏହାର ଚତୁଃପାର୍ଶ୍ୱ । ଘଣ୍ଟୁଆ ମାନଙ୍କ ଘଣ୍ଟ ତାଳେ ତାଳେ ଦଇତାପତି ସେବକମାନେ ବିଗ୍ରହ ମାନଙ୍କର ପହଣ୍ଡି ବିଜେ କରି ଥିଲେ । ବିଗ୍ରହମାନେ ମୁଣ୍ଡରେ ଟାହିଆ ଲଗାଇ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଦେଇ ପହଣ୍ଡି ବିଜେ କରିଥିଲେ ।

ପ୍ରଥମେ ଚକ୍ରରାଜ ମହାପ୍ରଭୁ ସୁଦର୍ଶନ ରଥକୁ ପହଣ୍ଡି ବିଜେ କରି ଥିଲେ । ପରେ ବଡ଼ ଠାକୁର ବଳଭଦ୍ର ପହଣ୍ଡି ବିଜେ ହୋଇ ତାଳଧ୍ୱଜ ରଥ ଉପରେ ରଥାରୂଢ ହୋଇ ଥିଲେ । ପରେ ମା ଦେବୀ ସୁଭଦ୍ରା ପହଣ୍ଡି ବିଜେ କରି ଦର୍ପ ଦଳନ ରଥରେ ରଥାରୂଢ ହୋଇ ଥିଲେ । ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ନନ୍ଦିଘୋଷ ରଥ ଉପରେ ରଥାରୂଢ଼ ହୋଇ ଥିଲେ । ଅପରାହ୍ନ ୩ ଟା ୨୦ ମିନିଟରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇ ଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ ବିଧି ବିଧାନ ଅନୁଯାୟୀ ରଥ ଉପରେ ଛେରା ପହଁରା କରି ଥିଲେ । ଅପରାହ୍ନ ୪ ଟା ୨୦ ମିନିଟରେ ଛେରା ପହଁରା ସମ୍ପନ୍ନ ହୋଇ ଥିଲା । ଏହା ପରେ ରଥ ଉପରୁ ଚାରମାଳ ଫିଟା ଯାଇ ଘୋଡା ଲାଗିଥିଲା । ଅପରାହ୍ନ ୪ ଟା ୩୦ ମିନିଟରେ ରଥ ଟଣା ଆରମ୍ଭ ହୋଇଥିଲା । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ହୋଇ ଥିଲା । ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ହୋଇ ଥିଲା ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ଥିଲା । ମହାପ୍ରଭୁ ବାଟରେ ମାଉସୀମା ମନ୍ଦିର ନିକଟରେ ଅଟକି ପୋଡ଼ ପିଠା ଖାଇ ଥିଲେ । ପରେ ଶ୍ରୀମନ୍ଦିର ଅଭିମୁଖେ ରଥ ଟଣା ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ରାଜା ନଅର ନିକଟରେ ଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇ ଥିଲା । ଶ୍ରୀମନ୍ଦିର ରୁ ମା ମହାଲକ୍ଷ୍ମୀ ସେବକ ଙ୍କ ଗହଣରେ ପାଲିକିରେ ନନ୍ଦିଘୋଷ ରଥ ନିକଟକୁ ଆସି ଥିଲେ । ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ କରି ଥିଲେ । ପରେ ନନ୍ଦିଘୋଷ ରଥ ଟଣା ହୋଇ ସିଂହଦ୍ୱାର ନିକଟରେ ଲାଗିଥିଲା । ଆଜିର ରଥ ଟଣା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୋଲିସ ଡିଜି ୱାଇ ବି ଖୁରାନିଆ, ଅତିରିକ୍ତ ପୁଲିସ ଡିଜି ଆର. ପି. କୋଚେ, ସଂଜୟ କୁମାର, ଅନୁପ କୁମାର ସାହୁ, ସାର୍ଥକ ଷଡଙ୍ଗୀ, ଏସ୍ପି ପ୍ରତୀକ ସିଂହ ସମେତ ବହୁ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ବାହୁଡ଼ା ଯାତ୍ରା ସମୟରେ ସୁଭଦ୍ରାଙ୍କ ରଥ ଦର୍ପଦଳନ ସମ୍ମୁଖରେ ପ୍ରବଳ ଭିଡ଼ ଯୋଗୁ ଅଣନିଃଶ୍ୱାସୀ ହୋଇ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି କଟକର ଅଭିରାମ ଦାସ । ବଗଡା ଧର୍ମଶାଳା ନିକଟରେ ଏହି ଅଘଟଣ ଘଟିଥିଲା । ପ୍ରଥମେ ତାଙ୍କୁ ବଡ଼ଦାଣ୍ଡ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଆଜି...

ଘ.୧.୦୦, ବେଶଶେଷ ଘ.୧.୩୦, ମଧ୍ୟାହ୍ନ ଧୂପ ଅପରାହ୍ନ ଘ.୨.୦୦ ରୁ ଘ.୩.୦୦, ମଙ୍ଗଳମ ଘ.୩.୩୦, ଶାଢ଼ୀ ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତୀ ଘ.୪.୦୦, ଏକାଦଶୀ ସର୍ବାଙ୍ଗ ଘ.୪.୩୦ରୁ ଘ.୫.୦୦, ସୁନାବେଶ ଘ.୫.୦୦ ରୁ ଘ.୬.୩୦ ମଧ୍ୟରେ ଶେଷ ହେବ । ପରେ ସନ୍ଧ୍ୟାଧୂପ ଘ.୮.୦୦ ରୁ ଘ.୯.୦୦, ମହାଦୀପ ବଦାପନା ଘ.୯.୧୫, ସୁନାବେଶ ମଙ୍ଗଳମ ଘ.୧୦.୦୦ରୁ ଘ.୧୧.୦୦, ଚନ୍ଦନଲାଗି ଘ.୧୧.୩୦, ବଡ଼ସିଂହାର ବେଶ ଘ.୧୨.୦୦, ବଡ଼ସିଂହାର ଭୋଗ ଘ.୧୨.୩୦, ମଙ୍ଗଳମ ଘ.୧୨.୪୫, ମହାସ୍ନାନ ପୁରା ୦ । ଘ.୧.୦୦, ଶୟନ ଠାକୁର ବିଜେ ଘ.୧.୩୦, ମହାସ୍ନାନ ପୁରା ଘ.୪.୪୦, ମଙ୍ଗଳମ ଘ.୫.୦୦, ଚନ୍ଦନ ଲାଗି ଘ.୫.୪୦, ବଲ୍ଲଭ ବଡ଼ସିଂହାର ବେଶ ଘ.୩.୦୦, ବଲ୍ଲଭ ବଡ଼ସିଂହାର ଭୋଗ ଘ.୩.୩୦, ହରିଶୟନ ନୀତି ଘ.୪.୦୦, ରାତ୍ର ପ୍ରହରୁ ରାତ୍ର ଘ. ୪ ରେ ଅନୁଷ୍ଠିତ ହେବ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ନିକଟରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ବ୍ୟାରିକେଡ ଦେଇ ଧାଡ଼ିରେ ଆସି ସିଂହଦ୍ୱାରରେ ସମ୍ମୁଖରେ ଦଣ୍ଡାୟମାନ ରଥ ଉପରେ ଶ୍ରୀଜୀଉମାନଙ୍କର ସୁନାବେଶ ଦର୍ଶନ କରିବେ ।

## ୫ ବର୍ଷରେ...

ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଟେକ୍-ରେଡି ହୋଇପାରିଛି ଏବଂ ଓଡ଼ିଶା ଏହି ନବସୃଜନର ଅଗ୍ରଣୀ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ 'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି । ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କେବଳ ଖଣିଜ-କୈନ୍ଦ୍ରିକ ଶିଳ୍ପରେ ସୀମିତ ନରହି ସେମିକଣ୍ଡକ୍ଟର, ଏଆଇ, ଟେକ୍ସଟାଇଲ, ଫାର୍ମା ଓ ଆଇଟି ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି । ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷରେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ଆସିଛି, ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇସାରିଛି ।

ଏହି ଅବସରରେ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହାକୁ ଓଡ଼ିଶା ପାଇଁ ଏକ ଅତ୍ୟନ୍ତ ଗୌରବପୂର୍ଣ୍ଣ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ର ପ୍ରଗତିର ଏକ ନୂତନ ଶିଖରକୁ ଛୁଇଁବାକୁ ଯାଉଛି । ଓଡ଼ିଶା ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଏଚସିଏଲ୍ ଟେକ୍ନୋଲୋଜିକୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ, ଓଡ଼ିଶାରେ ନିବେଶ କରିବା ପାଇଁ ଏଚସିଏଲ୍ ପ୍ରଯୁକ୍ତିବିଦ୍ୟା ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଚସିଏଲ୍ ଚେୟାରପର୍ସନ୍ ରୋଶନୀ ନାଦର ମାଲହୋତ୍ରା ପ୍ରକାଶ କରିଛନ୍ତି । ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଚସିଏଲ୍ ରାଜ୍ୟରେ ନିଜର ଆଗାମୀ ନିବେଶ ଯୋଜନା ଆରମ୍ଭ କରିବାକୁ ଯାଉଛି । ଏହି ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଏଚ୍‌ସିଏଲ୍ ଟେକ୍‌ର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ସି. ବିଜୟକୁମାର, ସର୍ଭମ ଏଆଇର ସିଇଓ ପ୍ରତ୍ୟୁଷ କୁମାର, ଶିଳ୍ପ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଆଧିକାରିକଗଣ ଉପସ୍ଥିତ ଥିଲେ ।

## ୨୪ ଘଣ୍ଟାରେ...

୯.୪ କିମି ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ଲମ୍ବିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତାକାଲି (ଶନିବାର) କଟକ, ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲା ଲାଗି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, କଟକ, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଆଦି ଜିଲ୍ଲାଗୁଡ଼ିକ ପାଇଁ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, କଟକ, ଝାରସୁଗୁଡ଼ା, ବରଗଡ଼, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏହିସବୁ ଜିଲ୍ଲାଗୁଡ଼ିକ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବାକି ଥିବା ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି ବୋଲି ପୂର୍ବାନୁମାନ କରାଯାଇଛି ।

## ଏନ୍‌ଟିଏରୁ...

ପର୍ଯ୍ୟନ୍ତ ବ୍ୟବସ୍ଥା ରହିବ । ସଂଗଠିତ ଭାବେ ପେପର ଲିକ୍ ହେଲେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ଥିବା ଆଇନ୍‌ରେ ଅସାଧୁ ଉପାୟ ଅବଲମ୍ବନ ରୋକିବା ଲାଗି ବ୍ୟବସ୍ଥା ଥିଲା । ୟୁପିଏସ୍‌ସି, ଏସ୍‌ଏସ୍‌ସି, ନିଟ୍, ଜେଇ ଓ ସିୟୁଇଟି ଭଳି ପରୀକ୍ଷା ବ୍ୟବସ୍ଥାରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଯିବ ।

## କେତେକ...

ପ୍ରତି ସେମାନଙ୍କର ସହମତି ରହିଛି । ମୁଖ୍ୟତଃ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଏବଂ ନିଟ୍ ଆଶାର୍ଥୀଙ୍କ ଲାଗି ପୁନଃ ପରୀକ୍ଷା ଓ ପୁନଃ ପରିଚାଳନା ଏବଂ ପ୍ରତିବାଦକାରୀଙ୍କ ଉପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନ ହେବା ଦାବି ସହ କୌଣସିମତେ ବୁଝାମଣା କରାଯାଇପାରିବ ନାହିଁ । ସରକାର ର୍ୟାପିଡ୍ ଆକ୍ସନ ଫୋର୍ସ ମୁତୟନ କରିଛନ୍ତି । ଦିଲ୍ଲୀ କମିଶନର ଛାତ୍ରମାନଙ୍କ ପ୍ରତି ହୋଇଥିବା ଆକ୍ରମଣ ନେଇ ସର୍ବସାଧାରଣରେ କ୍ଷମା ମାଗନ୍ତୁ । ଆମେ ଅନୁରୋଧ କରୁଛୁ ଯେ ସରକାର ଏହି ଦାବିଗୁଡ଼ିକ ଯଥାଶୀଘ୍ର ଗ୍ରହଣ କରନ୍ତୁ । ନଚେତ୍ ସମଗ୍ର ଦେଶବ୍ୟାପୀ ଏହି ଆନ୍ଦୋଳନ କରାଯିବ । ସରକାରଙ୍କ ତରଫରୁ ପରୀକ୍ଷାରେ ସଂସ୍କାର ପାଇଁ ହୋଇଥିବା ୫ ପଦକ୍ଷେପକୁ ଆମେ ଗ୍ରହଣ କରୁଛୁ । ଆମେ କିନ୍ତୁ ଶିକ୍ଷା ବ୍ୟବସ୍ଥାର ଢ଼ାଞ୍ଚାଗତ ସଂସ୍କାର ଚାହୁଁଛୁ । ଆଶା ରଖିଛୁ ଯେ ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ । ତେବେ ଗଣମାଧ୍ୟମକୁ ସୂଚନା ଦେଇ ସିଜେପିର ମୁଖପାତ୍ର ଆଶୁତୋଷ ରଙ୍କା କହିଛନ୍ତି ଯେ ଆମେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା କହିଛୁ । ସରକାରଙ୍କୁ ଏ ବିଷୟରେ ସ୍ପଷ୍ଟ କରିଛୁ । ଆସନ୍ତାକାଲି ଅପରାହ୍ଣ ସୁଦ୍ଧା ସରକାର ତାଙ୍କ ମତ ରଖିବେ । ତେବେ ନୀତିଗତ ଭାବେ ସରକାର ଦୁଇଟି ଦାବିକୁ ଗ୍ରହଣ କରିଛନ୍ତି । ଯେଉଁ ନିଟ୍ ଆଶାର୍ଥୀମାନେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉ ଓ ପ୍ରତିବାଦକାରୀଙ୍କ ଉପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଉ ।

## ବିନା...

ନେବା ବାଧ୍ୟତାମୂଳକ ହେବ । କେବଳ ଜରୁରୀ ପରିସ୍ଥିତିରେ ଏହି ସମୟସୀମାରୁ ବ୍ୟତିକ୍ରମ କରାଯାଇପାରିବ ।

ଅର୍ଥ ବିଭାଗର ଅତିରିକ୍ତ ସଚିବ ତଥା ଏଷ୍ଟାବିଲିସମେଣ୍ଟ ଅଫିସର ସାଗରିକା ହୋତାଙ୍କ ପକ୍ଷରୁ ଓଡ଼ିଶା ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲ୍, ବାଣିଜ୍ୟିକ କର ଓ ଜିଏସଟି କମିଶନର, ଏମଡିଆର୍‌ଏଫ୍‌ଏମ୍, ଆକାଉଣ୍ଟସ୍ କଣ୍ଟ୍ରୋଲର, ଲୋକାଲ୍ ଫଣ୍ଡ ଅଡିଟ୍, ଟ୍ରେଜେରୀ ଓ ଇନ୍ସପେକ୍ସନ୍ ନିର୍ଦ୍ଦେଶକଙ୍କ ସମେତ ଅର୍ଥ ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଏହି ନିର୍ଦ୍ଦେଶ ପଠାଯାଇଛି । ପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶା ସର୍ଭିସ କୋଡ୍ ଏବଂ ସାଧାରଣ ପ୍ରଶାସନ ବିଭାଗର ପୂର୍ବ ନିର୍ଦ୍ଦେଶ ଅନୁଯାୟୀ, କାଜୁଆଲ୍ ଲିଭ୍ ବ୍ୟତୀତ ଅନ୍ୟ କୌଣସି ଛୁଟିରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯିବା ପୂର୍ବରୁ ସକ୍ଷମ କର୍ତ୍ତୃପକ୍ଷଙ୍କଠାରୁ ଛୁଟି ମଞ୍ଜୁର କରାଇବା ସହ ସଦର ମହକୁମା ଛାଡ଼ିବା ପାଇଁ ପୂର୍ବାନୁମତି ନେବା ଆବଶ୍ୟକ । ଏହି ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଅର୍ଥ ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟ ଓ ଅଧୀନସ୍ଥ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଛି ଯେ, ସେମାନେ ନିଜ ଅଧୀନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ନିୟମ ସମ୍ପର୍କରେ ଅବଗତ କରାଇବେ । ବ୍ୟକ୍ତିଗତ କାରଣରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯିବାକୁ ଚାହୁଁଥିବା କର୍ମଚାରୀମାନେ ଅତି କମ୍‌ରେ ୨୧ ଦିନ ପୂର୍ବରୁ ଛୁଟି ପାଇଁ ଆବେଦନ କରିବା ସହ ସଦର ମହକୁମା ଛାଡ଼ିବାକୁ ମଧ୍ୟ ପୂର୍ବାନୁମତି ନେବାକୁ ପଡ଼ିବ ।

ଅର୍ଥ ବିଭାଗ ସ୍ପଷ୍ଟ କରିଛି ଯେ, କୌଣସି କର୍ମଚାରୀ ଛୁଟିରେ ଯିବା ପୂର୍ବରୁ ତାଙ୍କ ଛୁଟି ମଞ୍ଜୁର ହେବା ସହ ସଦର ମହକୁମା ଛାଡ଼ିବା ପାଇଁ ଅନୁମତି ମଧ୍ୟ ମିଳିବା ଆବଶ୍ୟକ । ଏହି ନିର୍ଦ୍ଦେଶ ମାଧ୍ୟମରେ ସରକାରୀ କାର୍ଯ୍ୟାଳୟରେ ପ୍ରଶାସନିକ ଶୃଙ୍ଖଳା ସୁଦୃଢ଼ କରିବା ସହ ଛୁଟି ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାକୁ ଅର୍ଥ ବିଭାଗ ପଦକ୍ଷେପ ନେଇଥିବା ଜଣାପଡ଼ିଛି ।

## ପଞ୍ଚମ...

ସାମାଜିକ ଗଣମାଧ୍ୟମକରେ ଭିଡ଼ିଓ ବାର୍ତ୍ତା ଜାରି ରଖି ଶୁକ୍ରବାର କ୍ୟାବିନେଟ୍ ବୈଠକରେ ନିଟ୍ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ସପ୍ତାହରେ ଏକ ବିଲ୍ ଅଣାଯିବ ବୋଲି ମଧ୍ୟ କହିଛନ୍ତି । ମଧ୍ୟାହ୍ନ ୧୨ଟାରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବାପରେ ଗୃହରେ ଅଧକ୍ଷତାକୁ କରୁଥିବା ଜଗଦମ୍ବିକା ପାଲ୍ କହିଥିଲେ ଯେ ସଂଶୋଧିତ କାର୍ଯ୍ୟ ତାଲିକାରେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ସମ୍ପର୍କିତ ସଂଶୋଧନ ବିଲ୍ ବିତର୍କ ଉପରେ ସଦସ୍ୟମାନେ ଶାନ୍ତି ବଜାୟ ରଖିବାକୁ କହିଥିଲେ । ମାତ୍ର ହଙ୍ଗାମା ଜାରି ରହିବାରୁ ଗୃହକୁ ୧୨.୨୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଅପରାହ୍ଣରେ ରାଜ୍ୟସଭାରେ ବନ୍ଦେ ମାତର ବିଲ୍ ଉପସ୍ଥାପନ କରାଯିବା ପରେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନେ ଖଡ଼୍‌ଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗୃହ ବାହାରେ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଏକପାଖିଆ ମନ୍‌କି ବାତ୍ କରିବା ଅପେକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସଂସଦରେ ବିବୃତ୍ତି ରଖନ୍ତୁ । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବହିଷ୍କାର କରନ୍ତୁ ଓ ଛାତ୍ରମାନଙ୍କୁ କ୍ଷମା ମାଗନ୍ତୁ । ଛାତ୍ରଙ୍କ ସ୍ୱର ଦବାଇବାକୁ ପୋଲିସ ଯେଉଁ ଲାଠି ଓ ପେଲେଟ୍ ଗନ୍ ମାଡ କରିଛି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହାପରେ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ରହିଛୁ । ଗୃହ ବାହାରେ ରାହୁଲ ଗାନ୍ଧି କହିଛନ୍ତି ଯେ ସଂସଦୀୟ ବ୍ୟାପାର ମନ୍ତ୍ରୀ ତାଙ୍କ ନାଁ ଆଲୋଚନା କରିବାକୁ ନେବା ସତ୍ତ୍ୱେ ତାଙ୍କୁ ଗୃହରେ କହିବାକୁ ଦିଆଯାଇନଥିଲା । ପ୍ରୋଟୋକଲ ଅନୁଯାୟୀ ଯେତେବେଳେ ମୋ ନାଁ କହିବାକୁ ନିଆଯାଇଥିଲା ଓ ମୁଁ କହିବାକୁ ଚାହିଁଥିଲି କିନ୍ତୁ ମୋତେ କହିବାକୁ ଦିଆଯାଇନାହିଁ ବୋଲି ଗଣମାଧ୍ୟମକୁ ରାହୁଲ କହିଛନ୍ତି ।

## ଆନ୍ଦୋଳନରେ...

ଉଲ୍ଲେଖ କରାଯାଇଛି । ସବୁ ଛାତ୍ରମାନେ ଯନ୍ତର ମନ୍ତରରୁ ନିଜକୁ ଦୂରେଇ ରଖନ୍ତୁ । ସେଠାରେ ଆଇନ୍ ତା' କାର୍ଯ୍ୟ କରୁଛି । ଏହାଛଡା ବିଭ୍ରାନ୍ତ କରୁଥିବା କଣ୍ଟେଣ୍ଟ ସୃଷ୍ଟି କରି ପରିସ୍ଥିତି ଉପରେ ଆଉ ଘିଅ ନ ଢ଼ାଳନ୍ତୁ । ଜେଏନ୍‌ୟୁ ପକ୍ଷରୁ ମଧ୍ୟ ଶୁକ୍ରବାର ସକାଳେ ସମାନ ମାର୍ଗଦର୍ଶିକା ଜାରି କରାଯାଇ ଛାତ୍ରମାନଙ୍କୁ ଏଥିରୁ ଦୂରେଇ ରହିବାକୁ କୁହାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଜେଏନ୍‌ୟୁର ସମସ୍ତ ଛାତ୍ରଙ୍କର ବ୍ୟକ୍ତିଗତ ସୁରକ୍ଷା ହେଉଛି ଆମର ପ୍ରାଥମିକତା । ସୁପ୍ରିମ୍‌କୋର୍ଟ ସାଧାରଣରେ ବିକ୍ଷୋଭ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆମେ ଅନୁରୋଧ କରୁଛୁ ଯେ ଯନ୍ତର ମନ୍ତରକୁ ଯିବା ଓ ସେଠାରେ ହେଉଥିବା ଧାରଣାରେ ଅଂଶଗ୍ରହଣ କରନ୍ତୁ ନାହିଁ । ଏହାଛଡା ସୋସିଆଲ ମିଡ଼ିଆରେ ପ୍ରତିବାଦର ପୋଷ୍ଟ ନ କରିବା ପାଇଁ ଚେତାବନୀ ଦିଆଯାଇଛି । ଏହାକୁ ଉଲ୍ଲଂଘନ କଲେ ଆଇନ୍ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏଭଳି ମାର୍ଗଦର୍ଶିକାକୁ ନେଇ ଚଳଚ୍ଚିତ୍ର ନିର୍ମାତା ପୂଜା ଭଟ୍ଟ ଉଲ୍ଲେଖ କରିଛନ୍ତି ଯେ ଛାତ୍ରଙ୍କ ସ୍ୱରକୁ ଚାପି ଦେବାପାଇଁ ଉଦ୍ୟମ ହେଉଛି । କଂଗ୍ରେସ ସାଂସଦ ଦୀପେନ୍ଦର ହୁଡା ମଧ୍ୟ ଏହାକୁ ନେଇ ସମାଲୋଚନା କରିଛନ୍ତି । ଏହା ଏକ ବଡ ଷଡ଼ଯନ୍ତ୍ର ବୋଲି ସେ ଉଲ୍ଲେଖ କରିଛନ୍ତି । ଆଇଆଇଟି ରୁକି ପକ୍ଷରୁ ମଧ୍ୟ ଛାତ୍ର, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ନ ଦେବାପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି ।


**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ**

ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ (ଓଡ଼ିଶା)
ଫୋନ-୦୬୭୪-୨୧୦୬୫୩୯୦, GSTN : 21AAAAO0096K2ZQ
E-mail : oschcutkalika@gmail.com Website : www.utkalikaodisha.com

ଚିଠି ନଂ- ୨୨୫୪ ତାରିଖ : ୨୪.୦୭.୨୦୨୬

31001/58/2627

**ବିଜ୍ଞାପନ**

ଏତଦ୍ୱାରା ରାଜ୍ୟର ସମସ୍ତ ହସ୍ତଶିଳ୍ପ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ.ଆଇ.ଟି.), ରାଉରକେଲା ଠାରେ ତା. ୨୧.୦୮.୨୦୨୬ ରୁ ୩୦.୦୮.୨୦୨୬ ପର୍ଯ୍ୟନ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଏବଂ ବାରାଣସୀ, ଉତ୍ତର ପ୍ରଦେଶ ଠାରେ ତା. ୨୨.୦୮.୨୦୨୬ ରୁ ତା. ୨୪.୦୮.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପରବ ପ୍ରଦର୍ଶନୀ ଆୟୋଜନ କରାଯାଉଅଛି ।

ଏହି ପ୍ରଦର୍ଶନୀରେ ଉତ୍କଳିକା ତରଫରୁ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରୀଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-Card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ ତା.୦୭.୦୮.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ । ଆବେଦନ ପତ୍ର ଉତ୍କଳିକା ଅଫିସିଆଲ ୱେବସାଇଟ୍ (www.utkalikaodisha.in) ରେ ଉପଲବ୍ଧ କରାଗଲା ।

OIPR : 31001/31041/1/26-27/0018 — ସ୍ୱା/- ସାଧାରଣ ପରିଚାଳକ



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1264/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୫୬ **ବିଜ୍ଞାପନ** ତା : ୧୪.୦୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ଡିଙ୍କୁ ତାଙ୍କର ଉତ୍ତରାଧିକାରୀ ବର୍ଣ୍ଣାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟକ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ପିତା- ସ୍ୱର୍ଗତ ପ୍ରାଣନାଥ ମହାନ୍ତି, ସା–ହେରା ଗୋହିରି ସାହି, ପୋ–ପୁରୀ, ଥାନା– କୁମାରପଡ଼ା, ଜିଲ୍ଲା–ପୁରୀ | ଏମ୍‌ଆଇଜି–୨୬ (MIG-26) ଧର୍ମଶଗୁଳ, କେନ୍ଦୁଝର ଗୃହ ନିର୍ମାଣ ପ୍ରକଳ୍ପ | ୧. ମିନତୀ ମହାନ୍ତି (ବିଧବା ସ୍ତ୍ରୀ), ୨. ପୁନମ ପଟ୍ଟନାୟକ (ବି.କନ୍ୟା), ୩. ପ୍ରତୀକ୍ଷା ପଟ୍ଟନାୟକ (ବି.କନ୍ୟା), ୪. ପ୍ରାଜମ୍ ମହାନ୍ତି (ବି.ପୁତ୍ର) |

OIPR : 13001/13030/1/26-27/0159 — ସ୍ୱା/- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISON MOHANA**

25001/808/2627 E-mail : rwdmohana@gmail.com

NATIONAL COMPETITIVE BIDDING THROUGH e-Procurement
Identification No. Online Tender 07/MOHANA/2026-27

1. Name of the work : Building works
2. Total No. Work : 21 (Twenty One) Nos.
3. Estimated Cost : 2.54 to 6.78 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 07/MOHANA/ 2026-27 | 21 (Twenty One) Nos. | 07.08.2026 from 11.00 A.M. | 17.08.2026 upto 5.00 P.M. | 14.08.2026 upto 5.00 P.M. | 18.08.2026 at 11.00 A.M. |

Further details can be seen from the Website www.tenderodisha.gov.in

OIPR : 25001/25148/1/26-27/0010 — Executive Engineer, R.W. Division, Mohana



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳଖଣ୍ଡ, ଭୁବନେଶ୍ୱର**
ପ୍ଲଟ ସଂଖ୍ୟା-୧୨୧୪ (ଅଂଶ), ତପୋବନ,, ଖଣ୍ଡଗିରି, ଭୁବନେଶ୍ୱର-୩୦

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.**
Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

25001/802/2627

**SHORT QUOTATION CALL NOTICE No. 10 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites quotations for fixation of rates in sealed covers for Supply & installation of Display Hoardings at District headquarters and Block headquarters as stated below from eligible bidders.

| | | |
|---|---|---|
| 1 | Nature of work | Supply & installation of Display Hoardings at District headquarters and Block headquarters as stated below from eligible bidders. |
| 2 | No. of Items : | 3 (Three) |
| 3 | The quotation document will be available in O/o the Superintending Engineer, RWS&S Division, Bhubaneswar | Up to dt.29.07.2026 till 3.00 PM |
| 4 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | 29.07.2026 up to 4.00 P.M |
| 5 | Date & time of opening of Quotation : | Dt. 29.07.2026 at 4.30 PM in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall display in the Office Notice Board.

OIPR : 25001/25003/1/26-27/0011 — Sd/- Superintending Engineer, RWS&S Division, Bhubaneswar



**OFFICE OF SUPERINTENDING ENGINEER , MINOR IRRIGATION DIVISION, JAJPUR**
Letter No. 1124 /Date.23.07.2026

32001/595/2627

**Bid Identification No. on line SEMIDJAJ-03/2026-27**
eemijajpur@gmail.com

The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Improvement to Check Dams under M.I. Division Jajpur |
| No. of Works: | 15 (fifteen) Only |
| Estimated Cost: | Varies from 6.39 lakh to 12.59 lakh (Approximately) |
| Cost of Tender Paper: | Varies from 4000/- to 6000/- |
| Period of Completion: | 03 (three) Calendar months |
| Availability of bid documents for sale and receipt through on-line | From dt.30.07.2026, 10.00 A.M, to dt.06.08.2026, up to 5.00 P.M. . |
| Last date / time of receipt of bids in the portal | 06.08.2026 (5.00PM) |
| Date of bid opening through online | On dt.07.08.2026 at 11.00 A.M in the Office of the S.E, M.I. Division, Jajpur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Jajpur. At- Bhabaniganj P.O/ District-Jajpur. Pin No.755001, Email ID:eemijajpur@gmail.com |
| Further details can be seen from the e-Procurement. http://tendersorissa.gov.in | |

OIPR : 32001/32280/1/26-27/0003 — Sd/- Superintending Engineer, M.I. Division, Jajpur



**AFFIDAVIT**

By virtue of an affidavit sworn before Notary Executive Magistrate, Bhubaneswar, CF NO-147, Dated-10-04-2026, I, **LIZA KIRSANI**, Address At-Nuaguda, Po-Mundiguda, Boipariguda, Dist-Malkangiri, Odisha, Pin-764043, declare that I have change my name from "DAHANA KIRSANI" to "**LIZA KIRSANI**". Henceforth, I shall be known as "**LIZA KIRSANI**" for all purposes.

**LIZA KIRSANI**



**ପୂର୍ବ ତଟ ରେଳପଥ**

1. ଟେଣ୍ଡର ସଂ.eT-M-CD-BBS-OBHS-2026
କାର୍ଯ୍ୟର ନାମ : ତିନିବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋର ଭୁବନେଶ୍ୱର ଆଧାରିତ ଟ୍ରେନ୍‌ଗୁଡ଼ିକରେ ଅନ୍ ବୋର୍ଡ ହାଉସ୍ କିପିଙ୍ଗ୍ ସେବା ଏବଂ ଲାଇନେନ୍ ବିତରଣ ।
ବିଜ୍ଞାପିତ ମୂଲ୍ୟ : ₹66,64,99,339.55, EMD: ₹34,82,500.00, ଟେଣ୍ଡର କାଗଜପତ୍ର ମୂଲ୍ୟ: ₹29,500.00, ଶେଷ ହେବା ଅବଧି: 36 ମାସ ।

2. ଟେଣ୍ଡର ସଂ.eT-M-CD-BBS-MCC-2026
କାର୍ଯ୍ୟର ନାମ : ଦୁଇବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋଠାରେ ମେକାନାଇଜ୍‌ଡ୍ କୋଚ୍ କ୍ଲିନିଂ କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ : ₹17,20,33,232.15, EMD: ₹10,10,200.00, ଟେଣ୍ଡର କାଗଜପତ୍ର ମୂଲ୍ୟ: ₹11,800.00, ଶେଷ ହେବା ଅବଧି: 24 ମାସ ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 27.07.2026 (କ୍ରମ ସଂ. 1 ଓ 2 ପାଇଁ)
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 10.08.2026, 15.30 ଘଟିକା । (କ୍ରମ ସଂ. 1 ଓ 2 ପାଇଁ)
ବିଡରମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ । ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫରକୁ ଅଣଦେଖା କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

PR-318/R/26-27 — କୋଚିଙ୍ଗ୍ ଡିପୋ ଅଫିସର/ ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBSDnD-072026-PSS, ତା.21.07.2026ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସଙ୍କେତ ଏବଂ ଦୂରସଂଚାର/ପ୍ରକଳ୍ପ ୟୁନିଟ୍‌ର ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅନୁମୋଦନ ନିମନ୍ତେ ସିଗ୍‌ନାଲିଙ୍ଗ୍ ଡ୍ରଇଙ୍ଗ ପ୍ରସ୍ତୁତ କରିବା ଓ ଯାଞ୍ଚ କରିବା ଏବଂ ପୁରୁଣା ଅବସ୍ଥା ଡ୍ରଇଙ୍ଗଗୁଡ଼ିକୁ ପୁନର୍ବାର ଡିଜାଇନ କରି ପ୍ରକଳ୍ପ ପର୍ଯ୍ୟବେକ୍ଷଣ ସେବା (PSS) ପ୍ରଦାନ କରିବା ନିମନ୍ତେ ପ୍ରାଧିକରଣ ଯନ୍ତ୍ରୀ (Authority Engineer)ଙ୍କ ନିଯୁକ୍ତି ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) ।"
ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 1,40,88,971.76, EMD (ଟଙ୍କାରେ): 2,81,800/-, ଶେଷ ହେବା ଅବଧି : 12 ମାସ ।
ପ୍ରି-ବିଡ୍ କନଫରେନ୍ସ ତାରିଖ ଓ ସମୟ: ତା.03.08.2026ରିଖ 1600 ଘଟିକା, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.08.2026ରିଖ 1500 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଥିବା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁଣା ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

PR-150/CJ/26-27 — କରିଷ୍ଠ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/PnD-II/ ଭୁବନେଶ୍ୱର



**AFFIDAVIT**

By Virtue of an affidavit sworn before The Executive Magistrate Binjharpur on dtd.7th July 2026 I Arun Kumar Mallik, Vill - Bitana ,PO - Barikul, P.S - Alkunda, Dist - Jajpur. Pin - 755014 declare that I have changed the name of my daughter from Subhi Malik to Aysuriya Mallik.Henceforth she shall be known as Aysuriya Mallik for all purpose.

Sd/- Arun Kumar Mallik.



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥ , ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ଆଇଟମ ସହାଣେ ସୂଚିତ ତାରିଖର ଅପରାହ୍ନ ୩ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ଅପରାହ୍ନ ୩ଘଟିକାରେ ଖୋଲାଯିବ । କ୍ର.ନଂ.୧, ଟେଣ୍ଡର ନଂ: ଇ-କେଜିପିଡବ୍ଲ୍ୟୁ-ଟେକ୍-୦୯-୨୦୨୬, କାର୍ଯ୍ୟର ବିବରଣୀ: ଏଡିଇଏନ/ଡବ୍ଲ୍ୟୁଏସସି/କେଜିପି ଅଧୀନରେ ରୋଲିଂ ଷ୍ଟକ୍ ରକ୍ଷଣାବେକ୍ଷଣ ପାଇଁ ଖଡ଼ଗପୁର ୱାର୍କସପ୍‌ର ଉତ୍ପାଦନ ଦୋକାନଗୁଡ଼ିକର ଭିତ୍ତିଭୂମି ସୁବିଧାର ବୃଦ୍ଧି ଏବଂ ଉନ୍ନତିକରଣ, ଟେଣ୍ଡର ମୂଲ୍ୟ:ଟ ୭,୦୨,୨୬,୧୨୮.୧୨ , ଅଗ୍ରୀମ ଅର୍ଥ : ଟ୧୪,୧୩,୫୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଟ୦.୦୦, ଖୋଲିବାର ତାରିଖ: ୧୦/୦୮/୨୦୨୬, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ବିଡ୍ ଆରମ୍ଭ ତାରିଖ: କ୍ର.ନଂ ୧ ତାରିଖ ୨୭.୦୭.୨୦୨୬ ରୁ ଏବଂ ୧୦.୦୮.୨୦୨୬ ତାରିଖ ଅପରାହ୍ନ ୧୫:୦୦ ଘଟିକା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-519)



**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

13001/1290/2627 No. 9931 Dated. 22.07.26

**Bid Identification No.MC/RMC/56/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid identification No. MC/RMC/56/2026 for 02 nos. Electrical work with value of Rs. 22.29 lakh to 28.21 Lakh.

1. Bid documents will be available in website www.tendersorissa.gov.in from 23.07.2026.
2. Bids must be submitted on "online" on or before 10.08.2026 by 17.00 hours.
3. Bids shall be opened at **11.00 hours** on / / **11.08.2026** in the office of the undersigned in the presence of the bidders or their authorized agents.
4. Other details will be available in the web site **tendersorissa.gov.in**.

Sd/- Municipal Commissioner,
OIPR : 13001/13131/1/26-27/0042 Rourkela Municipal Corporation



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

13001/173/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ ନଂ-13-1E/139 ଟିକୁ ଶ୍ରୀ ରାଜେଶ କୁମାର ନାୟର, ଭି.ଜି, ପିତା-ସ୍ୱର୍ଗତ ଭି.ଜି. ନାୟର, ସା-ଐଶ୍ୱର୍ଯ୍ୟା, କୋଳପୁରମ୍, ପୋ- କୋଳପୁରମ୍, ଥା-ଏରୁମାପେଟି, ଜିଲ୍ଲା-ତ୍ରିଚୁର, କେରଳଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ରାଜେଶ କୁମାର ନାୟର ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ବିଜୟଲକ୍ଷ୍ମୀ ବାରିକ, ସ୍ୱାମୀ- ଶ୍ରୀ ଅଭିଷେକ ବାରିକ, ସା-ମଲ୍ଲାସାହି, ପୋ-ମଙ୍ଗଳାବାଗ, ଥା-କଟକ ସଦର, ଜିଲ୍ଲା-କଟକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR : 13001/13037/1/26-27/0010 — ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)



**OFFICE OF THE DEAN & PRINCIPAL** 10001/403/2627
**VEER SURENDRA SAI INSTITUTE OF MEDICAL SCIENCES & RESEARCH, BURLA,**
DIST: SAMBALPUR (ODISHA) PIN-768017
Email: vssmcburlaorissa@gmail.com | Website: www.vimsar.ac.in
No.6569/Indent/Dean/VIMSAR, Burla Dated :23.07.2026

**TENDER CALL NOTICE**

Sealed tenders are invited in two-bid system (Technical & Financial) from reputed Manufacturers/Authorized Dealers/Registered Firms under GST Act with valid authorization certificate for FY 2026-27 for supply, installation, and commissioning of Portable Ultrasound with Colour Doppler System (1 No.) for the National Emergency Life Support (NELS) Skill Centre, VIMSAR, Burla.

The estimated cost of the tender is Rs. 20,00,0007/- (Rupees Twenty Lakh only). Tenders shall be received up to 5:30 PM on 24.08.2026 exclusively through Registered or Speed Post. Any late submission of tenders will be summarily rejected. The Technical Bid shall be opened at 11:30 AM on 25.08.2026 in the Conference Hall of the Office of the Dean & Principal, VIMSAR, Burla. The cost of the tender paper is fixed at Rs. 5,000/- (non-refundable), payable by Demand Draft in favour of the Dean & Principal, VIMSAR, Burla. Each tender must be accompanied by an Earnest Money Deposit (EMD) of Rs. 1,00,000/- (Rupees One Lakh only), being 5% of the estimated cost, in the form of FDR, NSC, or Bank Draft pledged to the Dean & Principal, VIMSAR, Burla. The Earnest Money Deposit shall be refunded to all unsuccessful bidders after finalization of the tender. The EMD of the successful bidder shall be retained until submission of the required Security Deposit, failing which the EMD shall be forfeited. The successful bidder shall furnish a Security Deposit equivalent to 10% of the value of the purchase order, to be submitted before supply, in favour of the Dean & Principal, VIMSAR, Burla. The rate contract shall remain valid for one year from the date of approval. The envelope containing the tender must be superscribed as: "Tender for Portable Ultrasound with Colour Doppler System for NELS Skill Centre, VIMSAR, Burla."

The detail terms and conditions along with the list of items and their technical specifications can be downloaded from Dist. website http://www.sambalpur.odisha.gov.in and from the Institute website http://www.vimsar.ac.in (vide Annexure-I to Annexure-V)

The undersigned reserves the right to accept/reject any or all tenders without assigning reasons.

Sd/- Dean & Principal
OIPR : 10001/10012/1/26-27/0003 VSS Institute of Medical Sciences & Research, Burla


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ଟିପିଡବ୍ଲୁଓଡିଏଲ୍‌ର ରୁଫଟପ୍ ସୋଲାର ଅଭିଯାନ

# ପ୍ରତିବର୍ଷ ୧.୩୨ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ସହାୟକ ହେବ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍), ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ୩୮,୬୩୮ଟି ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ଦ୍ୱାରା ୧୧୧.୪୨ ମେଗାୱାଟ୍ ସୌର ଶକ୍ତି କ୍ଷମତା ମାଧ୍ୟମରେ ବାର୍ଷିକ ପ୍ରାୟ ୧.୩୨ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାରେ ସହାୟକ ହେଉଅଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଏବଂ କମ୍ପାନୀର ଗ୍ରାହକ କୈନ୍ଦ୍ରିକ 'ଉଲା ମଡେଲ' ଅଧୀନରେ ହାସଲ କରାଯାଇଥିବା ଏହି ମାଇଲଖୁଣ୍ଟ, ସୌରଶକ୍ତିକୁ ଗ୍ରାହକମାନଙ୍କ ପାଇଁ ଅଧିକ ସୁଲଭ କରିବା ସହିତ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ମୋଟ୍ ସ୍ଥାପନା ମଧ୍ୟରେ, ଘରୋଇ ଗ୍ରାହକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ୩୮,୦୨୫ଟି ସୋଲାର ପ୍ୟାନେଲ୍ ସ୍ଥାପନ ହୋଇଥିବା



ବେଳେ ୬୧୩ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟ ସୌରଶକ୍ତି ଗ୍ରହଣ ଦିଗରେ ଅଗ୍ରଣୀ ରହିଛନ୍ତି, ଯାହା କ୍ରମାଗତ ସ୍ଥାପିତ କ୍ଷମତାକୁ ୧୧୧.୪୨ ମେଗାୱାଟ୍ କ୍ଷମତାରେ ପହଞ୍ଚାଇ ପାରିଛି । କେବଳ ଗତ ମାସରେ, ଅତିରିକ୍ତ ୧୧.୯୨୨ ମେଗାୱାଟ୍ ସୌରଶକ୍ତି କ୍ଷମତା ଯୋଡାଯାଇଛି, ଯାହା ସମଗ୍ର ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ଗ୍ରହଣର ବର୍ଦ୍ଧିତ ଗତିକୁ ପ୍ରତିଫଳିତ କରୁଅଛି ।

ଏହି ସଫଳତା ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ଏହି ସଂଖ୍ୟା ସବୁଜ ରୁଫଟପ୍ ସୋଲାର ପ୍ରତି ଉପଭୋକ୍ତାଙ୍କ ବଢୁଥିବା ଆଦର ଏବଂ ସଚେତନତାକୁ ପ୍ରତିଫଳିତ କରୁଅଛି । ପରିବେଶ ସୁରକ୍ଷା ସହିତ ଏହି ରୁଫଟପ୍ ସୋଲାର ଅଭିଯାନ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଆର୍ଥିକ ଲାଭ ମଧ୍ୟ ସୁନିଶ୍ଚିତ କରୁଅଛି । ଜୁନ୍ ୨୦୨୬ ମାସରେ ଟିପିଡବ୍ଲୁଓଡିଏଲ୍‌ର କାର୍ଯ୍ୟକ୍ଷେତ୍ରର ୧୦,୧୧୨ଟି ପରିବାର ଶୂନ୍ୟ-ୟୁନିଟ୍ ବିଦ୍ୟୁତ୍ ବିଲ୍ ରେକର୍ଡ କରିଛନ୍ତି, ଯାହା ରୁଫଟପ୍ ସୋଲାର ମାଧ୍ୟମରେ ବିଦ୍ୟୁତ୍ ଖର୍ଚ୍ଚରେ ହେଉଥିବା ସଞ୍ଚୟକୁ ସ୍ପଷ୍ଟ କରୁଅଛି । ତେବେ ଏହି ରୁଫଟପ୍ ସୋଲାର ଅଭିଯାନ କେବଳ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ସୀମିତ ନୁହେଁ । ଏହି ସୋଲାର ସିଷ୍ଟମ୍ ମାଧ୍ୟମରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ଫଳରେ ପ୍ରତିବର୍ଷ ପ୍ରାୟ ୧.୩୦ ଲକ୍ଷ ଟନ୍ କୋଇଲା ବ୍ୟବହାରରେ ହ୍ରାସ ଘଟୁଅଛି । ଏହାର ପରିବେଶଗତ ପ୍ରଭାବ, ପ୍ରତିବର୍ଷ ପ୍ରାୟ ୬୦ ଲକ୍ଷ ପରିପକ୍ୱ ବୃକ୍ଷରୋପଣ ସହ ସମାନ, ଯାହା ଜଳବାୟୁ ପରିବର୍ତ୍ତନ ମୁକାବିଲା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ।

## ଚିଲକୁ ଜୀବନ ଦେଲେ ଯୁବକ

ବାରଙ୍ଗ ,(ସବ୍ୟୁ): ଆଜିକାଲି ମଣିଷ ମଣିଷକୁ ସାହାଯ୍ୟ କରିବାକୁ ପଛାଉଥିବା ବେଳେ ନନ୍ଦନକାନନ ଅଞ୍ଚଳର ଜଣେ ଯୁବକ ମାନବିକତାର ପରିଚୟ ଦେଇଛନ୍ତି ।ନନ୍ଦନକାନନ ପଦାଶାହି ଗ୍ରାମ ରାସ୍ତା କଡରେ ଏକ ଚିଲ ଅସୁସ୍ଥ ଅବସ୍ଥାରେ ପଡି ଛଟପଟ ହେଉଥିଲା । ଉଡିପାରୁ ନଥିଲା । ଅନେକ ଲୋକ ଦେଖି ଚାଲିଯାଉଥିଲେ । ଏହି ସମୟରେ ନନ୍ଦନକାନନ ଥାନା କଳାଝାରି ଗ୍ରାମର ବିଘ୍ନେଶ୍ୱର ମହାନ୍ତି ଦେବଦୂତ ସାଜିଥିଲେ । ଚିଲଟିର ଅବସ୍ଥା ଦେଖି ସେ ଅଣଦେଖା କରିନଥିଲେ । ନିଜ ଜୀବନକୁ ଖାତିର ନ କରି ସେ ଚିଲଟିକୁ ହାତରେ ଧରି ସିଧା ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ନେଇ ଯାଇଥିଲେ ।ସେଠାରେ ପ୍ରାଣୀ ଚିକିତ୍ସକ ଚିଲଟିର ପ୍ରାଥମିକ ଚିକିତ୍ସା କରିଥିଲେ । ପରେ କର୍ତ୍ତୃପକ୍ଷଙ୍କ ପରାମର୍ଶ ଅନୁଯାୟୀ ଯୁବକ ଜଣକ ଚିଲଟିକୁ ନିଜ ପାଖରେ ରଖି ସେବା କରୁଛନ୍ତି ଏବଂ ସୁସ୍ଥ ହେବା ପରେ ଖୋଲା ଆକାଶରେ ଛାଡ଼ିଦେବେ ବୋଲି କହିଛନ୍ତି ।ଯୁବକଙ୍କ ଏଭଳି ମହତ କାର୍ଯ୍ୟକୁ ଏବେ ସବୁଠି ପ୍ରଶଂସା କରାଯାଉଛି । ବନ୍ୟଜନ୍ତୁ ପ୍ରତି ଆମର ଦାୟିତ୍ୱ ରହିଛି ଏବଂ ସେହି ଦାୟିତ୍ୱ ଏହି ଯୁବକ ନିଭାଇଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି ଆର୍ମି ୱିଙ୍ଗ୍ କ୍ୟାଡେଟଙ୍କ ରାଙ୍କ୍ ସେରିମନି

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଏନସିସି ଆର୍ମି ୱିଙ୍ଗ୍ ପକ୍ଷରୁ କ୍ୟାଡେଟମାନଙ୍କ ନିଷ୍ଠା, ଅନୁଶାସନ ଓ ନେତୃତ୍ୱ କ୍ଷମତାକୁ ସମ୍ମାନ ଦେବାକୁ ଯାଇ ରାଙ୍କ୍ ସେରିମନି ଆୟୋଜିତ ହୋଇଯାଇଛି । ଏଥିରେ ଦିବ୍ୟପ୍ରକାଶ ମହାନ୍ତଙ୍କୁ ସିନିୟର ଅଣ୍ଡର ଅଫିସର (ଓସୟୁଓ), ମାନସ କୁମାର ବେହେରାଙ୍କୁ ଜୁନିୟର ଅଣ୍ଡର ଅଫିସର (ଜେୟୁଓ), ପାର୍ଥ ଶର୍ମାଙ୍କୁ କର୍ପୋରାଲ୍ ତଥା ଆର୍ଯ୍ୟନ ଡାଭେ ଏବଂ ପ୍ରତୀକ୍ଷା ପୁରୋହିତଙ୍କୁ ଲାନ୍ସ କର୍ପୋରାଲ୍ ପଦକୁ ପଦୋନ୍ନତ କରାଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରୋ. (ଡ.) ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ଡ. ଜୟପ୍ରକାଶ ଭଟ୍ଟଙ୍କ ସମେତ ସିଟିଓ ଡ. ନେହା ପ୍ରମୁଖ



ଉପସ୍ଥିତ ଥିଲେ । ସେମାନେ ନୂତନ ଭାବରେ ପଦୋନ୍ନତ କ୍ୟାଡେଟ୍ ମାନଙ୍କୁ ଶୁଭେଚ୍ଛା ଜଣାଇବା ସାଙ୍ଗକୁ ଏନସିସିର ମୂଳ ମନ୍ତ୍ର- ଅନୁଶାସନ, ନେତୃତ୍ୱ ଏବଂ ସେବାକୁ ନିଜ ଜୀବନରେ ଅନୁପାଳନ କରିବାକୁ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷ ଆଦେଶ ଗୋୟଲ ସମସ୍ତ ନବପଦସ୍ଥ କ୍ୟାଡେଟ୍ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଜିଲ୍ଲାର ଦୁଗ୍ଧ ସମବାୟ ସମିତିକୁ "ମାଇକ୍ରୋ ଏଟିଏମ୍ " ପ୍ରଦାନ

କଟକ,(ସବ୍ୟୁ): କଟକ ଉପ ନିବନ୍ଧକ ସମବାୟ ସମିତି ସମୂହ ଓ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ "ସମବାୟ ମଧ୍ୟରେ ସମନ୍ୱୟ" କାର୍ଯ୍ୟକ୍ରମ ଅଧୀନରେ ଦୁଗ୍ଧ ସମବାୟ ସମିତିକୁ "ମାଇକ୍ରୋ ଏଟିଏମ" ଓ ଦୁଗ୍ଧ ସମବାୟ ସମିତି ସଭ୍ୟମାନଙ୍କର ନୂତନ ବ୍ୟାଙ୍କ ଖାତା ଖୋଲିବା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସଭାପତିତ୍ୱ କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ,ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ପ୍ରସାଦ ଦାସ, ଉପ ନିବନ୍ଧକ ସମବାୟ ସମିତି ସମୂହ ସୁଶ୍ରୀ ସୁପ୍ରିୟା ସ୍ୱାଇଁ, ପ୍ରାଣୀ ସମ୍ପଦ ଅତିରିକ୍ତ ନିର୍ଦ୍ଦେଶକ ଗିରିଧାରୀ ଭୋଇ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ନାୟକ, ଓମଫେଡ ଉପ ପରିଚାଳକ ବିଶ୍ୱରଞ୍ଜନ ତ୍ରିପାଠୀ , ବାଙ୍କୀ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ ଓ ବାଙ୍କୀ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସଭାରେ ୩୫ ଗୋଟି ଦୁଗ୍ଧ ସମବାୟ ସମିତି କୁ "ମାଇକ୍ରୋ ଏଟିଏମ" ବଣ୍ଟନ କରାଯାଇଥିଲା । ଏହା ଦ୍ୱାରା ଦୁଗ୍ଧ ଚାଷୀମାନେ ନିଜ ସମିତିରେ ଆର୍ଥିକ କାରବାର କରିବାର ସୁବିଧା ପାଇ ପାରିବେ । ଏହି ଅବସରରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ନୂତନ ଜମା ଖାତା, ଖୋଲିବା ପାଇଁ ୧୬୦ ଜଣ ଦୁଗ୍ଧ ଚାଷୀ, ସେମାନଙ୍କ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ । ସଭାରେ ୩୦୦ ରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଏସିସ ଫର୍ଟିଲିଟି ପକ୍ଷରୁ ଭୁବନେଶ୍ୱରରେ ଜନନୀ ଡାଏଲଗ୍‌ସ'

ଭୁବନେଶ୍ୱର, (ସବ୍ୟୁ): ଓଏସିସ ଫର୍ଟିଲିଟି ପକ୍ଷରୁ ପ୍ରଜନନ ସୁସ୍ଥତା, ନିବାରଣ ସଚେତନତା ଓ ସୂଚନା ଆଧାରିତ ପରିବାର ଗଠନ ଉପରେ ଏକ ଜନସ୍ୱାର୍ଥ ମଂଚ ଜନନୀ ଡାଏଲଗ୍‌ସ'ର ଭୁବନେଶ୍ୱର ସଂସ୍କରଣ ଆୟୋଜିତ ହୋଇଯାଇଛି । ଦି ପାରେଂଟହୁଡ୍ ଆୟୋଜିତ ମୁଖ୍ୟ ଆଲୋଚନା ଭୁବନେଶ୍ୱର ଓ ଅନ୍ୟାନ୍ୟ କେତେକ ସହରକୁ ସୀଧାସଳଖ ପ୍ରସାରିତ ହୋଇଥିଲା ଯାହା ଏହାକୁ ଗୋଟିଏ କୋଠରି ମଧ୍ୟରେ ସୀମିତ ନ ରଖି ସାରା ଦେଶର ଶ୍ରୋତାମାନଙ୍କ ପାଇଁ ଏକ ଏକକ ଜାତୀୟ ପ୍ୟାନେଲରେ ପରିଣତ କରିଥିଲା । ଏହା ଚିନ୍ତାଜନକ




ପାରାଡକ୍ସ: ବିଲ୍ଡିଂ ଏ ଫ୍ୟାମିଲି ଫ୍ରେଣ୍ଡଲି ଇଣ୍ଡିଆ' ବିଷୟବସ୍ତୁ ଉପରେ ଆଧାରିତ ଏହି ମଂଚ ଭାରତୀୟଙ୍କ ମନରେ କ୍ରମାଗତ ଭାବେ ଉଠୁଥିବା ଏକ ପ୍ରଶ୍ନ "ଏକ ପରିବାର-ଅନୁକୂଳ ଭାରତ ଗଠନ ପାଇଁ କଣ ଆବଶ୍ୟକ 'ର ଅନୁଧ୍ୟାନ କରିବା ପାଇଁ ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା ପେସାଦାର, ପରାମର୍ଶଦାତା ଚିକିତ୍ସକ ଓ ସମୁଦାୟର ଭାଗିଦାରମାନଙ୍କୁ ଏକାଠି କରିଥିଲା । ହାଇଦ୍ରାବାଦରେ ଯେ ଦେଶର ମୋଟ ପ୍ରଜନନ ହାର ଇତିମଧ୍ୟରେ ପ୍ରତିସ୍ଥାପନ ସ୍ତରଠାରୁ କମିଯାଇଛି । ବକ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ଏହି ଜନସଂଖ୍ୟାଗତ ପରିବର୍ତ୍ତନ ବିଳମ୍ବିତ ବିବାହ ତୁଳନାରେ ଦମ୍ପତିମାନେ ଶିକ୍ଷା, କ୍ୟାରିୟର, ଆର୍ଥିକ ସୁରକ୍ଷା ଓବ୍ୟକ୍ତିଗତ ଆକାଂକ୍ଷାକୁ ପ୍ରାଥମିକତା ଦେଇ ସଚେତନ ଭାବେ ପିତାମାତା ହେବାକୁ ବିଳମ୍ବ କରିବା ଦ୍ୱାରା ଅଧିକ ପରିଚାଳିତ ହେଉଛି । ଜୀବନଶୈଳୀ ବଦଳିବା ସହିତ ପ୍ରଜନନ ଜୈବ ବିଜ୍ଞାନ ତାହାର ନିଜସ୍ୱ ସମୟସୀମା ଅନୁସରଣ କରୁଛି ଯାହା ପ୍ରଜନନ ସଚେତନତା ଓ ନିବାରଣ ସ୍ୱାସ୍ଥ୍ୟସେବାକୁ ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିପାରୁଛି ଏବଂ ପ୍ରଜନନ ସମସ୍ୟା ଆଡ଼କୁ ନେଉଥିବା ଅନେକ କାରକକୁ ପ୍ରତିରୋଧ କରାଯାଇପାରିବ ।

ଓଏସିସ ଫର୍ଟିଲିଟିର ଆଂଚଳିକ ମେଡିକାଲ ମୁଖ୍ୟ ଡଃ ପ୍ରଶାନ୍ତ କୁମାର ନାୟକ କହିଛନ୍ତି ଯେ, "ପାରେଂଟ୍‌ହୁଡ୍ ପାରାଡକ୍ସ ଦର୍ଶାଉଛି ଯେ ପ୍ରାରମ୍ଭିକ ପ୍ରଜନନ ସଚେତନତା ଓ ସୂଚିତ ପ୍ରଜନନ ପସନ୍ଦ କେତେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସେହି ସମୟରେ ଅଧିକ ଦମ୍ପତି ଯେଭଳି ଗୁଣାତ୍ମକ ଯତ୍ନ ପାଇପାରିବେ ତାହା ସୁନିଶ୍ଚିତ କରିବାର ଅର୍ଥ ହେଉଛି ବିଶେଷଜ୍ଞ ପ୍ରଶିକ୍ଷଣ ଓ କ୍ଲିନିକାଲ ଶ୍ରେଷ୍ଠତାରେ କ୍ରମାଗତ ଭାବରେ ନିବେଶ କରିବା । ଓଏସିସ ଏକାଡେମୀ ଭଳି ପଦକ୍ଷେପ ମାଧ୍ୟମରେ ଆମେ ଏହି ଅଂଚଳର ପରିବାରଗୁଡ଼ିକ ପାଇଁ ଉତମ ପ୍ରଜନନ ସ୍ୱାସ୍ଥ୍ୟ ଫଳାଫଳକୁ ସହାୟତା କରିବା ସହିତ ସ୍ୱାସ୍ଥ୍ୟସେବା କ୍ଷମତାକୁ ସୁଦୃଢ଼ କରିବାକୁ ଆଶା କରୁଛୁ ।"

## କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘର ପୂର୍ବତନ ସଭାପତି ବିଶ୍ୱନାଥ କ୍ୟାଲ ଙ୍କ ଦେହାନ୍ତ

କଟକ, (ସବ୍ୟୁ):କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘର ପୂର୍ବତନ ସଭାପତି ବିଶ୍ୱନାଥ କ୍ୟାଲଙ୍କର ଦେହାନ୍ତ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥଲା । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ କ୍ୟାଲ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ ।୧୯୪୨ ମସିହା ଫେବ୍ରୁଆରୀ ୨୦ ମସିହାରେ ଜନ୍ମିତ ବିଶ୍ୱନାଥ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପ୍ରଭୁଦୟାଲ କ୍ୟାଲଙ୍କର ସେ ଜ୍ୟେଷ୍ଠ ପୁତ୍ର ଥିଲେ । ସେ ପୁରାତନ ଔଷଧ ବ୍ୟବସାୟୀ ଥିବା ସହ କଟକ ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘ ର ସଭାପତି ଭାବରେ ଦୀର୍ଘ ୧୩ ବର୍ଷ କାଳ ଦାୟିତ୍ୱରେ ଥିଲେ । ମୃତ୍ୟୁ



ଶଯ୍ୟା ନିକଟରେ ନିଜର ଜ୍ଞାନ୍ତି କୁଟୁମ୍ବ ସହ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ । ଅନ୍ୟତମ ଔଷଧ ବ୍ୟବସାୟୀ ତାଙ୍କର କନିଷ୍ଠ ଭ୍ରାତା ରାଜକିଶୋର କ୍ୟାଲ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କର ମର ଶରୀରର ଶେଷକୃତ୍ୟ କଟକ ଖାନନଗର ଠାରେ କରା ଯାଇଥିଲା । ତାଙ୍କର ସୁପୁତ୍ର ଅରୁଣ କ୍ୟାଲ ମୁଖାଗ୍ନି ଦେଇଥିଲେ ।

## ମାଉସୀ ମା ମନ୍ଦିରରେ ଲୀଳା ଶେଷକରି ବାହୁଡ଼ିଲେ ଦଧିବାମନ

ଜଟଣୀ, (ସବ୍ୟୁ): ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ଅବସ୍ଥାପିତ ଥିବା ମହାପ୍ରଭୁ ଶ୍ରୀ ଦଧିବାମନ ଦେବଙ୍କ ବାହୁଡା ରଥଯାତ୍ରା ବେଶ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ମାଉସୀ ମା ମନ୍ଦିରର ଜନ୍ମ ବେଦୀରେ ଆଡପଲୀଳା ଶେଷ କରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ବାହୁଡ଼ିଛନ୍ତି ପ୍ରଭୁ ଶ୍ରୀ ଦଧିବାମନ । ଠାକୁର ରାଜା ରମାକାନ୍ତ ଦାସ ଛେରା ପହଁରା କାର୍ଯ୍ୟ ସାରିବା ପରେ ପଣ୍ଡିତ ସ୍ୱର୍ଗତ ବୈରାଗୀ ଶତପଥୀଙ୍କ ଘରୁ ଯାଇଥିବା ଭୋଗ ଲାଗି ହେବାପରେ ଅପରାହ୍ନ ପାଞ୍ଚଟାରେ ରଥଟଣା ଆରମ୍ଭ ହୋଇ ବାଟରେ ରଥ ଅଟକି ଦଧିବାମନଙ୍କ ବଡ଼ ମାଉସୀ ଘର ନିରଞ୍ଜନ ମହାପାତ୍ରଙ୍କ ଘରୁ ଆସିଥିବା ପୋଡପିଠା ପ୍ରଭୁ ଖାଇବା ପରେ ରଥ ଗଡ଼ିଥିଲା । ୧୯୮୧ ମସିହାରେ କୁଦିଆରୀ ଗ୍ରାମବାସୀଙ୍କ ସହଯୋଗରେ ବ୍ରାହ୍ମଣ ସମିତି ନାମରେ ଏକ କମିଟି ଗଠନ କରାଯାଇ ରଥଯାତ୍ରା ଆରମ୍ଭ କରାଯାଇଥିଲା । ଗ୍ରାମବାସୀ ମାନଙ୍କ ସହଯୋଗରେ ଏହି ଯାତ୍ରା ଦୀର୍ଘ ବର୍ଷରୁ ଚାଲିଆସୁଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜଟଣୀ ଥାନା ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ପ୍ରଭୁଙ୍କର ଏହି ଯାତ୍ରା ଦେଖିବା ପାଇଁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

### ଅରୁନ୍ଧତୀ ଫାଉଣ୍ଡେସନ ପକ୍ଷରୁ ପବିତ୍ର ବାହୁଡ଼ା ଯାତ୍ରାରେ

## ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଶାଳ 'ଅନ୍ନପ୍ରସାଦ ସେବା'

ଭୁବନେଶ୍ୱର (ସବ୍ୟୁ): ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଅରୁନ୍ଧତୀ ଫାଉଣ୍ଡେସନ୍ ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଏକ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏଥିରେ ଅରୁନ୍ଧତୀର ୨୦୦ ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ




ବିଶାଳ ଅନ୍ନପ୍ରସାଦ ସେବା' ସୁଚାରୁରୂପେ ଅନୁଷ୍ଠିତ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିତରେ ତିରିଶି ହଜାରରୁ ଉର୍ଦ୍ଧ ଲୋକଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ସହ ଅନ୍ନପ୍ରସାଦ ବିତରଣ କରାଯାଇଥିଲା । ଏହି ମହତ ସେବା କାର୍ଯ୍ୟକ୍ରମ ଅରୁନ୍ଧତୀ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା କରି ସାମୂହିକ ଭାବେ ଏହି ଅନ୍ନପ୍ରସାଦ ବିତରଣ କାର୍ଯ୍ୟକ୍ରମରେ ସୁପରିଚାଳନା କରିବା ସହ ପୁରୀ ବଡ଼ଦାଣ୍ଡକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ସଫେଇ କାର୍ଯ୍ୟ ମଧ୍ୟ ଅତ୍ୟକୁ ନିଷ୍ଠାର ସହ ସମ୍ପାଦନ କରିଥିଲେ । ଅରୁନ୍ଧତୀ ଫାଉଣ୍ଡେସନ ତରଫରୁ ଲୋକଙ୍କ ନିମନ୍ତେ ବିଶାଳ ଅନ୍ନପ୍ରସାଦ ବିତରଣ ସହିତ ବଡଦାଣ୍ଡ ସଫେଇ କାର୍ଯ୍ୟର ମହାନ ପରିକଳ୍ପନା ଓ ସୁଚାରୁରୂପେ ପରିଚାଳନାକୁ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି ପରିପ୍ରେକ୍ଷୀରେ ନିଜର ଆନ୍ତରିକ ଖୁସି ଓ କୃତାଜ୍ଞତା ବ୍ୟକ୍ତି କରି ବ୍ରହ୍ମାନନ୍ଦ ମେହେର କହିଛନ୍ତି: "ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଗଣିତ ଭକ୍ତମାନଙ୍କ ସେବା କରିବାର ସୁଯୋଗ ମିଳିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ । ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ଫାଉଣ୍ଡେସନ ସମାଜସେବା କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିବା ସହ ସମାଜ ପ୍ରତି ଏହି ନିଷ୍ଠାପର ପ୍ରତିବଦ୍ଧତାକୁ ଅବ୍ୟାହତ ରଖିବ । " ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାରେ ପ୍ରଶାସନ ସମେତ ସମସ୍ତ ସ୍ୱେଚ୍ଛାସେବୀଙ୍କ ସହଯୋଗ ପାଇଁ ଅରୁନ୍ଧତୀ ଫାଉଣ୍ଡେସନ୍ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ବିଦ୍ୟା ରତନ ଶର୍ମା ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଭାବରେ ପୁନଃନିଯୁକ୍ତ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ଶିଳ୍ପପତି ନବୀନ ଜିନ୍ଦଲଙ୍କ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ (ପୂର୍ବରୁ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର ଲିମିଟେଡ୍ ଭାବରେ ପରିଚିତ) ୨୪ ତାରିଖରେ ଅନୁଷ୍ଠିତ ଏହାର ବୋର୍ଡ ଅଫ୍ ଡ଼ାଇରେକ୍ଟର୍ ବୈଠକ ପରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଘୋଷଣା କରିଛି । ବୋର୍ଡ କମ୍ପାନୀର ଅତିରିକ୍ତ ନିର୍ଦ୍ଦେଶକ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଦୁଇ ବର୍ଷ ପାଇଁ ବିଦ୍ୟା ରତନ ଶର୍ମାଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଛି, ଯାହା ୨୪ ରୁ କାର୍ଯ୍ୟକାରୀ ହେବ । ଶ୍ରୀ ଶର୍ମା, ଜଣେ ପ୍ରତିଷ୍ଠିତ ଶିଳ୍ପ ଟେକ୍ନୋକ୍ରାଟ୍ ଯିଏ ପୂର୍ବରୁ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ପରିଚାଳନା ନିର୍ଦ୍ଦେଶକ ଏବଂ ୨୦୧୦ ରୁ ୨୦୧୪ ପର୍ଯ୍ୟନ୍ତ ଡେପୁଟି ଏମଡି ଏବଂ ସିଇଓ ଭାବରେ କାର୍ଯ୍ୟ କରିଥିଲେ । ଇସ୍ପାତ, ଶକ୍ତି ଏବଂ ଖଣି କ୍ଷେତ୍ରରେ ଚାରି ଦଶନ୍ଧିର ଅଭିଜ୍ଞତା ଥିବା ଶ୍ରୀ ଶର୍ମାଙ୍କୁ ଜିନ୍ଦଲ ଷ୍ଟିଲ୍ ର ପରବର୍ତ୍ତୀ ଅଭିବୃଦ୍ଧି ପର୍ଯ୍ୟାୟର ନେତୃତ୍ୱ ନେବା ପାଇଁ ନିଯୁକ୍ତ କରାଯାଇଛି । ସନ୍ଦୀପ ମୋଦିଙ୍କୁ ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଏବଂ ପ୍ରମୁଖ ପରିଚାଳନାଗତ କର୍ମଚାରୀ ଭାବରେ ନିଯୁକ୍ତ କରାଯାଇଛି । ଏହି ନିଯୁକ୍ତି ପରେ, ଅନ୍ତରୀଣ ସିଏଫ୍‌ଓ ଭାବରେ କାର୍ଯ୍ୟ କରୁଥିବା ସୁନୀଲ ଅଗ୍ରୱାଲ ଏବେ ଏହି ଭୂମିକାରୁ ଇସ୍ତଫା ଦେଇଛନ୍ତି । ସେ ଅର୍ଥ ବିଭାଗ ମଧ୍ୟରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ରାଜୀବ କୁମାରଙ୍କୁ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଭାବରେ ନିଯୁକ୍ତ କରାଯାଇଛି । ସୁଖଜିତ୍ ଏସ୍. ପସରିଚାଙ୍କୁ ମାନବ ସମ୍ବଳ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି । ଏସ.ଏସ. କୋଠାରୀ ମେହେଟ୍ଟା ଏଣ୍ଡ କୋ ଏଲଏଲପିଙ୍କୁ ଆଗାମୀ ୪୭ତମ ବାର୍ଷିକ ସାଧାରଣ ବୈଠକର ସମାପ୍ତି ଠାରୁ ୫୨ତମ ବାର୍ଷିକ ସାଧାରଣ ବୈଠକ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ବୈଧାନିକ ଅଡିଟର ଭାବରେ ସୁପାରିସ କରାଯାଇଛି, ଯାହା ସେୟାରହୋଲ୍ଡରଙ୍କ ଅନୁମୋଦନ ଉପରେ ନିର୍ଭର କରେ ।




ଦିଲ୍ଲୀ ଠାରେ ଓଡିଶାର ପ୍ରତିଷ୍ଠିତ ମଡେଲ ଇତିଶ୍ରୀ ରଥ ଏସିଆ ଲିଡରସିପ୍ ଟ୍ରଫି ଚଳଚିତ୍ର ନାୟିକା ଭାଗ୍ୟଶ୍ରୀଙ୍କ ଠାରୁ ଗ୍ରହଣ କରୁଛନ୍ତି ।

## ବାହୁଡ଼ିଲେ ପ୍ରଭୁ ଅନନ୍ତପୁରୁଷୋତ୍ତମ

ଖୋର୍ଦ୍ଧା, (ସବ୍ୟୁ): ନମସ୍ତେ ପ୍ରଭୁ ଜଗନ୍ନାଥ । ଜଗତଜନଙ୍କବାନ୍ଧବ ଭକତ ଜନଙ୍କବିଶ୍ୱାସ ସକଳ ହୃଦୟେ ଅଛ ବ୍ୟାପି ହେ.... ଚକାନୟନ ଏଭଳି ଆଧ୍ୟାତ୍ମିକ ସଂଗୀତ ଏବଂ ସଂକିର୍ତନର ତାଳେ ତାଳେ ଜାଗୁଳାଇପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ପ୍ରଭୁ ଶ୍ରୀ ଅନନ୍ତପୁରୁଷୋତମ ଦେବଙ୍କର ଗୋଟି ପହଁଡ଼ି ଅପରାହ୍ନ ୩ଟା ରେ ଅନୁଷ୍ଠିତ ହୋଇଥିଲା । ଘଂଟ ନାଦ, ହରିବୋଲ ଓ ହୁଳହୁଳି ସମେତ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିବାବେଳେ ପ୍ରଭୁଙ୍କର ଚତୁର୍ଦ୍ଧା ମୁରତୀ ମାଉସୀ ମାଙ୍କଘରୁ ଗୁଣ୍ଡିଚା ମନ୍ଦିରକୁ ଆଜି ବାହୁଡ଼ିଛନ୍ତି । ପାଗ ଭଲ ହେଉଥିବାରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଙ୍କମନରେ ମହାପ୍ରଭୁଙ୍କ ରଥ ଟାଣିବା ନେଇ ଉତ୍କଣ୍ଠା ଦେଖାଯାଇଥିଲା । ପ୍ରଥମେ ସୁଦର୍ଶନ ପରେ ବଳଭଦ୍ର, ଶୁଭଦ୍ରା ଏବଂ ଶେଷରେ ପ୍ରଭୁ ଜଗନ୍ନାଥ ରଥାରୁଢ଼ ହୋଇଥିବାବେଳେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଛେରାପହଁରା କରିଥିଲେ । ଏହାପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣିନେଇଥିଲେ ଗୁଣ୍ଡିଚା ମନ୍ଦର ନିକଟକୁ । ସନ୍ଧ୍ୟା ପ୍ରାୟ ୬ଟାବେଳେ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିବାବେଳେ ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ପରିଚାଳନା କମିଟି ତରଫରୁ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ସେହିପରି ଗଡଖୋର୍ଦ୍ଧା, ଦଧିମାଛଗାଡ଼ିଆସ୍ଥିତ ଦାରୁକ୍ଷେତ୍ର ପ୍ରମୁଖ ସ୍ଥାନ ମାନଙ୍କରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

### ରଥଯାତ୍ରା ଉତ୍ସବ ସମୟରେ ଯାତ୍ରୀ ସୁରକ୍ଷା ଓ ନିରାପତ୍ତା ବୃଦ୍ଧି ପାଇଁ

## ପୁରୀ ରେଳ ଷ୍ଟେସନରେ ଏଆଇ ସଞ୍ଚାଳିତ "ଡିଏସ୍‌ସି ଅର୍ଜୁନ" ମୁତୟନ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, (ସବ୍ୟୁ): ସୁରକ୍ଷିତ, ନିରାପଦ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ ଚାଲୁରହିଥିବା ରଥଯାତ୍ରା ଉତ୍ସବ ସମୟରେ ପୁରୀ ରେଳଷ୍ଟେସନରେ ଏହାର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)-ସଞ୍ଚାଳିତ ରୋବୋଟିକ୍ ସୁରକ୍ଷା ପ୍ଲାଟଫର୍ମ "ଡିଏସ୍‌ସି ଅର୍ଜୁନ" ମୁତୟନ କରିଛି । ବାହୁଡ଼ା ଯାତ୍ରା, ଏହା ପରେ ପବିତ୍ର ସୁନାବେଶ ଓ ଅଧରପଣା ନୀତି ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ଭିଡ଼ ପୁରୀ ରେଳଷ୍ଟେସନରେ ଦେଖିବାକୁ ମିଳୁଛି । ଏହି ଅତ୍ୟାଧିକ ଭିଡ଼ ସମୟରେ ଯାତ୍ରୀ ସୁରକ୍ଷା, ଷ୍ଟେସନ ନିରାପତ୍ତା ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ, ଷ୍ଟେସନ ପରିସର ଉପରେ ନଜର ରଖିବା ଏବଂ ତୀର୍ଥଯାତ୍ରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବାରେ ରେଳ ସୁରକ୍ଷା ବଳ କର୍ମଚାରୀଙ୍କୁ ସହାୟତା କରିବା ପାଇଁ "ଡିଏସ୍‌ସି ଅର୍ଜୁନ" କୁ ମୁତୟନ କରାଯାଇଛି ।

ଏହି ଏଆଇ-ସଞ୍ଚାଳିତ ରୋବୋର୍ଟ ରେଳ ପ୍ଲାଟଫର୍ମ, ସର୍କୁଲେଟିଂ ଏରିଆ, ୱେଟିଂ ହଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ଚଳାଚଳ ସ୍ଥାନରେ ନିରନ୍ତର ନିରୀକ୍ଷଣ କରିବା ସହିତ ଏହାର ସଂଯୋଜିତ ସାର୍ବଜନୀନ ସୂଚନା ପ୍ରଣାଳୀ (ପବ୍ଲିକ୍ ଆନାଉନ୍ସମେଣ୍ଟ ସିଷ୍ଟମ୍) ମାଧ୍ୟମରେ ଯାତ୍ରୀମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପ୍ରସାରିତ କରୁଛି । ଯାତ୍ରୀମାନଙ୍କୁ ନିରାପଦ ଭାବେ ଟ୍ରେନରେ ଚଢ଼ିବା ଓ ଓହ୍ଲାଇବା, ନିଜ ସାମଗ୍ରୀ ପ୍ରତି ସତର୍କ




ରହିବା, ଅନଧିକାର ପ୍ରବେଶ ଓ ଅସୁରକ୍ଷିତ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, ଶୃଙ୍ଖଳିତ ଯାତାୟାତ ଏବଂ ରେଳ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ମାର୍ଗଦର୍ଶନ କରୁଛି । ଏହି ରିଅଲ୍-ଟାଇମ୍ ଘୋଷଣାଗୁଡ଼ିକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବା ସହ ରେଳ ସୁରକ୍ଷା ବଳକୁ ଏକ ନିରାପଦ ଓ ସୁରକ୍ଷିତ ପରିବେଶ ବଜାୟ ରଖିବାରେ ସହାୟତା କରୁଛି । ଉନ୍ନତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କମ୍ପ୍ୟୁଟର ଭିଜନ୍, ମେସିନ୍ ଲର୍ନିଂ ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ, "ଡିଏସ୍‌ସି ଅର୍ଜୁନ" ରେଳ ସୁରକ୍ଷା ବଳ ପାଇଁ ଏକ ଶକ୍ତି ବର୍ଦ୍ଧକ (ଫୋର୍ସ ମଲ୍ଟିପ୍ଲାୟର) ଭାବରେ କାର୍ଯ୍ୟ କରୁଛି । ଏହାର ଉନ୍ନତ କ୍ଷମତା ଗୁଡିକ ମଧ୍ୟରେ ଏଆଇ-ଆଧାରିତ ଚେହେରା ଚିହ୍ନଟ (ଫେସିଆଲ୍ ରେକଗନିସନ୍), ରିଅଲ୍-ଟାଇମ୍ ଭିଡ଼ ବିଶ୍ଳେଷଣ, ଯାତ୍ରୀ ଗଣନା, ଦାବିଦାର ନଥିବା ଲାଗେଜ୍ ଚିହ୍ନଟ, ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ, ଲାଇଭ୍ ଭିଡିଓ ଷ୍ଟ୍ରିମିଂ, ସାର୍ବଜନୀନ ସୂଚନା ଘୋଷଣା ଏବଂ ତତ୍କ୍ଷଣାତ୍ ସତର୍କ ସୂଚନା ପ୍ରଦାନ ଆଦି ଅନ୍ତର୍ଭୁକ୍ତ ।

## ଲଣ୍ଡନ ହୋଟେଲରୁ ସାଉଦି ରାଜକୁମାରଙ୍କ ମୃତଦେହ ଉଦ୍ଧାର



**ଲଣ୍ଡନ:** ଲଣ୍ଡନର ଏକ ବିଳାସପୂର୍ଣ୍ଣ ହୋଟେଲରେ ମଦ, ଡ୍ରଗ୍ସ ଏବଂ ମାନସିକ ଚାପ ସମସ୍ୟା ପାଇଁ ନିଆଯାଉଥିବା ଔଷଧର ମାତ୍ରାଧିକ ସେବନ ଯୋଗୁଁ ୨୯ ବର୍ଷୀୟ ସାଉଦି ରାଜକୁମାର ଅବଦୁଲ୍ଲା ବିନ୍ ଫିନଙ୍କ ମୃତ୍ୟୁ ଘଟିଛି। ରାଜକୁମାର ଅବଦୁଲ୍ଲା କେନ୍ସିଂଟନସ୍ଥିତ ମ୍ୟାରିଅଟ୍ ହୋଟେଲର ନିଜ ରୁମରେ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ହୋଟେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ପରେ ପାରାମେଡିକ୍ସ ତାଙ୍କୁ ମୃତ ଘୋଷଣା କରିଥିଲେ।ତଦନ୍ତ ଓ ଟକ୍ସିକୋଲୋଜି ରିପୋର୍ଟରୁ ଜଣାପଡ଼ିଛି ଯେ, ତାଙ୍କ ରକ୍ତରେ ଆଲକୋହଲର ମାତ୍ରା ନିର୍ଦ୍ଧାରିତ ଆଇନଗତ ସୀମାଠାରୁ ପ୍ରାୟ ତିନି ଗୁଣ ଅଧିକ ଥିଲା, ଯାହା ମଣିଷକୁ କୋମାକୁ ନେଇଯିବା ପାଇଁ ଯଥେଷ୍ଟ। ଏହାସହ ତାଙ୍କ ଶରୀରରୁ ପ୍ରାଣଘାତୀ ଡ୍ରଗ୍ସ, ଗଞ୍ଜେଇ ଓ ଆଞ୍ଜାଇଟି ପାଇଁ ବ୍ୟବହୃତ ହେଉଥିବା ଜାନାକ୍ସ ଭଳି ଔଷଧର ଅଂଶ ମିଳିଥିଲା। ଏହି ସବୁ ନିଶାଦ୍ରବ୍ୟ ଗୁଡ଼ିକୁ ଏକାସାଙ୍ଗେ ସେବନ ଯୋଗୁଁ ତାଙ୍କର ହୃଦଘାତ ହୋଇଥିବା ଡାକ୍ତରୀ ଦଳ ସ୍ପଷ୍ଟ କରିଛନ୍ତି।

## ହଟିଲେ ଉଚ୍ଚଶିକ୍ଷା ବିଭାଗ ସଚିବ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଶିକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଫିସରଙ୍କୁ ବଦଳି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀଙ୍କୁ ତାଙ୍କ ପଦବୀରୁ ହଟାଯାଇ ତାଙ୍କ ସ୍ଥାନରେ ନରେଶ ପାଲ୍ ଗଙ୍ଗୱାରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଟି.କେ. ଅନିଲ କୁମାରଙ୍କୁ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ନୂତନ ସଚିବ ଭାବରେ ନିଯୁକ୍ତ କରାଯାଇଛି। ମଣିପୁର କ୍ୟାଡରର ୧୯୯୨ ବ୍ୟାଚ୍ ଆଇଏଏସ ଅଫିସର ବିନୀତ ଯୋଶୀଙ୍କୁ ଏବେ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ କ୍ୟାଡରର ୧୯୯୪-ବ୍ୟାଚ୍ ଅଫିସର ଗଙ୍ଗୱାର ପୂର୍ବରୁ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ସମ୍ପଦ ମନ୍ତ୍ରଣାଳୟ ଅଧୀନରେ ଥିବା ପଶୁପାଳନ ଏବଂ ଦୁଗ୍ଧ ସମ୍ପଦ ବିଭାଗର ସଚିବ ଭାବରେ କାର୍ଯ୍ୟ କରୁଥିଲେ।

## ଗଣମାଧ୍ୟମ ରିପୋର୍ଟକୁ ସିଜେଆଇଙ୍କ ଖଣ୍ଡନ

**ନୂଆଦିଲ୍ଲୀ:** ଶୁକ୍ରବାର ଦିନ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ କକ୍ରୋଚ୍ ଜନତା ପାର୍ଟି ପ୍ରତିବାଦ ସହିତ ଜଡ଼ିତ ଆବେଦନର ଶୁଣାଣି କରିବା ସମୟରେ ତାଙ୍କ କୋର୍ଟରୁମ୍ ମନ୍ତବ୍ୟକୁ "ଭୁଲ ଭାବରେ ଉଦ୍ଧୃତ" କରାଯାଇଛି, ସେ ଦୃଢ଼ ଭାବରେ କହିଛନ୍ତି ଯେ ସୁପ୍ରିମକୋର୍ଟ "ପ୍ରତ୍ୟେକ ନ୍ୟାୟ ଆଶାକରୀଙ୍କ ପାଇଁ 24 ଘଣ୍ଟା ଖୋଲା" ରହିଛି ଏବଂ କୌଣସି ସଠିକ୍ ଭାବରେ ଦାଖଲ ହୋଇଥିବା ମାମଲାକୁ କେବେ ବି ଶୁଣିବାକୁ ମନା କରେ ନାହିଁ। ସମ୍ମିଳନୀ ଅବସରରେ ଭାଷଣ ଦେଇ, ସିଜେଆଇ କହିଛନ୍ତି ଯେ ତାଙ୍କ କୋର୍ଟରୁମ୍ ମନ୍ତବ୍ୟକୁ "ଭୁଲ ଭାବରେ ଉଦ୍ଧୃତ" କରାଯାଇଛି।

### କେମିକାଲ ପାର୍କ ପ୍ରତିଷ୍ଠା

# 'ଭବ୍ୟ' ରସାୟନ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଦେଶରେ ତିନୋଟି ସ୍ୱତନ୍ତ୍ର କେମିକାଲ ବା ରାସାୟନିକ ପାର୍କ ପ୍ରତିଷ୍ଠା ପାଇଁ "ଭାରତ ଔଦ୍ୟୋଗିକ ବିକାଶ ଯୋଜନା - ରସାୟନ ବା ଭବ୍ୟ ରସାୟନ" ଯୋଜନାକୁ ଅନୁମୋଦନ କରିଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟରେ ଏହି ଯୋଜନା ଘୋଷଣା କରାଯାଇଥିଲା। ଏହି ଯୋଜନା ପାଇଁ ମୋଟ ୩,୦୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ରାସାୟନିକ ପାର୍କ ଭିତରେ ମୌଳିକ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା କରିବା ପାଇଁ ୩,୦୦୦ କୋଟି ଟଙ୍କା ଏବଂ ପ୍ରଶାସନିକ ଖର୍ଚ୍ଚ ୩୦ କୋଟି ଟଙ୍କା ସାମିଲ ରହିଛି । ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଚାଲିବ । ଉକ୍ତ ଯୋଜନା ଅନୁଯାୟୀ, କେନ୍ଦ୍ର ପ୍ରତି ପାର୍କ ପାଇଁ ୧ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଯୋଗାଇ ଦେବ । ଏହା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସର୍ବନିମ୍ନ ୫୦୦ କୋଟି ଟଙ୍କା ଅବଦାନ ଉପରେ ନିର୍ଭର କରିବ । ଭବ୍ୟ ରସାୟନ ଯୋଜନା ଅର୍ଥବ୍ୟବସ୍ଥାକୁ ନିମ୍ନଲିଖିତ ଲାଭ ଆଣି ଦେବ ବୋଲି ଆଶା କରାଯାଉଛି । ଏହା ଅପଷ୍ଟ୍ରିମ୍, ଡାଉନଷ୍ଟ୍ରିମ୍ ଏବଂ ଆନୁସଙ୍ଗିକ ଶିଳ୍ପ ସମେତ ସମଗ୍ର ମୂଲ୍ୟ ଶୃଙ୍ଖଳରେ ରାସାୟନିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ। ଏଥିସହିତ ସମ୍ବଳର ଦକ୍ଷ ଉପଯୋଗକୁ ପ୍ରୋତ୍ସାହିତ କରିବ ଯାହା ଦ୍ୱାରା ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇବ । ରାସାୟନିକ ଶିଳ୍ପର ଆବଶ୍ୟକତାକୁ ଧ୍ୟାନରେ ରଖି, ସହଭାଗୀ ସାଧାରଣ ଭିତ୍ତିଭୂମି ଓ ମୌଳିକ ସୁବିଧା ମାଧ୍ୟମରେ ଏହା ମୂଲ୍ୟ ପ୍ରତିଯୋଗିତାକୁ ବୃଦ୍ଧି କରିବ ଏବଂ ଭାରତୀୟ ଶିଳ୍ପକୁ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବ । ଏହା ଭାରତୀୟ ରାସାୟନିକ ଶିଳ୍ପକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଭଲ ଭାବରେ ସମନ୍ୱିତ କରିବାରେ ସାହାଯ୍ୟ କରିବ ଯାହା ଫଳରେ ଅଧିକ ରପ୍ତାନିକୁ ପ୍ରୋତ୍ସାହନ ମିଳିବ ଏବଂ ଅଧିକ ଆମଦାନୀର ବିକଳ୍ପ ମିଳିପାରିବ। ଏହା ଏକ ପରିବେଶ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରି ଦୀର୍ଘସ୍ଥାୟୀ ଉପାୟରେ ଭାରତୀୟ ରାସାୟନିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ । ଏହା କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଟ୍ରିଟମେଣ୍ଟ, ଷ୍ଟୋରେଜ୍ ଓ ଡିସପୋଜାଲ ସୁବିଧା ଏବଂ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଭିତ୍ତିଭୂମି ଭଳି କେନ୍ଦ୍ରୀକୃତ ସୁବିଧାକୁ ନେଇ ଗଠିତ ହେବ। ଏହା ପରିବେଶଗତ ନିୟମାବଳୀ ସହିତ ଉତ୍ତମ ଅନୁପାଳନ ସୁନିଶ୍ଚିତ କରିବ, ଯଦ୍ଦ୍ୱାରା ପରିବେଶ ଅନୁକୂଳ ଉପାୟରେ ଶିଳ୍ପର ବିକାଶକୁ ପ୍ରୋତ୍ସାହନ ମିଳିବ । ରାସାୟନିକ କ୍ଷେତ୍ରର ବିକାଶ ଅର୍ଥବ୍ୟବସ୍ଥାର ଡାଉନଷ୍ଟ୍ରିମ୍ କ୍ଷେତ୍ରଗୁଡ଼ିକର ବିକାଶ ବୃଦ୍ଧି ମାଧ୍ୟମରେ ଏକ ବ୍ୟାପକ ପ୍ରଭାବ ପକାଇବ। ଏହାଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ଏବଂ ଅର୍ଥବ୍ୟବସ୍ଥା ବିକାଶ ତ୍ୱରାନ୍ୱିତ ହେବ । ଏହା ମଧ୍ୟ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ।ଏହି କ୍ଷେତ୍ର କୃଷି, ବୟନଶିଳ୍ପ, ଔଷଧ, ନ୍ୟୁଟ୍ରାସ୍ୟୁଟିକାଲ୍ସ, ନିର୍ମାଣ, ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଭଳି ବିଭିନ୍ନ ଡାଉନଷ୍ଟ୍ରିମ ଶିଳ୍ପରେ ବ୍ୟବହୃତ ରାସାୟନିକ ପଦାର୍ଥ ଏବଂ ପେଟ୍ରୋକେମିକାଲ୍ସ ଉତ୍ପାଦନ କରିଥାଏ । ତେଣୁ ଭବ୍ୟ ରସାୟନ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଘରୋଇ ଏବଂ ବିଦେଶୀ ନିବେଶ ଆସିବ । ଏଥିସହିତ ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ଏବଂ ନିଯୁକ୍ତି ସୃଷ୍ଟି ସହ ଏହି କ୍ଷେତ୍ରର ବିକାଶ ସହଜ ହେବ। ଏହା ଦ୍ୱାରା ରାସାୟନିକ କ୍ଷେତ୍ରର ବିଶ୍ୱସ୍ତରୀୟ ପ୍ରତିଯୋଗିତା ବୃଦ୍ଧି ପାଇବ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ମିଳିବ। ଉକ୍ତ ଯୋଜନା ଅନୁଯାୟୀ, କେନ୍ଦ୍ର ସରକାର ଚ୍ୟାଲେଞ୍ଜ ରୁଟ୍ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ତିନୋଟି ସମର୍ପିତ ରାସାୟନିକ ପାର୍କର ବିକାଶକୁ ସହଜ କରିବେ । ଏପରି ପ୍ରତ୍ୟେକ ପାର୍କର ସର୍ବନିମ୍ନ ୮ ବର୍ଗ କିଲୋମିଟର (ସର୍ବନିମ୍ନ ୨୦୦୦ ଏକର) ସଂଲଗ୍ନ କ୍ଷେତ୍ରଫଳ ରହିବ।

## ଇସ୍ତଫା ଦେଲେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ



**ନୂଆଦିଲ୍ଲୀ:** ପଞ୍ଜାବ ବିଜେପି ନେତା ରବନୀତ ସିଂହ ବିଟ୍ଟୁ ଶୁକ୍ରବାର କେନ୍ଦ୍ର ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି ବୋଲି ଶୁକ୍ରବାର ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ୨୦୨୪ ମସିହାରୁ କେନ୍ଦ୍ରମନ୍ତ୍ରୀ ପରିଷଦରେ ସାମିଲ ହୋଇଥିବା ବିଟ୍ଟୁ ପଞ୍ଜାବରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂହଙ୍କ ନାତି ରବନୀତ ବିଟ୍ଟୁ ୨୦୨୪ରେ ବିଜେପିରେ ଯୋଗ ଦେଇଥିଲେ। ସେହିବର୍ଷ ସେ ଲୋକସଭା ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ପରେ ରାଜସ୍ଥାନରୁ ରାଜ୍ୟସଭା ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ବିଟ୍ଟୁ ଗୁରୁବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ଚିଠି ଲେଖି ରାଜ୍ୟରେ ବିଳମ୍ବିତ ହେଉଥିବା ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ, ସଠିକ୍ ସମୟରେ ପ୍ରକଳ୍ପ ଶେଷ ହେବା ପଞ୍ଜାବର ଅର୍ଥନୈତିକ ଓ ଶିଳ୍ପ ବିକାଶ ତଥା ଯାତ୍ରୀ ଓ ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ଅନଶନ ଭଙ୍ଗ କଲେ ୱାଙ୍ଗଚୁକ, ସିଜେପିର ବିକ୍ଷୋଭ ଜାରି



**ନୂଆଦିଲ୍ଲୀ:** ଦୀର୍ଘ ୨୬ ଦିନର ଅନଶନ ପରେ ଶେଷରେ ଅନଶନ ଭାଙ୍ଗିଛନ୍ତି ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଶ୍ୱାସନ ମିଳିବା ପରେ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲରେ ସେ ଅନଶନ ଭଙ୍ଗ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜେ. ପି. ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ସେ ପାନୀୟ ଗ୍ରହଣ କରି ଉପବାସ ଭାଙ୍ଗିଛନ୍ତି । ଏହି ସମୟରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ମଧ୍ୟ ଉପସ୍ଥିତ ରହିଥିଲେ ।ଅନଶନ ଭାଙ୍ଗିବା ପରେ ସୋନମ ୱାଙ୍ଗଚୁକ କହିଛନ୍ତି ଯେ, ଦେଶରେ ସମ୍ଭାବ୍ୟ ହିଂସାକୁ ଏଡ଼ାଇବା ଏବଂ ସରକାରଙ୍କ ସହ ଦୀର୍ଘ ଆଲୋଚନା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି । କେଉଁ ସର୍ତ୍ତରେ ସେ ଅନଶନ ଭାଙ୍ଗିଛନ୍ତି, ସେନେଇ ଖୁବଶୀଘ୍ର ବିସ୍ତୃତ ଭିଡିଓ ଜାରି କରିବେ ବୋଲି ମଧ୍ୟ କହିଛନ୍ତି। ସେ ସମର୍ଥକଙ୍କୁ ଶାନ୍ତି ବଜାୟ ରଖିବାକୁ ଓ କୌଣସି ପ୍ରକାର ହିଂସାକୁ ପ୍ରୋତ୍ସାହନ ନଦେବାକୁ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜେ. ପି. ନଡ୍ଡା କହିଛନ୍ତି ଯେ, ଜନ୍ତର-ମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ପ୍ରଦର୍ଶନକାରୀଙ୍କ ବିରୋଧରେ ମାମଲା ରୁଜୁ ନକରିବାକୁ ସରକାର ସକାରାତ୍ମକ ଭାବେ ବିଚାର କରୁଛନ୍ତି । ପେପର ଲିକ୍ ରୋକିବା, ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଏବଂ ପୀଡ଼ିତ ପରିବାରଙ୍କ ପାଇଁ କ୍ଷତିପୂରଣ ପ୍ରସଙ୍ଗରେ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ୱାଙ୍ଗଚୁକଙ୍କ ସୁସ୍ଥତା କାମନା କରିଛନ୍ତି । ଜୁନ୍ ୨୮ ରୁ ଆରମ୍ଭ ହୋଇଥିବା ଏହି ଅନଶନ ସମୟରେ ସୋନମ ୱାଙ୍ଗଚୁକ ପ୍ରାୟ ୧୧ କିଲୋଗ୍ରାମ ଓଜନ ହରାଇଥିଲେ । ତାଙ୍କ ଏହି ଆନ୍ଦୋଳନ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ ପେପର ଲିକ୍ ମାମଲାରେ ଜବାବଦେହିତା ଦାବିକୁ ନେଇ କେନ୍ଦ୍ରିତ ଥିଲା। ୨୬ ଦିନର ଅନଶନ ପରେ ସୋନମ ୱାଙ୍ଗଚୁକଙ୍କ ଏହି ନିଷ୍ପତ୍ତି ଏବେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ପେପର ଲିକ୍ ପ୍ରସଙ୍ଗରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି । ଏପଟେ ଦିଲ୍ଲୀର ଜନ୍ତମନ୍ତରରେ ସିଜେପି ନିଜ ଆନ୍ଦୋଳନ ଜାରି ରଖିଛି। ସିଜେପିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ନିଜ ଦାବିରେ ଅଟଳ ରହିଛନ୍ତି।

## ଚଳନ୍ତା ଟାଟା ସୁମୋ ଉପରେ ଖସି ପଡ଼ିଲା ବିରାଟ ପଥର, ୧୩ ମୃତ

ସିଲଂ: ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଶୁକ୍ରବାର ଏକ ଚଳନ୍ତା ଟାଟା ସୁମୋ ଉପରେ ଏକ ବିରାଟ ପଥର ପଡ଼ିଯିବାରୁ ୧୩ ଜଣଙ୍କର ମୃତ୍ୟୁ ଘଟିଛି ।ଆଦିବାସୀ ଅଧ୍ୟୁଷିତ ପାଙ୍ଗୀ ଉପତ୍ୟକାର କିଲାର-ଉଦୟପୁର ରାସ୍ତାର କାଡୁ ନାଲା ନିକଟରେ ଏହି ଦୁର୍ଘଟଣା ଘଟିଛି। ପଥୁରିଆ ପାହାଡ଼ର ଏକ ବଡ଼ ଅଂଶ ଧସିଯିବା ଫଳରେ ଏହାର ଏକ ବିରାଟ ଅଂଶ ଗାଡ଼ିଟି ଉପରେ ପଡ଼ିଯାଇଥିଲା। ଫଳରେ ଏହା ତା' ତଳେ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଗାଡ଼ିଟି ପୂରା ନଷ୍ଟ ହୋଇଯାଇଥିବା ବେଳେ ସେଥିରେ ବସିଥିବା ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା ।ଭରମୋର-ପାଙ୍ଗୀ ବିଧାୟକ ଡକ୍ଟର ଜନକ ରାଜ ନିଶ୍ଚିତ କରିଛନ୍ତି ଯେ ଟାଟା ସୁମୋରେ ଥିବା ସମସ୍ତ ୧୩ ଜଣ ଯାତ୍ରୀଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି ।ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚୁରମାର୍ ହୋଇଯାଇଥିବା ଗାଡ଼ି ଭିତରୁ ପଥର ଓ ଅବରୋଧ ହଟାଇ ମୃତଦେହଗୁଡ଼ିକୁ ବାହାର କରିଥିଲେ। କିଲାର-ଉଦୟପୁର ରାସ୍ତାଟି ଅତ୍ୟନ୍ତ ଦୁର୍ଗମ, ପାହାଡ଼ିଆ ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଦେଇ ଯାଇଥିବାରୁ ବର୍ଷା ଦିନେ ଏଠାରେ ପଥର ଖସିବାର ଆଶଙ୍କା ଅଧିକ ଥାଏ।



## ତାଳଚେର-ବିମଳାଗଡ଼ ନୂତନ ରେଳପଥ

## ୯୫୦ କୋଟିର ବଜେଟ୍ ବ୍ୟବସ୍ଥା


**ନୂଆଦିଲ୍ଲୀ:** ଓଡ଼ିଶାର ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୧୫୦ କିଲୋମିଟର ଦୀର୍ଘ ତାଳଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୯୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପଟି ୨୦୦୩-୦୪ ରେଳ ବଜେଟରେ ୭୨୭ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳ ସହ ସାମିଲ କରାଯାଇଥିଲା। ବର୍ତ୍ତମାନ ପ୍ରକଳ୍ପର ସର୍ବଶେଷ ବ୍ୟୟ ଅଟକଳ ୩,୩୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ମାର୍ଚ୍ଚ ୨୦୨୬ ସୁଦ୍ଧା ୧,୯୦୧ କୋଟି ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଜମି ଅଧିଗ୍ରହଣରେ ପ୍ରତିରୋଧ ଏବଂ ଆଦାଲତରେ ମାମଲା ଯୋଗୁଁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରଭାବିତ ହୋଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ୮୬୩ ହେକ୍ଟର ଜମି ମଧ୍ୟରୁ ୭୫୬ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଏଥିରେ ୩୪୨ ହେକ୍ଟର ବେସରକାରୀ ଜମି, ୨୬୯ ହେକ୍ଟର ଜଙ୍ଗଲ ଜମି ଏବଂ ୧୪୬ ହେକ୍ଟର ସରକାରୀ ଜମି ସାମିଲ ରହିଛି। ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାଧୀନ ରହିଛି। ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରଣାଳୟ ଅନୁଯାୟୀ, ତାଳଚେର-ଖମାର (୪୮ କିଲୋମିଟର) ରେଳପଥରେ ରେଳ ଚଳାଚଳ ଆରମ୍ଭ ହୋଇସାରିଛି। ଖମାର-ଗୋଲାବନ୍ଧ, ଗୋଲାବନ୍ଧ-ମହୁଲଡିହା ଏବଂ ମହୁଲଡିହା-ବିମଳାଗଡ଼ ଖଣ୍ଡରେ ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଖଣ୍ଡଗୁଡ଼ିକରେ ଛୋଟ ସେତୁ, ରେଳ ଓଭରବ୍ରିଜ୍ (ଆରଓବି) ଏବଂ ରେଳ ଅଣ୍ଡରବ୍ରିଜ୍ (ଆରୟୁବି) ନିର୍ମାଣ କାର୍ଯ୍ୟ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରଗତି କରୁଛି। ମହୁଲଡିହା-ବିମଳାଗଡ଼ ଖଣ୍ଡ ପାଇଁ ବନ ଏବଂ ବନ୍ୟପ୍ରାଣୀ ସମ୍ପର୍କିତ ଆବଶ୍ୟକ ଅନୁମତି ମିଳିସାରିଛି।

## ୩ ରାଜ୍ୟରେ ପ୍ରବଳ ବର୍ଷା, ଆସାମ ବନ୍ୟାରେ ୪୭ ମୃତ, ୪୦ ନିଖୋଜ



**ନୂଆଦିଲ୍ଲୀ:** ଗୁଜରାଟରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳ ପାଣି ପଶି ଜଳମଗ୍ନ ହୋଇ ରହିଥିବାବେଳେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଗତ ୩୬ ଘଣ୍ଟାରେ ଗୁଜରାଟର ଭାଲସାଡ ଜିଲ୍ଲାର ଉମ୍ବରଗାଓଁ ତାଲୁକରେ ୧୨୦୦ ମିମି ବର୍ଷା ରେକର୍ଡ଼ କରାଯାଇଛି। ରାଜ୍ୟରେ ପ୍ରାୟ ୧୨୦୦ ଲୋକ ଫସି ରହିଥିବା ସେମାନଙ୍କୁ ଉଦ୍ଧାର କରାଯାଇଛି। ୨୨,୦୦୦ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଗୁଜରାଟର ୧୦ ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି କରିଛି। ନବସାରୀ ଓ ଭାଲସାଡ ଜିଲ୍ଲା ବର୍ଷା ଯୋଗୁ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ପ୍ରଭାବିତ ଜିଲ୍ଲାରେ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି। ନବସାରୀରେ ବନ୍ୟାରେ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଥିଲା।ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ତଳୁଆ ଅଞ୍ଚଳରେ ପାଣି ପଶି ଯାଇଛି। ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଉଭୟ ରାଜ୍ୟ ପାଇଁ ଆଗାମୀ ଦିନରେ ପ୍ରବଳରୁ ପ୍ରବଳ ବର୍ଷା ନେଇ ଚେତାବନୀ ଦେଇଛନ୍ତି। ଶୁକ୍ରବାର ଅପରାହ୍ଣ ଓ ସନ୍ଧ୍ୟାରେ ଦିଲ୍ଲୀ-ଏନ୍ସିଆର୍, ପଶ୍ଚିମ ଉତ୍ତର ପ୍ରଦେଶ ଓ ହରିୟାଣାର କେତେକ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ-ପୂର୍ବ ରାଜସ୍ଥାନରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଜୁଲାଇ ୨୪ ଓ ୨୫ ତାରିଖରେ ରାଜସ୍ଥାନ ଓ ଗୁଜରାଟର କେତେକ ଅଞ୍ଚଳ ସହିତ ମଧ୍ୟ ମହାରାଷ୍ଟ୍ରରେ ବର୍ଷା ସମ୍ଭାବନା ରହିଛି। ପଶ୍ଚିମ ରେଲୱେ ବର୍ଷା ଯୋଗୁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଜୁଲାଇ ୨୪ରୁ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଲଦାଖ ଓ ଉତ୍ତରାଖଣ୍ଡରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।ଆସାମରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ଗତ ୨୪ ଘଣ୍ଟାରେ ୬ ଜଣଙ୍କ ମୃତ୍ୟୁ ସହିତ ମୋଟ ମୃତ୍ୟୁ ସଂଖ୍ୟା ୪୭ରେ ପହଞ୍ଚିଛି।

# ଭାରତ ଉପରେ ନୂଆ ୧୦% ଶୁଳ୍କ ଲଗାଇଲେ ଟ୍ରମ୍ପ




**ୱାଶିଂଟନ:** ବଳପୂର୍ବକ ଶ୍ରମ ବ୍ୟବହାର କରି ଉତ୍ପାଦ ପ୍ରସ୍ତୁତ କରୁଥିବାରୁ ଭାରତ ଓ ଅନ୍ୟ ୧୬ଟି ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବଳପୂର୍ବକ ଶ୍ରମ ବ୍ୟବହାରକୁ ନେଇ ଆମେରିକା ସରକାର ଗତ ଜୁନରେ ବାଣିଜ୍ୟ ନିୟମର ଧାରା ୩୦୧ ଅଧୀନରେ ଭାରତ ସମେତ ୬୦ଟି ଦେଶ ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ। ଦୋଷ ପ୍ରମାଣ ହେଲେ ଦେଶଗୁଡ଼ିକ ଉପରେ ଅତିରିକ୍ତ ୧୨.୫ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଆମେରିକା ଚେତାବନୀ ଦେଇଥିଲା। କିନ୍ତୁ ଏହି ତଦନ୍ତ ଆରମ୍ଭ ହେବା ପରେ ଭାରତ ସରକାର ନିଜ ବୈଦେଶିକ ବାଣିଜ୍ୟ ନୀତିରେ ସଂଶୋଧନ କରି ବଳପୂର୍ବକ ଶ୍ରମ ବ୍ୟବହାର କରି ତିଆରି କରାଯାଉଥିବା ଉତ୍ପାଦ ଆମଦାନିକୁ ନିଷିଦ୍ଧ କରିଥିଲେ। ସେଥିପାଇଁ ଭାରତ ଉପରେ ୧୨.୫ ପ୍ରତିଶତ ପରିବର୍ତ୍ତେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ନିଜ ନୀତିରେ ସୁଧାର ଆଣିଥିବା ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇବାକୁ ବାଣିଜ୍ୟ ପ୍ରତିନିଧିମାନେ ମୋତେ ପ୍ରସ୍ତାବ ଦେଇଥିଲେ। ଏହି ପଦକ୍ଷେପ ଉକ୍ତ ଦେଶଗୁଡ଼ିକୁ ବଳପୂର୍ବକ ଶ୍ରମ ଉପଯୋଗ କରି ପ୍ରସ୍ତୁତ କରାଯାଇଥିବା ଉତ୍ପାଦ ଆମଦାନିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଉତ୍ସାହିତ କରିବ ବୋଲି ସେ କହିଥିଲେ ।ଆମେରିକା ସରକାର ବିଭିନ୍ନ ଦେଶ ଉପରେ ୧୫୦ ଦିନ ପାଇଁ ଲଗାଇଥିବା ଅତିରିକ୍ତ ଶୁଳ୍କର ଅବଧି ଶୁକ୍ରବାର ଶେଷ ହେଉଥିଲା। ତାହାକୁ ନଜରରେ ରଖି ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିର୍ ନୂଆ ଶୁଳ୍କ ଘୋଷଣା କରିଛନ୍ତି। ବଳପୂର୍ବକ ଶ୍ରମ ଉପଯୋଗ କରି ପ୍ରସ୍ତୁତ କରାଯାଉଥିବା ଉତ୍ପାଦ ଆମଦାନିକୁ ନିଷିଦ୍ଧ କରିବା ପାଇଁ କୌଣସି ଆଇନ ରଖିନଥିବା ଦେଶ ଯଥା ଚୀନ, ବ୍ରିଟେନ ଓ ଜାପାନ ଉପରେ ୧୨.୫ ପ୍ରତିଶତ ହାରରେ ଶୁଳ୍କ ଲଗାଯାଇଛି। ଭାରତ, କାନାଡା, ବାଂଲାଦେଶ ଓ ପାକିସ୍ତାନ ଉପରେ ୧୦ ପ୍ରତିଶତ ଏବଂ ମୋଟ ୪୩ଟି ଦେଶ ଉପରେ ୧୨.୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଶୁଳ୍କ ଲଗାଇବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଗତବର୍ଷ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ନିଷିଦ୍ଧ କରିବା ପରେ ଟ୍ରମ୍ପ ଅନ୍ୟ ଏକ ଆଇନରେ ଥିବା ଗଳାବାଟକୁ ଉପଯୋଗ କରି ଅସ୍ଥାୟୀ ଭାବେ ୧୫୦ ଦିନ ପାଇଁ ୧୦ ପ୍ରତିଶତ ଶୁଳ୍କ ସବୁ ଦେଶ ଉପରେ ଲଗାଇଥିଲେ। ସେହି ଶୁଳ୍କ ଅବଧି ଶେଷ ହେବାର ବହୁ ପୂର୍ବରୁ ଜାଣିଶୁଣି ସେ ବଳପୂର୍ବକ ଶ୍ରମ ଜନିତ ନିୟମ ବାହାନାରେ ଏକ ତଦନ୍ତ ଆରମ୍ଭ କରି ପୁଣି ଥରେ ୧୦-୧୨.୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଫଳରେ ତାଙ୍କ ଦ୍ୱିତୀୟ ପାଳିର ଶୁଳ୍କ ନୀତି ଯେକୌଣସି ପ୍ରକାରରେ ବଜାୟ ରହିପାରିଛି।

# ଆଜି ଦ୍ୱିତୀୟ ଟି-୨୦: ଶୃଙ୍ଖଳା ବିଜୟଲକ୍ଷ୍ୟରେ ଭାରତ




ହରାରେ,୨୪।୭(ଏଜେନ୍ସି): ଭାରତ ଓ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ହରାରେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ଣ ୪.୩୦ରେ ମ୍ୟାଚ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀଙ୍କ ଭୈରବ ଇନିଂସ ଯୋଗୁଁ ଭାରତ ବିଜୟୀ ହୋଇ ୧-୦ରେ ଆଗୁଆ ରହିଛି। ତେଣୁ ଦ୍ୱିତୀୟ ମ୍ୟାଚରେ ଦଳ ଜିତି ଆଗୁଆ ଶୃଙ୍ଖଳା କବଜା କରିବା ଲକ୍ଷ୍ୟରେ ରହିଛି।

ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ବିଜୟସ୍ୱାଦ ଚାଖିଥିଲା। ଏହି ଉପଲବ୍ଧି ପରେ ଶ୍ରେୟାସ ବୋଲରଙ୍କ ପ୍ରଶଂସା କରିଥିଲେ। ପ୍ରଥମ ମ୍ୟାଚରେ ପ୍ରଭାବଶାଳୀ ତାଙ୍କ ଦଳକୁ ଶୃଙ୍ଖଳାର ଅବଶିଷ୍ଟ ମ୍ୟାଚ ଗୁଡିକ ପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ଦେବେ। ପ୍ରଥମେ ବୋଲିଂ କରି ଭାରତ ଜିମ୍ବାୱେକୁ ୧୨୫/୭ ରନରେ ସୀମିତ ରଖିଥିଲା। ପରେ ୪୦ ବଲ ବାକିଥାଇ ୭ ୱିକେଟରେ ଭାରତ ସହଜବିଜୟ ହାସଲ କରିଥିଲା।

ଆୟର ଏହି ଜମାଣିଆ ପ୍ରଦର୍ଶନକୁ ଦଳଗତ ସଫଳତା ବୋଲି କହିଛନ୍ତି। ବ୍ୟାଟିଂ ସମ୍ପୂର୍ଣ୍ଣ ସହଜ ନଥିଲା। କିନ୍ତୁ ଭାରତୀୟ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଆମର ପ୍ରଥମ ବିଜୟରେ ମଧ୍ୟ ଖୁସି ଅଛି। ମୟଙ୍କ ଯେଉଁ ଆରମ୍ଭ ଦେଇଥିଲେ ତାହା ପ୍ରଶଂସନୀୟ ଥିଲା। ଶ୍ରେୟାସ ତାଙ୍କ ଅଧିନାୟକତ୍ୱରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ହାରିଛନ୍ତି। ଏବେ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ଜିତି ଆତ୍ମବିଶ୍ୱାସ ବଢ଼ାଇବା ଲକ୍ଷ୍ୟରେ ଅଛି ଭାରତ। ହରାରେ କ୍ରିକେଟ ଗ୍ରାଉଣ୍ଡରେ ପ୍ରଥମ ମ୍ୟାଚ ଖେଳାଯାଇଥିଲା। ପରବର୍ତ୍ତୀ ଦୁଇଟି ମ୍ୟାଚ ମଧ୍ୟ ସମାନ ଭେନ୍ୟୁରେ ଖେଳାଯିବ। ଏହାର ଉଚିତ ଫାଇଦା ନେବା ପାଇଁ ଆୟର ପ୍ରସ୍ତୁତ ଅଛନ୍ତି।

ଏତଦ ବ୍ୟତୀତ ପ୍ରଥମ ମ୍ୟାଚରେ ୧୮ ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟର ଖୁବ ପ୍ରଶଂସା କରିଥିଲେ। ପରିସ୍ଥିତି ସହ ପରିଚିତ ହେବା ଯୁବ ଖେଳାଳିଙ୍କୁ ଲାଭ ଦେବ। ବୈଭବ ଜିମ୍ବାୱେ ଭଳି ପରିବେଶରେ ନିଜକୁ ଖାପ ଖୁଇଆ ଦେଇଛନ୍ତି। ସେ ୧୯ ବର୍ଷରୁ ବିଶ୍ୱକପ ଫାଇନାଲରେ ୧୭୫ ରନ କରିଥିଲେ। ତେଣୁ ଏଠାକାର ପରିସ୍ଥିତିକୁ ଜାଣନ୍ତି। ୧୫ ବର୍ଷୀୟ ବ୍ୟାଟର ସୂର୍ଯ୍ୟବଂଶୀ ଅର୍ଦ୍ଧଶତକ ହାସଲ କରିଥିବା ବିଶ୍ୱର ସର୍ବକନିଷ୍ଠ ଖେଳାଳି ହୋଇଥିଲେ। ହରାରେ ପିଚ ଭଲ ଥିଲା। ଭାରତରେ ଖେଳିବା ଭଳି ଏଠାରେ ଅନୁଭବ ହୋଇଥିଲା। ଏହା ଆୟରଙ୍କ ପ୍ରଥମ ଜିମ୍ବାୱେ ଗସ୍ତ। ବାଉନ୍ସ ଏବଂ ସିମ ଗତି ବ୍ୟାଟରଙ୍କୁ ସହାୟକ ହୋଇଛି। ପ୍ରିନ୍ସ ଯାଦବ ଭଲ ବୋଲିଂ କରି ଦୁଇ ୱିକେଟ୍ ନେଇଥିଲେ। ତାଙ୍କ ବୋଲିଂ ସମସ୍ତଙ୍କୁ ପ୍ରଭାବିତ କରିଛି। କଷ୍ଟକର ପରିସ୍ଥିତି ସତ୍ତ୍ୱେ ବୋଲରମାନେ ଯୋଜନାରେ ଅଟଳ ରହିଥିଲେ। ମୁଁ ମୋ ବ୍ୟକ୍ତିଗତ ପ୍ରଦର୍ଶନରେ ସନ୍ତୁଷ୍ଟ ଥିବା ଆୟର କହିଛନ୍ତି।

## ବିଶ୍ୱନାଥନ ଆନନ୍ଦ ଫିଡେ ଅନ୍ତରୀଣ ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ପୂର୍ବତନ ବିଶ୍ୱ ଚେସ ଚାମ୍ପିଅନ ବିଶ୍ୱନାଥନ ଆନନ୍ଦ ବିଶ୍ୱ ନିୟାମକ ସଂସ୍ଥା (ଫିଡେ)ର ଅନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ୟୁରୋପୀୟ ୟୁନିଆନ ଦ୍ୱାରା ବର୍ତ୍ତମାନର ଅଧ୍ୟକ୍ଷ ଆର୍କାଡି ଲୋକୋଭିଚଙ୍କ ଉପରେ କଟକଣା ଲଗାଯିବା ପରେ ସେ ନିଜ ପଦରୁ ଓହରି ଯାଇଥିଲେ। ଫିଡେ ଇତିହାସରେ ପ୍ରଥମଥର ପାଇଁ ଜଣେ ଭାରତୀୟ ସର୍ବୋଚ୍ଚ ବିଶ୍ୱ ଚେସ ସଂସ୍ଥାର ଅନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫିଡେ ସମ୍ବିଧାନ ଅନୁଯାୟୀ ଅଧ୍ୟକ୍ଷ ଆର୍କାଡି ଡୋକୋଭିଚ ଦାୟିତ୍ୱରୁ ଓହରିଯିବା ପରେ ମୁଁ ଅନ୍ତରୀଣ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛି ବୋଲି ଆନନ୍ଦ କହିଛନ୍ତି। ଫିଡେର ସ୍ଥାୟିତ୍ୱ ଓ ନେତୃତ୍ୱ ପାଇଁ ମୁଁ ଆର୍କାଡିଙ୍କୁ ଧନ୍ୟବାଦ ଦେଉଛି। ଆମର ମୂଳ ଲକ୍ଷ୍ୟ ହେଉଛି ଗ୍ଲୋବାଲ ଚେସ ପରିବାର ସେବା କରିବା ଏବଂ କାର୍ଯ୍ୟଧାରାକୁ ଆଗକୁ ନେବା ବୋଲି ଆନନ୍ଦ କହିଛନ୍ତି। ଆର୍କାଡି କହିଛନ୍ତି ଇୟୁ ଏବଂ ସୁଇସ ଆଇନ ଅଧିନରେ ମୋ ଉପରେ ଲଗାଯାଇଥିବା କଟକଣା ହଟାଯିବା ପର୍ଯ୍ୟନ୍ତ ମୁଁ ସ୍ୱଇଚ୍ଛାରେ ଅଧ୍ୟକ୍ଷ ପଦରୁ ଓହରି ଯାଇଛି। ଫିଡେ ସମ୍ବିଧାନ ଅନୁସାରେ ଡେପ୍ୟୁଟି ପ୍ରେସିଡେଣ୍ଟ ବିଶ୍ୱନାଥନ ଆନନ୍ଦ ଏହି ଦାୟିତ୍ୱ ତୁଲାଇବେ। ଏହା ସହ ୟୁରୋପୀୟ ୟୁନିଅନ ଦ୍ୱାରା ତାଙ୍କ ନାମ ପ୍ରତିବନ୍ଧକ ତାଲିକାରେ ସାମିଲ କରାଯିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ବିରୋଧରେ ସେ ଆଇନଗତ ଲଢ଼େଇ ଲଢ଼ିବେ। କୋର୍ଟର ଚୂଡାନ୍ତ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ ସଂସ୍ଥାର ସ୍ୱାଭାବିକ କାର୍ଯ୍ୟପନ୍ଥାରେ ସେ କୌଣସି ବାଧା ସୃଷ୍ଟି ନହୁଏ ତେବେ ସେଥିପାଇଁ ସେ ନିଜ ପଦରୁ ସାମୟିକ ଭାବେ ଓହରି ଯାଇଛନ୍ତି। ଫିଡେ କାଉନସିଲ ତାଙ୍କର ଏହି ନିଷ୍ପତ୍ତିକୁ ଗ୍ରହଣ କରିଛି। ଆଗାମୀ ନିର୍ବାଚନରେ ଡୋକୋଭିଚ ତୃତୀୟଥର ଲାଗି ଅଧ୍ୟକ୍ଷ ପଦ ପାଇଁ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ଏହି କଟକଣା ସମସ୍ୟା ସୃଷ୍ଟି କରିଛି।

## ଆର୍ଜେଣ୍ଟିନା ଡିଫେଣ୍ଡର ଓତାମେଣ୍ଡିଙ୍କ ଅବସର



ନୂଆଦିଲ୍ଲୀ,୨୪।୭(ଏଜେନ୍ସି):ଆର୍ଜେଣ୍ଟିନା ଫୁଟବଲର ତାରକା ଡିଫେଣ୍ଡର ନିକୋଲାସ ଓତାମେଣ୍ଡି ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ୨୦୨୨ ବିଶ୍ୱକପ ଏବଂ ଦୁଇଟି କୋପା ଆମେରିକା ବିଜେତା ଦଳର ଏହି ସଦସ୍ୟଙ୍କ ୧୭ ବର୍ଷର ଅନ୍ତର୍ଜାତୀୟ ଫୁଟବଲ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡିଛି। ୩୮ ବର୍ଷୀୟ ଏହି ସେଣ୍ଟର ବ୍ୟାକ ଖେଳାଳି ଆର୍ଜେଣ୍ଟିନା ପାଇଁ ୧୩୯ ମ୍ୟାଚ ଖେଳିଛନ୍ତି। ଆମେରିକାରେ ଅନୁଷ୍ଠିତ ସ୍ପେନ ବିପକ୍ଷ ଫାଇନାଲରେ ସେ ଆର୍ଜେଣ୍ଟିନା ଦଳର ସଦସ୍ୟ ଥିଲେ। ନିକୋଲାସ ନିକଟରେ ଆର୍ଜେଣ୍ଟିନାର ଫୁଟବଲ କ୍ଲବ ରିଭର ପ୍ଲେଟରେ ଯୋଗଦେଇଛନ୍ତି। ପୂର୍ବରୁ ସେ ବିଭିନ୍ନ ୟୁରୋପୀୟ କ୍ଲବ ପୋର୍ତୋ, ଭାଲେନସିଆ, ମାଞ୍ଚେଷ୍ଟର ସିଟି ଓ ବେନିଫିକା ପାଇଁ ୧୬ ବର୍ଷ ପରି ଖେଳିଥିଲେ। ସେ ଇନଷ୍ଟାଗ୍ରାମର ଏକ ପୋଷ୍ଟରେ ଲେଖିଛନ୍ତି। ଆଜି ମୁଁ ମୋ ଖେଳ ଜୀବନର କଷ୍ଟକର ଲେଖା ଲେଖୁଛି। ମୋର ଶେଷ ମ୍ୟାଚ ବିଶ୍ୱକପ ଫାଇନାଲ ଥିଲା। ତଥାପି ମୁଁ ଗର୍ବର ସହ ବିଶ୍ୱକପ ମଞ୍ଚରୁ ବିଦାୟ ନେଇଛି। କାରଣ ଏହି ଦଳ ଶେଷ ପର୍ଯ୍ୟନ୍ତ ନିଜର ସତ ପ୍ରତିଶତ ଦେଇଥିଲା। କିନ୍ତୁ ଟ୍ରଫି ଆମ ଭାଗ୍ୟରେ ନଥିଲା।

## ରୁଟ ହେବେ ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ



ଲଣ୍ଡନ,୨୪।୭(ଏଜେନ୍ସି): ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ପୁଣିଥରେ ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ହୋଇପାରନ୍ତି। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଖବର ଅନୁସାରେ ଷ୍ଟୋକ୍ସଙ୍କ ବଦଳରେ ସେ ଇଂଲଣ୍ଡର ନେତୃତ୍ୱ ନେବେ। ନ୍ୟୁଜିଲାଣ୍ଡ ଶୃଙ୍ଖଳା ସମୟରେ ଷ୍ଟୋକ୍ସ ଅବସର ଘୋଷଣା କରିଥିଲେ। ଆଗକୁ ପାକିସ୍ତାନ ଦଳ ଇଂଲଣ୍ଡ ଗସ୍ତରେ ଆସିବାର ଅଛି। ଏହି ଶୃଙ୍ଖଳରେ ରୁଟ ପୁନର୍ବାର ଅଧିନାୟକ ଦାୟତ୍ୱ ତୁଲାଇବେ ବୋଲି ଦାବି କରାଯାଉଛି। ସେ ଆସନ୍ତାବର୍ଷ ଆସେସ ଶୃଙ୍ଖଳା ପର୍ଯ୍ୟନ୍ତ ଅଧିନାୟକ ରହିବେ। ହ୍ୟାରୀ ବ୍ରୁକ ଇଂଲଣ୍ଡର ଦିନିକିଆ ଓ ଟି-୨୦ ଅଧିନାୟକ ଅଛନ୍ତି। ଇଂଲଣ୍ଡର ମୁଖ୍ୟ କୋଚ ପଦରୁ ବ୍ରେଣ୍ଡନ ମ୍ୟାକକୁଲନ ହଟିଛନ୍ତି। ତାଙ୍କ ସ୍ଥାନରେ ଖୁବ ଶୀଘ୍ର ନୂଆ କୋଚ ନିଯୁକ୍ତ କରାଯିବ। ଜଷ୍ଟିନ ଲାଙ୍ଗର କୋଚ ହେବେ ବୋଲି ଖବର ପ୍ରକାଶ ପାଇଥିଲା। ରୁଟ ଏବେ ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାର ନିକଟତମ ହୋଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ କରିଥିଲେ। ରୁଟ ୧୬୬ ଟେଷ୍ଟରେ ୧୪,୧୧୪ ରନ୍ କରିବା ସହ ମାତ୍ର ୧୮୦୭ ରନ୍ ଦୂରରେ ରହିଛନ୍ତି। ୨୦୧୨ରେ ରୁଟ ଟେଷ୍ଟ ପଦାର୍ପଣ କରିଥିଲେ।

## ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ




ଭୁବନେଶ୍ୱର,୨୪।୭(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଦ୍ୱିତୀୟ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା (୧୨ ଓ ୧୪ ବର୍ଷରୁ କମ ବାଳକ ଓ ବାଳିକା) ଉଦ୍‌ଘାଟିତ ହୋଇଛି। ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଲବ, ଏଚପିସି, ସ୍ପୋର୍ଟ୍ସ ହଷ୍ଟେଲରୁ ୧୯୨ ଜଣ ବାଳକ ଓ ୧୬୨ ଜଣ ବାଳିକା ତଥା ୭୦ ଜଣ କୋଚ ଓ ମ୍ୟାନେଜର ତଥା ୪୦ ଜଣ ବୈଷୟିକ ଅଧିକାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାର ଉନ୍ନତୀମାନର ଖେଳାଳିଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଦ୍ୱାରା ମନୋନୀତ କରାଯାଇ ଏଚପିସି, ୱେଟଲିଫ୍ଟିଂ ଏବଂ କ୍ରୀଡା ଛାତ୍ରାବାସରେ ରଖି ଉନ୍ନତମାନର ପ୍ରଶିକ୍ଷଣ ଦିଆଯିବ। ଉଦଘାଟନୀ ଭାବେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ସ ସଂଘର ସମ୍ପାଦକ ଅଭିଜିତ ପାଲ, କର୍ଣ୍ଣଲ ସଞ୍ଜୟ ଲାକ୍ରା, ଅଲିମ୍ପିଆନ କେ ରବି କୁମାର, ନାରାୟଣ ସାହୁ, ଗୋପାଳ କୃଷ୍ଣ ଦାସ ଓ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

## ବିଶ୍ୱ କନିଷ୍ଠ ସ୍କ୍ୱାଶ୍: ସେମିରେ ଅନାହତ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଭାରତର ଯୁବ ପ୍ରତିଭା ଅନାହତ ସିଂ ବିଶ୍ୱ କନିଷ୍ଠ ସ୍କ୍ୱାଶର ବ୍ୟକ୍ତିଗତ ବର୍ଗର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ଅନାହତ ୧୧-୭, ୧୧-୫, ୬-୧୧, ୧୧-୯ ଗେମରେ ଇଜିପ୍ଟର ହବିବା ରିଜକଙ୍କୁ ହରାଇଥିଲେ ଏହି ବିଜୟ ସହ ଗତଥରର ବ୍ରୋଞ୍ଜ ପଦକ ବିଜୟିନୀ ଅନାହତ ପ୍ରଥମ ଭାରତୀୟ ଭାବେ ବିଶ୍ୱ ପ୍ରତିଯୋଗିତାର ସେମିଫାଇନାଲରେ କ୍ରମାଗତ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଇଜିପ୍ଟର ବାର୍ବ ସାମେହଙ୍କୁ ଭେଟିବେ।

## ୨୮ରେ ଯାଜପୁର ଜିଲ୍ଲା ଜୁନିୟର ଖୋ ଖୋ ଦଳ ଚୟନ

ବ୍ୟାସନଗର,୨୪।୭(ଜିପ୍ର): ଯାଜପୁର ଜିଲ୍ଲା ଆଥେଲଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ତଣ୍ଡରାସ୍ଥିତ ପ୍ରୟାଶ ବିଦ୍ୟାମନ୍ଦିର ଠାରେ ଚଳିତ ମାସ ୨୮ ତାରିଖରେ ଯାଜପୁର ଜିଲ୍ଲା ଖୋ ଖୋ ଦଳ(ଉଭୟ ବାଳକ ଓ ବାଳିକା) ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଚୟନ ଶିବିରରୁ ଖେଳାଳୀ ଚୟନ କରାଯାଇ ଆସନ୍ତା ମାସରେ ପୁରୀରେ ହେବାକୁ ଥିବା ରାଜ୍ୟ ଖୋ ଖୋ ଚାମ୍ପିଆନସିପ୍‌ରେ ଯାଜପୁର ଜିଲ୍ଲା ଅଂଶ ଗ୍ରହଣ କରିବ। ଏଣୁ ଇଚ୍ଛୁକ ଖେଳାଳୀ ଯେଉଁମାନଙ୍କ ବୟସ ୩୧.୧୦.୨୦୨୬ ସୁଧା ୧୮ ବର୍ଷରୁ କମ୍ ହୋଇଥିବ ଏବଂ ଉଚ୍ଚତା, ବୟସ ଏବଂ ଓଜନକୁ ମିଶାଇଲେ ୨୫୦ରୁ କମ୍ ହେଉଥିବ ସେମାନେ ନିଜର ଆଧାର କାର୍ଡ ଏବଂ ବୟସ ପ୍ରମାଣ ପତ୍ର ସହିତ ସକାଳ ୮ଟାରେ ପହଁଚି ଖୋ ଖୋ ବିଭାଗୀୟ ସମ୍ପାଦକ ଅନାଦୀ ଚରଣ ସାହୁ ଏବଂ ପ୍ରୟାଶ ବିଦ୍ୟାମନ୍ଦିରର ଖେଳ ଶିକ୍ଷକ ମଦନ ମୋହନ ସାହୁଙ୍କ ନିକଟେର ଫଂଜୀକରଣ କରିବା ପାଇଁ ସାଧାରଣ ସମ୍ପାଦକ ସଂବିତ ମହାନ୍ତି ଅନୁରୋଧ କରୁଛନ୍ତି।

## ଏସିଆନ୍ ଗେମ୍ସ

### କ୍ୱାର୍ଟରରୁ ଅଭିଯାନ ଆରମ୍ଭ କରିବ ଭାରତୀୟ କ୍ରିକେଟ ଦଳ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ୨୦୨୬ ଏସିଆନ୍ ଗେମ୍ସରେ ଭାରତୀୟ କ୍ରିକେଟ ଦଳ କ୍ୱାର୍ଟରଫାଇନାଲରୁ ଅଭିଯାନ ଆରମ୍ଭ କରିବ। ଉଭୟ ପୁରୁଷ ଓ ମହିଳା ଦଳ ସିଧାସଳଖ ନକଆଉଟରେ ପ୍ରବେଶ କରିଛନ୍ତି। ଅର୍ଥାତ୍ ଉଭୟ ଦଳ କ୍ୱାର୍ଟରଫାଇନାଲରୁ ଅଭିଯାନ ଆରମ୍ଭ କରିବ। ଜାପାନର ନାଗୋୟାରେ ହେବାକୁଥିବା ଏସିଆନ ଗେମ୍ସରେ କ୍ରିକେଟ ଟି-୨୦ ଫର୍ମାଟରେ ଖେଳାଯିବ। ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ କ୍ରିକେଟ୍ ମୁକାବିଲା ହେବ। ମୋଟ୍ ୧୦ଟି ଦଳ ଅଂଶଗ୍ରହଣ କରିବେ। ଭାରତ, ବାଂଲାଦେଶ, ପାକିସ୍ତାନ ଓ ଶ୍ରୀଲଙ୍କା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଆଫଗାନିସ୍ତାନ, ହଂକଂ, ଜାପାନ, ମାଲେସିଆ, ନେପାଳ ଏବଂ ଓମାନ ଦଳ ପ୍ରିଲିମିନାରୀ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିବେ। ଏମାନଙ୍କ ମଧ୍ୟରୁ ୪ଟି ଦଳ କ୍ୱାର୍ଟରକୁ ଉନ୍ନୀତ ହେବେ। ମହିଳା କ୍ରିକେଟରେ ୮ଟି ଦଳ ଅଂଶଗ୍ରହଣ କରିବେ। କ୍ୱାର୍ଟରଫାଇନାଲରୁ ସିଧାସଳଖ ଅଭିଯାନ ଆରମ୍ଭ ହେବ। ଭାରତ ପ୍ରଥମ ମ୍ୟାଚରେ ଆୟୋଜକ ଜାପାନକୁ ଭେଟିବ। ୨୦୨୩ ଏସିଆନ ଗେମ୍ସରେ ଭାରତ ଦୁଇଟିଯାକ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

## ଫାଓ ଲିଗ୍

### ଦୁଇଟି ମ୍ୟାଚ ଡ୍ର'



ଭୁବନେଶ୍ୱର,୨୪।୭(ସବ୍ୟୁ): ଏମଜିଏମ ଫାଓ ଲିଗର ୨୦ତମ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚ ଡ୍ର' ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଚାନ୍ଦ କ୍ଲବ-ଜୟଦୂର୍ଗା କ୍ଲବ ମଧ୍ୟରେ ୧-୧ ଗୋଲ ଏବଂ ସନରାଇଜ କ୍ଲବ ଓ ବିଡ଼ାନାସୀ କ୍ଲବ ମଧ୍ୟରେ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ପ୍ରଥମ ମ୍ୟାଚରେ ଚାନ୍ଦ କ୍ଲବ ଓ ଜୟଦୁର୍ଗା ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଜୟଦୁର୍ଗ କ୍ଲବର ସମୀର ହାଂସଦା ୪୭ ମିନିଟରେ ଗୋଲ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚର ଶେଷ ମୂହୁର୍ତ୍ତରେ ଚାନ୍ଦ କ୍ଲବ ପକ୍ଷରୁ ପ୍ରଶାନ୍ତ ବାରିକ ଗୋଲ କରି ଦଳକୁ ଅଳ୍ପକେ ପରାଜୟରୁ ରକ୍ଷା କରିଥିଲେ। ମ୍ୟାଚର ୯୩ତମ ମିନିଟରେ ଚାନ୍ଦ କ୍ଲବ ପକ୍ଷରୁ ଏହି ଗୋଲ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚଟି ସନରାଇଜ କ୍ଲବ ଓ ବିଡାନାସୀ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହେବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧ୍ୟର ଗୋଲ ହୋଇନଥିଲା। ତେଣୁ ମ୍ୟାଚ ଡ୍ର' ରହିବା ସହ ପଏଣ୍ଟ ଭାଗ ହୋଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ପିଏମ କ୍ରିକେଟ କ୍ଲବର ଭବ୍ୟ ଉଦ୍‌ଘାଟନ




ଭୁବନେଶ୍ୱର,୨୪।୭(ସବ୍ୟୁ):ରାଜ୍ୟ କ୍ରିକେଟକୁ ନୂଆ ମାର୍ଗ ଦେଖାଇବ ପିଏମ କ୍ରିକେଟ କ୍ଲବ। ବଛା ବଛା ଦକ୍ଷ ପ୍ରତିଭାଙ୍କୁ ନେଇ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଯୋଗାଇବ ଏହି କ୍ଲବ। ଖୁବ୍ କମ ଦିନ ମଧ୍ୟରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ସହ ପିଏମ କ୍ରିକେଟ କ୍ଲବର ପ୍ରଶିକ୍ଷାର୍ଥୀ ଆଇପିଏଲ ତଥା ଜାତୀୟ ଦଳ ଭଳି ବଡ଼ ମଞ୍ଚରେ ସୁଯୋଗ ପାଇବାର ଦକ୍ଷତା ହାସଲ କରିବେ। ଏଭଳି ଅନେକ ଗୁଡିକ ଲକ୍ଷ୍ୟ ନେଇ ନିଜସ୍ୱ ପଡ଼ିଆ ସହ ପିଏମ କ୍ରିକେଟ କ୍ଲବ ନିଜର ଯାତ୍ରା ଆରମ୍ଭ କରିଛି। ଭୁବନେଶ୍ୱର ଉପକଣ୍ଠରେ ଥିବା ନହରକଣ୍ଟା ସ୍ଥିତ ଜୟଦେବ କଲେଜ ରୋଡ ହଂସପାଳ ଛକ ପାଖା ପାଖି ପିଏମ କ୍ରିକେଟ କ୍ଲବର ଗ୍ରାଉଣ୍ଡ ରହିଛି। କ୍ରିକେଟର ଏହି ପ୍ରୟୋଗଶାଳାରେ ୧୨ରୁ ୧୯ ବର୍ଷର ଉଭୟ ପୁଅ ଓ ଝିଅଙ୍କୁ ପୂର୍ଣ୍ଣକାଳୀନ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ୧୦ ଏକରରୁ ଉର୍ଦ୍ଧ୍ୱ ପରିମିତ ଅଞ୍ଚଳରେ ଥିବା ଏହି ପିଏମ କ୍ରିକେଟ କ୍ଲବର ଗ୍ରାଉଣ୍ଡରେ ୭୫ ୟାର୍ଡ୍ସର ବାଉଣ୍ଡାରୀ, ପ୍ରଫେସନାଲ, କୋଚିଂ ଷ୍ଟାଫ, ପଡିଆର କେନ୍ଦ୍ରରେ ୬ଟି ଟ୍ରଫ ୱିକେଟ, ୭ଟି ଅଭ୍ୟାସ ଟ୍ରଫ ୱିକେଟ, ହଷ୍ଟେଲ ସୁବିଧା, ଫ୍ଲଡଲାଇଟ, ଅଭ୍ୟାସ ବ୍ୟବସ୍ଥା, ବ୍ୟକ୍ତିଗତ ଭାବେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବାର ସୁବିଧା, ଦିନ ତମାମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କ୍ରୀଡା ଉପଯୋଗୀ ସ୍ୱାସ୍ଥ୍ୟକର ଖାଦ୍ୟ, ଭିଡିଓ ଆନାଲିସିସ, ନିୟମିତ ବ୍ୟବଧାନରେ ଅଭ୍ୟାସ ମ୍ୟାଚ, ଅନ୍ୟ ରାଜ୍ୟର ଏକାଡେମୀ ଗୁଡିକ ସହ ଅଭ୍ୟାସ ମ୍ୟାଚ ଖେଳାଯିବାର ଅଭିନବ ବ୍ୟବସ୍ଥା ସହ ପିଏମ କ୍ରିକେଟ କ୍ଲବ ଆରମ୍ଭ ହୋଇଛି। ଏହି କ୍ଲବ ପରିସରରେ ୬୦ ଜଣ ପିଲାଙ୍କ ପୂର୍ଣ୍ଣକାଳୀନ ରହିବାର ବ୍ୟବସ୍ଥା ଅଛି। ଖୁବ ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପିଲାମାନେ ଏବେ ଅଭ୍ୟାସ କରୁଛନ୍ତି। ଆଉ ମାସକ ମଧ୍ୟରେ ମୁଖ୍ୟ ଗ୍ରାଉଣ୍ଡ ଖେଳ ଉପଯୋଗୀ ହୋଇଯିବ। ପିଏମ କ୍ରିକେଟ କ୍ଲବର ଭବ୍ୟ ଉଦଘାଟନୀ କାର୍ଯ୍ୟକ୍ରମର ଭୁବନେଶ୍ୱରର ଏକ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରଣଜୀ ଦଳର କୋଚ୍ ପ୍ରଭଞ୍ଜନ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ଲବ ସଭାପତି କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଅଭିମନ୍ୟୁ ଜେନା ତଥା କ୍ଲବର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ପିଏମ କ୍ରିକେଟ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି